RNI No.ODIODI/2010/33031
୧୬ ବର୍ଷ | Volume-16
ISSUE -181 | ସଂଖ୍ୟା-୧୮୧
ଭୁବନେଶ୍ୱର, ମଙ୍ଗଳବାର, ୩୦ ସେପ୍ଟେମ୍ବର ୨୦୨୫
Bhubaneswar, Tuesday, 30 September, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ୪ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

## ଘଟଗାଁ ତାରିଣୀ ପୀଠକୁ ୨୨୬ କୋଟି, ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପ୍ରସ୍ତାବ ଅନୁମୋଦିତ



ଭୁବନେଶ୍ୱର, ୨୯।୯ (ନି.ପ୍ର.): ରାଜ୍ୟ କ୍ୟାବିନେଟରେ ୩ ବିଭାଗର ୪ଟି ପ୍ରସ୍ତାବରେ ମୋହର। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଓଡ଼ିଶାରେ ପ୍ରୟୋଗ ପାଇଁ ୧୯୪୮ର ୬୩ତମ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ଅନୁମୋଦିତ । ୨୦ କିମ୍ବା ଅଧିକ କର୍ମଚାରୀ ନିୟୋଜିତ କରିଥିବା ଦୋକାନ, ବ୍ୟାବସାୟିକ ପ୍ରତିଷ୍ଠାନ ପାଇଁ ଲାଗୁ ହେବ । ଓଡ଼ିଆରେ ସାଇନ ବୋର୍ଡ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

ଏଣେ କେନ୍ଦୁଝରର ଘଟଗାଁ ତାରିଣୀ ମନ୍ଦିର ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ ଡିପିଆର୍ ପ୍ରସ୍ତୁତି ସରିଛି। ୬୯ ଏକରରେ ପାରିପାର୍ଶ୍ୱିକ ଉନ୍ନତି ହେବ। ଏଥିଲାଗି ଖର୍ଚ୍ଚ ହେବ ୨୨୬ କୋଟି ଟଙ୍କା। ଏକ ହଜାର ବିଶିଷ୍ଟ ଯାତ୍ରୀ ନିବାସ, ନଡ଼ିଆ ଭଣ୍ଡାର, ଏକା ସାଙ୍ଗରେ ବସିଲା ଭଳି ୫୦୦ ସିଟ ବିଶିଷ୍ଟ ହଲ ନିର୍ମାଣ ହେବ।

ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ବିଦ୍ୟାଳୟର ବିକାଶ ପାଇଁ ପ୍ରସ୍ତାବ ଅନୁମୋଦିତ। ଶିକ୍ଷା ଅଧିକାରୀ ଆଇନ ୨୦୦୯ର ଉଦ୍ଦେଶ୍ୟକୁ ପୂରଣ ପାଇଁ ସମନ୍ୱୟ ରକ୍ଷା କରି ପ୍ରତି ପଞ୍ଚାୟତ ସ୍ତରରେ ପ୍ରାଥମିକ ସ୍ତରରେ ଗୋଟିଏ ଲେଖାଏଁ ବିଦ୍ୟାଳୟ ସ୍ଥାପନ ହେବ। ୩ ବର୍ଷ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ୨ ହଜାର ୨୦୦ଟି ବିଦ୍ୟାଳୟ ନିର୍ମାଣ ହେବ। ଏଥିଲାଗି ଖର୍ଚ୍ଚ ହେବ ୧୨ ଶହ କୋଟି ଟଙ୍କା ।୫ କୋଟିରୁ ଅଧିକ ଟଙ୍କା ଗୋଟିଏ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ। ପ୍ରଥମ ପର୍ଯ୍ୟାୟରେ ୩ ବର୍ଷ ଏବଂ ପରେ ସମସ୍ତ ପଞ୍ଚାୟତରେ ନିର୍ମାଣ କରାଯିବ ।କେନ୍ଦୁଝରର ପ୍ରସିଦ୍ଧ ଘଟଗାଁ ମା' ତାରଣୀ ମନ୍ଦିର ଓ ପାରିପାର୍ଶ୍ୱିକ ବିକାଶ ପାଇଁ ରାଜ୍ୟ ସରକାର ମୋଟ ୨୨୬କୋଟି ଟଙ୍କା ଖର୍ଚ୍ଚ କରିବେ । ଏନେଇ ପ୍ରସ୍ତୁତ ଡିପିଆରକୁ ସରକାର ମଞ୍ଜୁର କରିବା ସହ ମୋଟ ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ଉନ୍ନତିମୂଳକ କାର୍ଯ୍ୟକୁ ୨୪ ମାସ ଭିତରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ ସହ ତୀର୍ଥଯାତ୍ରୀ କେନ୍ଦ୍ର, ନଡିଆ ଭଣ୍ଡାର ଓ ୫୦୦ ଲୋକ ବସିବା ଭଳି ପ୍ରସାଦସେବନ ପ୍ରକୋଷ୍ଠ, ଜିନିଷ ରଖିବା ଘର ଆଦି ନିର୍ମାଣ ହେବ। ମା'ଙ୍କ ପୀଠକୁ ଦେଶର ଏକ ପ୍ରମୁଖ ଧାର୍ମିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।ଓଡିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ-୧୯୫୬ର ପ୍ରବଧାନ ଅନୁସାରେ ୨୦ କିମ୍ବା ତା'ଠୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ପାଇଁ ଲାଗୁ ହେବ । ସମସ୍ତ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ ନିଜର କର୍ମଚାରୀଙ୍କ ସଂଖ୍ୟାକୁ ଓଡିଆ ସାଇନ ବୋର୍ଡରେ ପ୍ରଦର୍ଶନ କରିବେ । କର୍ମଚାରୀଙ୍କ ଦୈନିକ କାର୍ଯ୍ୟ ଅବଧିକୁ ୯ଘଣ୍ଟାରୁ ୧୦ଘଣ୍ଟାକୁ ବୃଦ୍ଧି କରାଯାଇଛି । କୌଣସି କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କରିବେ ନାହିଁ । ଯଦି ସେ ଅଧିକ ଅବଧି ପାଇଁ କାର୍ଯ୍ୟ କରନ୍ତି, ତେବେ ତାଙ୍କୁ ଓଭରଟାଇମ୍ ବାବଦରେ ସେ ପାଉଥିବା ସାଧାରଣ ମଜୁରୀ ତୁଳନାରେ ଘଣ୍ଟା ପିଛା ଦୁଇଗୁଣ ଅଧିକ ପାରିଶ୍ରମିକ ପାଇବାକୁ ହକଦାର ହେବ । ତେବେ ପ୍ରତି ୩ମାସରେ ସର୍ବାଧିକ ୧୪୪ଘଣ୍ଟା ଓଭରଟାଇମ୍ ଜଣେ କର୍ମଚାରୀ କରିପାରିବେ । କର୍ମଚାରୀଙ୍କ କାର୍ଯ୍ୟ ଅବଧି ଅତି କମରେ ଅଧଘଣ୍ଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ । ପ୍ରତିଷ୍ଠାନ ଗୁଡିକ ଦିନରାତି ୨୪ ଘଣ୍ଟା ଓ ବର୍ଷକୁ ୩୬୫ ଦିନ ଖୋଲା ରହିପାରିବ । ମହିଳା କର୍ମଚାରୀମାନେ ଚାହିଁଲେ ଲିଖିତ ସମ୍ମତି ଦେଇ ରାତିରେ କାର୍ଯ୍ୟ କରିପାରିବେ । ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସୁରକ୍ଷା ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କୁ ରାତ୍ରିରେ ନିୟୋଜିତ କରାଯାଇପାରିବ।





ଯାଜପୁରରେ ଦେବୀ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି।

## ମହାଷ୍ଟମୀରେ କ୍ଷେତ୍ରେଶ୍ୱରୀ ମା ବିରଜାଙ୍କ ପୀଠରେ ପ୍ରବଳ ଭିଡ

ଯାଜପୁର: ୨୯/୦୯ (ନି.ପ୍ର.):ସବୁଠି ଚାଲିଛି ମାଆ ଙ୍କ ଆବାହନି। ଆଜି ପୂଜା ମଣ୍ଡପ ରେ ମହାସପ୍ତମୀ ପାଳିତ ହେଉଥିବା ବେଳେ ପୀଠରେ ମହାଷ୍ଟମୀ ପାଳିତ ହେଉଛି । ଭାରତ ବର୍ଷ ର ୫୧ଟି ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପୀଠ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପୀଠ ଏଥି ପାଇଁ ଲୋକାରଣ୍ୟ ହୋଇ ଉଠିଛି। ମହାଷ୍ଟମୀ ପାଇଁ ଫୁଲ ଓ ଆଲୋକମାଳାରେ ବଧୁ ବେଶରେ ସଜେଇ ହୋଇଛି ମାଙ୍କ ମନ୍ଦିର। ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବଡ଼ି ଭୋରୁ ଶାସନ ବ୍ରାହ୍ମଣ ମାନେ ପବିତ୍ର ବୈତରଣୀରୁ ଜଳ ଆଣି ମା ଙ୍କ ସ୍ନାନ କରାଯିବା ପରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି ମା। ଏହି ନବରାତ୍ର ଅବସରରେ ମାଙ୍କ ଗର୍ଭ ଗୃହରେ ଭକ୍ତ ମାନଙ୍କୁ ପ୍ରବେଶ କରି ମାଙ୍କ ମୁଖ ଦର୍ଶନ ସହ ଚରଣ ସ୍ପର୍ଶ କରିବାକୁ ସୁଯୋଗ ମିଳିଥିବାରୁ ଆଜି ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ମୂଳାଷ୍ଟମୀ ଠାରୁ ରାତ୍ରରେ ହୋମ ଯଜ୍ଞ ସହ ମାଙ୍କ ଷୋଡଶ ଉପଚାର ପୂଜା ଜାରି ରହିଛି। ଏଥିସହ ଅପରାହ୍ନ ରେ ମାଙ୍କ ରଥଯାତ୍ରା ଅନଷ୍ଠିତ ହେବ। ମା ଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଛି ।ବିଶ୍ୱାସ ରହିଛି ମା ଙ୍କ ମୁଖ ଦର୍ଶନ ସହ ରଥ ଦଉଡି ସ୍ପର୍ଶ କଲେ କୋଟି ଜନ୍ମର ପାପ କ୍ଷୟ ହୋଇଥାଏ। ଅଜି ରାତ୍ର ୮.୧୫ରେ ମହାଷ୍ଟମୀ ପାଇଁ ମହାସ୍ନାନ ଅନୁଷ୍ଠିତ ହେବା ସହ ମାଙ୍କ ମହାବେଶ କରାଯିବ। ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଯଜ୍ଞ ପୂର୍ଣାହୁତି କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି।

**ଅଭିନନ୍ଦନ**



ଯାଜପୁର ସ୍ୱତନ୍ତ୍ର ବିଶେଷାଙ୍କ ଅବସରରେ ଦୈନିକ 'ମନ୍ଥନ'ର ସମସ୍ତ ପାଠକପାଠିକା/ବିଜ୍ଞାପନଦାତା ଓ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଉଛି।

**ଦୟାନିଧି ନାୟକ, ଯାଜପୁର ଜିଲ୍ଲା ପ୍ରତିନିଧି**

**ଶୁଭେଚ୍ଛା**



ଯାଜପୁର ସ୍ୱତନ୍ତ୍ର ବିଶେଷାଙ୍କ ଅବସରରେ ଦୈନିକ 'ମନ୍ଥନ'ର ସମସ୍ତ ପାଠକପାଠିକା/ବିଜ୍ଞାପନଦାତା ଓ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଉଛି।

**ଶରତ ରାଉତ, ସମ୍ପାଦକ**




## ଶିରୀଶ ମୁର୍ମୁ ଆରବିଆଇ ଡେପୁଟି ଗଭର୍ଣ୍ଣର



ନୂଆଦିଲ୍ଲୀ, ୨୯।୯ : ପୁଣି ଜଣେ ଓଡିଆଙ୍କୁ ରିଜର୍ଭ ବ୍ୟାଙ୍କରେ ଗୁରୁଦାୟିତ୍ୱ । ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଡେପୁଟି ଗଭର୍ଣ୍ଣର ଭାବେ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ ନିଯୁକ୍ତି ଦେଇଛି। ଅକ୍ଟୋବର ୯ରେ ସେ ଦାୟିତ୍ୱ ଗ୍ରହଣ କରିବେ ଏବଂ ୩ ବର୍ଷ ପାଇଁ ଏହି ପଦବୀରେ ରହିବେ। ଶିରୀଶଙ୍କ ନିଯୁକ୍ତିକୁ ଅନୁମୋଦନ ଦେଇଛି କେନ୍ଦ୍ର କ୍ୟାବିନେଟ୍ର ନିଯୁକ୍ତି କମିଟି । ଏବେ ରିଜର୍ଭ ବ୍ୟାଙ୍କ୍ର ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ଅଛନ୍ତି ଶିରୀଶ ଚନ୍ଦ୍ର ମୁର୍ମୁ । ତାଙ୍କ ଘର ମୟୂରଭଞ୍ଜ ଜିଲ୍ଲା ବେତନଟିରେ । ବର୍ତ୍ତମାନ ଡେପୁଟି ଗଭର୍ଣ୍ଣର ଥିବା ରାଜେଶ୍ୱର ରାଓଙ୍କ କାର୍ଯ୍ୟକାଳ ଅକ୍ଟୋବର ୮ରେ ଶେଷ ହେବ।

ଏପଟେ ଶିରୀଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଜଣେ ସୁଯୋଗ୍ୟ ଓଡିଆ ଦେଶର ସର୍ବୋଚ୍ଚ ବ୍ୟାଙ୍କରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ତାଙ୍କର ଦୀର୍ଘ ଅଭିଜ୍ଞତା ଦେଶର ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ ବୋଲି ସୋସିଆଲ ମିଡିଆରେ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ । ସୂଚନା ଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା ବେତନଟିର ଶିରୀଶ ଚନ୍ଦ୍ର ମୁର୍ମୁ ହେଉଛନ୍ତି ପୂର୍ବତନ ସିଏଜି ତଥା ଜାମ୍ମୁ-କାଶ୍ମୀରର ପୂର୍ବତନ ଉପରାଜ୍ୟପାଳ ଗିରିଶ ଚନ୍ଦ୍ର ମୁର୍ମୁଙ୍କ ଭାଇ।




## ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା କାନାଡା

ଓଟାୱା, ୨୯।୯ : କାନାଡା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗକୁ ଏକ ଆତଙ୍କବାଦୀ ଗୋଷ୍ଠୀ ଭାବରେ ଘୋଷଣା କରିଛି। କାନାଡା ସରକାର କହିଛନ୍ତି ଯେ ଏହି ଗ୍ୟାଙ୍ଗ ଭାରତରେ ଅବସ୍ଥିତ ଏବଂ ଏହାର ନେତା ଜେଲରେ ଥିବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର କରି ଅପରାଧ କରେ। ଆତଙ୍କବାଦୀ ସଂଗଠନ ଘୋଷଣା ପରେ କାନାଡା ସରକାର ଏବେ ଗ୍ୟାଙ୍ଗର ସମ୍ପତ୍ତି ଜବତ କରିପାରିବେ ଏବଂ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟ ବନ୍ଦ କରିପାରିବେ। ଗତ ବର୍ଷ, କାନାଡା ପୁଲିସ ଦାବି କରିଥିଲା ଯେ ଭାରତ କାନାଡାରେ ଖଲିସ୍ତାନ ସମର୍ଥକମାନଙ୍କୁ ହତ୍ୟା ଏବଂ ଭୟଭୀତ କରିବା ପାଇଁ ଏହି ଗ୍ୟାଙ୍ଗକୁ ବ୍ୟବହାର କରିଥିଲା।

### ଡାହୁକ



ନେତା ରାଜନେତା ଛତ୍ର ଛାୟାତଳେ
ଦୁର୍ବୃତ୍ତ ମାରନ୍ତି ହାଇ
ପୁଲିସି ନାଚନ୍ତି ଥେଇ ଥେଇ ହୋଇ
ଇସାରା ତାଙ୍କର ପାଇ
ଜନତା ରହନ୍ତି ଚାହିଁ
ରାଜ୍ୟରୁ ଦୁର୍ଦ୍ଦଶା ନାରୀଙ୍କଠୁ ଦଶା
କଟିବ କେମିତି ଭାଇ।

-ବିଧୂ





# ୩ ମହିଳା ଲୁଟେରା ଗିରଫ, କୋର୍ଟ ଚାଲାଣ

ରାଜଗାଙ୍ଗପୁର,୨୯।୯:(ମନ୍ଥନ) ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୋଲିସ ଦ୍ୱାରା ରବିବାର ଲୁଟ କରୁଥିବା ଅଭିଯୋଗରେ ୩ ମହିଳା ଲୁଟେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଛତିଶଗଡର ବିଲାସି ବାଇ, ସୁନି ବାଇ ଓ ବିନି ବିନିତା ଲୋ ଲୋହାର । ସୂଚନାଯୋଗ୍ୟ, ରାଜଗାଙ୍ଗପୁରରେ ରବିବାର ସାପ୍ତାହିକ ବଜାର ବ ବସିଥାଏ । ଏହି ଦିନ ବହୁତ ଭିଡ ଥିବାରୁ ଏହାର ସୁଯୋଗ ନେଇ କିଛି ଦିନ ହେବ ବୁଢାବୁଢୀ ଓ ମହିଳାଙ୍କଠାରୁ ଲୁଟ ହେଉଥିଲା । ରବିବାର ଦିନ ପ୍ରାୟ ୯ଟା ସମୟରେ ଲୀବେଣ୍ଡା ନିବାସି ମହିଳା ଅମ୍ରିତା କୁଲୁ ବଜାର ନିକଟ ପୋଷ୍ଟ ଅଫିସ ପାଖରେ ଯାଉଥିବା ସମୟରେ ଉପରୋକ୍ତ୩ ଜଣ ମହିଳା ଅମ୍ରିତାଙ୍କୁ ମାଡମାରି ତଳେ ପକାଇ ଦେଇ ତାଙ୍କର ଭେନିଟି ବ୍ୟାଗକୁ ଟାଣିନେଇ ପଳାଇଥିଲେ । ଏହି ଭେନିଟି ବ୍ୟାଗରେ ୨୫ ହଜାର ୫୦୦ ଟଙ୍କା ଓ ୨ଟି ବ୍ୟାଙ୍କର ଏଟିଏମ କାର୍ଡ ଥିଲା । ଘଟଣା ପରେ ଅମ୍ରିତା ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ କ୍ରମେ ଥାନା ଅଧିକାରୀ ବିଜୟ ଦାସଙ୍କ ନେତୃତ୍ୱରେ ପୋଲିସ ୩ ମହିଳା ଲୁଟେରାଙ୍କୁ ଠାବକରି ଧରିବାରେ ସକ୍ଷମ ହୋଇଥିଲା । ଅଭିଯୁକ୍ତମାନଙ୍କଠାରୁ ଲୁଟ ସାମଗ୍ରୀ ରାଜଗାଙ୍ଗପୁର ଏକ ମାମଲା ଜବତ ହୋଇଥିଲା । ଥାନାରେ ଏନେଇ (ନଂ.୫୦୭/୨୦୨୫) ରୁଜୁ ସେଠି ହୋଇ ଏସଆଇ ରାଜେଶ ତଦନ୍ତ ତଦନ୍ତ ଜାରି ରଖିଛନ୍ତି।

# ସହୀଦ ଭଗତ ସିଂହ ୧୧୮ ତମ ଜନ୍ମ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର

ନୟାଗଡ଼, ୨୯।୯:(ମନ୍ଥନ)ନୟାଗଡ଼ ଜିଲ୍ଲା ଗୋଡିପଡା ଠାରେ ସହୀଦ ଭଗତ ସିଂହଙ୍କ ୧୧୮ ତମ ଜନ୍ମ ଜୟନ୍ତୀ ଭାରତର ଗଣତାନ୍ତ୍ରିକ ଯୁବଫେଡେରେସନ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳ ୮ଘଟିକା ସମୟରେ ସହୀଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତି ଠାରେ ଯୁବଫେଡେରେସନ ଓଡଗାଁ ବ୍ଲକ ସମ୍ପାଦକ ଧିରେନ ପାତ୍ର ପତାକା ଉତୋଳନ କରିବା ପରେ ସହୀଦ ବେଦିରେ ମାଲ୍ୟାର୍ପଣ କରି ସହୀଦ ଭଗତ ସିଂହଙ୍କ ସ୍ମୃତି ଚାରଣ କରିଥିଲେ । ମୁଖ୍ୟ ଉଦ୍ୟୋକ୍ତା ସନ୍ତୋଷ କୁମାର ଷଡ଼ଙ୍ଗୀ, କୃଷକ ନେତା ପବିତ୍ର ଇନ୍ଦ୍ରଜିତ, ଗୋଲକ ବିହାରୀ ମୁଦୁଲି, ଆଲୋକ ପ୍ରଧାନ, ନାରୀ ନେତ୍ରୀ ଜ୍ୟୋତି ପ୍ରଭା ଜେନା, ଲକ୍ଷ୍ମୀଧର ପ୍ରଧାନ, ମାନସ ମହାପାତ୍ର, ପବିତ୍ର ସାହୁ ବିଶିଷ୍ଟ ସମାଜସେବୀ ଦାମୋଦର ସାହୁ, କୁବେର ମହାରଣା, ବେଣୁଧର ମାର୍ଥା,ପ୍ରମୁଖ ଉପସ୍ଥିତ ଥିଲେ । ଗୋଡିପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୨ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା ।

# ଜୁଆ ଆଡ୍ଡା ଉପରେ ଚଢାଉ, ୬ ଜୁଆଡି ଗିରଫ

ବୁଗୁଡା, ୨୯।୯:(ମନ୍ଥନ) ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ବାଲିପଦର ଗ୍ରାମର ପଣ୍ଡା ସାହି କୋଠଘର ସମ୍ମୁଖରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ରବିବାର ସନ୍ଧ୍ୟାରେ ପୋଲିସ ଅଚାନକ ଚଢାଉ କରି ୬ ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ସେଠାରୁ ୬୮୯୦ ଟଙ୍କା ଓ ତାସ ଜବତ କରିଥିବା ଜଣାପଡିଛି । ଏ ନେଇ କେସ୍ ନଂ ୬୦୮/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ନେତୃତ୍ୱରେ ପୋଲିସ ଦଳ ଏହି ଚଢାଉ କାର୍ଯ୍ୟ ହୋଇଥିଲା ।

# ସାମ୍ବାଦିକଙ୍କ ପିତୃ ବିୟୋଗ

କେନ୍ଦ୍ରାପଡ଼ା,୨୯।୯:(ମନ୍ଥନ):କଟକ ଜିଲ୍ଲାର ମାହାଙ୍ଗା ନିବାର୍ଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକର ବନ୍ତଳା ଗ୍ରାମର ବିଶିଷ୍ଟ ସମାଜସେବୀ ସହଦେବ ସାମଲଙ୍କ ୭୨ବର୍ଷ ବୟସରେ ବିୟୋଗ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ଥିଲେ। ସେ ହେଉଛନ୍ତି ଦୈନିକ ଖବରକାଗଜ 'ସମ୍ବାଦ'ର କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିନିଧି ସୁବ୍ରତ କୁମାର ସାମଲଙ୍କ ପିତା। ସେ ଜଣେ ସମାଜସେବୀ, ମିଷ୍ଟଭାଷୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ସୁବ୍ରତ, ବୋହୁ ଓ ପତ୍ନୀଙ୍କ ସମେତ ପରିବାର ପରିଜନ ଉପସ୍ଥିତ ଥିଲେ। ବିୟୋଗ ଖବର ପାଇ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, କେନ୍ଦ୍ରାପଡ଼ାର ପ୍ରାକ୍ତନ ପୌର ସଦସ୍ୟ ହିରଣ୍ୟ କୁମାର ପଣ୍ଡା,ବିଜେଡି ଯୁବନେତା ରାଜେଶ କୁମାର ପଣ୍ଡା, ସମ୍ବିତ ହରିଚନ୍ଦନ, ଦୈନିକ ସକାଳର ପ୍ରତିନିଧି ଦେବଦତ୍ତ ଦାଶ ପ୍ରମୁଖ ବହୁ ବିଶିଷ୍ଟବ୍ୟକ୍ତି ତାଙ୍କ ବନ୍ତଳାସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବାଦ ଫଟୋ ଗ୍ରାଫର ପ୍ରଦୀପ ସାହୁ, କନକ ଟିଭିର ଜିଲ୍ଲା ପ୍ରତିନିଧି ସନ୍ତୋଷ ପଣ୍ଡା, ଅର୍ଗସର ପ୍ରତିନିଧି ସୁଶାନ୍ତ ନାୟକ, ଦୈନିକ ସଂଚାରର ପ୍ରତିନିଧି ମୁକ୍ତେଶ୍ୱର ସ୍ୱାଇଁ, ସମାଜସେବୀ ସରୋଜ ଦାସ, ଟୀୟ ବୋଟଲ ପ୍ରମୁଖ ସ୍ୱର୍ଗତ ସାମଲଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ସାମଲଙ୍କ ବିୟୋଗରେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ଦାସଙ୍କ ସମେତ ଜିଲ୍ଲାର ସବୁ ସାମ୍ବାଦିକ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ସ୍ୱର୍ଗତ ସାମଲଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପର୍ଣ୍ଣ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ମନମୋହନ ମୁଖାଗ୍ନି ଦେଇଥିଲେ।

# ଡାକରଡାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବୁଗୁଡ଼ା : ତା ୨୮/୦୯/୨୫ : ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନଠାରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ପାଳନ ହେଉଥିବା ସେବା ପକ୍ଷ ଅବସରରେ ବୁଗୁଡା ବ୍ଲକ ଡାକରଡା ଗ୍ରାମରେ ପଞ୍ଚାୟତ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛିୟ ଉକ୍ତ ଶିବିରରେ ୩୫ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲା ବେଳେ ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷ ରକ୍ତ ସଂଗ୍ରହ ଦାୟିତ୍ୱ ନିର୍ବାହ କରିଥିଲେୟ ଏହି କାର୍ଯ୍ୟକ୍ରମରେ ଡାକରଡା ସରପଞ୍ଚ ଦିଲ୍ଲୀପ ପ୍ରଧାନ, କରଚୁଲି ମଣ୍ଡଳ ବିଜେପି ସଭାପତି ସୁନୀଲ ପ୍ରଧାନ, ବ୍ଲକ ବିଧାୟକ ପ୍ରତିନିଧି ହରିହର ସାହୁ, ଗଙ୍ଗାଧର ନାୟକ, ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେୟ

# ଉତ୍କଳ ସମ୍ମିଳନୀ ପକ୍ଷରୁ ରାଧାନାଥଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା,୨୯।୯:(ମନ୍ଥନ)ଓଡ଼ିଆ କାବ୍ୟ ସାହିତ୍ୟରେ ଆଧୁନିକତାର ଯୁଗ ପ୍ରବର୍ତ୍ତକ କବିବର ରାଧାନାଥ ରାୟଙ୍କ ୧୭୮ତମ ଜୟନ୍ତୀ ସମାରୋହ ଉତ୍କଳ ସମ୍ମିଳନୀ ଓ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ମିଳିତ ଭାବରେ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ୩୦ ତମ ପ୍ରତିଷ୍ଠା ଦିବସ ଅବସରରେ ପବ୍ଲିକ ରିଡିଙ୍ଗ୍ ରୁମ୍ ପରିସରରେ ସଭାପତି ପ୍ରାଧ୍ୟାପକ ନନ୍ଦକିଶୋର ପରିଡାଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରାଧ୍ୟାପକ ମୋହନ ଚରଣ ଜେନା। ରାଧାନାଥଙ୍କୁ ଓଡ଼ିଆ। ସାହିତ୍ୟରେ ନବଜାଗରଣର ସ୍ରଷ୍ଟା ଭାବେ ଅଭିହିତ




କରିଥିଲେ। ଏହି ସଭାରେ ପ୍ରାଧ୍ୟାପକ ସୁରେନ୍ଦ୍ରନାଥ ଆଚାର୍ଯ୍ୟ ମୁଖ୍ୟବକ୍ତା, ଅଧ୍ୟାପକ ଅଜୟ ସାମଲ ଓ ଶୁଭ୍ରାଂଶୁ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ସମ୍ପାଦକ ଡ. ବାସୁଦେବ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଦିକନ୍ଦ ରାଉଳ ଅତିଥି ପରିଚୟ ଓ ଡ. ଚୈତନ୍ୟ ଚରଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଧିରେନ୍ ସାହୁ, ନୃସିଂହ ତ୍ରିପାଠୀ, ଶ୍ରୀଧର ମହାନ୍ତି, ମନୋରଞ୍ଜନ ତ୍ରିପାଠୀ, ଅବଧୂତ ରାଉତ, ଅଶୋକ କୁମାର ସାହୁ, ମଧୁସ୍ମିତା ସ୍ୱାଇଁ, ଅଜୟ କୁମାର ପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲ୍ଲାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱତନ୍ତ୍ର ଭେଟି ପାଇଁ ସାଧୁବାଦ ଜଣାଇଲେ ଚିକିଟି ବିଧାୟକ

ବ୍ରହ୍ମପୁର,୨୯।୯:(ମନ୍ଥନ) ସ୍ଥାନୀୟ ରେଳ ଷ୍ଟେସନ ନିକଟସ୍ଥ ସ୍ପେଶାଲ ସର୍କିଟ ହାଉସ ଠାରେ ଆଜି ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ । ଏଥିରେ ସେ ଗଞ୍ଜାମ ଜିଲ୍ଲା ପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଥିବା ସହ ସମୟ କ୍ରମେ ଏଠାରେ ବିକାଶର ନୂତନ ଭିତ୍ତି ସ୍ଥାପିତ ହେଉଛି ବୋଲି କହିଥିଲେ । ସେହିପରି ସମ୍ପ୍ରତି ଏମକେସିଜି ମେଡ଼ିକାଲକୁ ୧୪୦୦ କୋଟି ଟଙ୍କାର ଅନୁଦାନ ରାଶି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା କଥା ଦୋହରାଇ ଥିଲେ । ଏଥି ସହିତ ଚିକିଟି ନିର୍ବାଚନ ମଣ୍ଡଳୀର ସୁନାପୁର ସାମୁଦ୍ରିକ ଅଞ୍ଚଳରେ ନୂତନ ଶିଳ୍ପ ପାର୍କ ଗଢି ଉଠିବ, ଯାହା ଜିଲ୍ଲାର ବିକାଶରେ ଏକ ମାଇଲଖୁଣ୍ଟ ବୋଲି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ଥିଲା, କିନ୍ତୁ ଅନୁକୂଳ ପାଗ ନଥିବାରୁ ତାହା ସ୍ଥଗିତ ହୋଇ ଏହି କାର୍ଯ୍ୟକ୍ରମ ଝାରସୁଗୁଡ଼ା ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା । ଏଠାରେ ପ୍ରଧାନମନ୍ତ୍ରୀ ଗଞ୍ଜାମ ଜିଲ୍ଲାକୁ ଭେଟି ପ୍ରଦାନ ପୂର୍ବକ ବ୍ରହ୍ମପୁର ଠାରୁ ଉଦାନର ସୁରତକୁ ନୂତନ ଅମୃତ ଭାରତ ଏକ୍ସପ୍ରେସ ଚଳାଚଳ ଆରମ୍ଭ ହେବ ନେଇ ଶୁଭାରମ୍ଭ କରିଥିଲେ। ଏହା ଗଞ୍ଜାମ ଜିଲ୍ଲାର ସମସ୍ତ ଶ୍ରମିକଙ୍କ ସମେତ ଜିଲ୍ଲାବାସୀଙ୍କ ଲାଗି ବଡ଼ ଉପଲବ୍ଧି ହୋଇଛି, ସେହିଭଳି ଏମକେସିଜି ମେଡ଼ିକାଲ କଲେଜକୁ ୧୪୦୦ କୋଟି ଟଙ୍କାର ଅନୁଦାନ ଘୋଷଣା ଦ୍ୱାରା ଏମକେସିଜି ଇଲାକାରେ ନୂତନ ଡ଼େଣ୍ଟାଲ କଲେଜ ଓ ହସ୍ପିଟାଲ ହେବାୟ ଏମକେସିଜିରେ ହ୍ୟାଲିପେଡ଼ର ବ୍ୟବସ୍ଥା ହେବ, ଏହି ଠାରୁ ଏୟାରଲିଫ୍ଟ କରାଯିବାର ସୁବିଧା ମିଳିବ, ଏଥିସହ ସୁପର ସ୍ପେସାଲିଟି କ୍ଷେତ୍ରରେ ଏମକେସିଜି ଆଉ ପାଦେ ଆଗକୁ ବଢିବ । ଏମକେସିଜିର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଧାରିବା ନିମନ୍ତେ ବହୁବାର ସେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ପ୍ରତି ସରକାର ଏହାକୁ ବୁଝିବା ସହ ଏହି ବଡ଼ ପ୍ୟାକେଜ ଘୋଷଣା କରିଛନ୍ତି । ଯାହା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ଶ୍ରୀ ସାମନ୍ତରା କହିଛନ୍ତି । ସେହିଭଳି ଡ଼ବଲ ଇଞ୍ଜିନ ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସଦା ଗୁରୁତ୍ୱ ଦେଇଛନ୍ତି, ଆଗାମୀ ଦିନରେ ମଧ୍ୟ ଗଞ୍ଜାମ ଜିଲ୍ଲାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବେ ବୋଲି ସେ ଦୃଢ ଆଶାବାଦୀ ରହିଛନ୍ତି । ସେହିଭଳି ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁନାପୁର ବେଳଭୂମି ଅଞ୍ଚଳରେ ନୂତନ ପୋର୍ଟ ହେବ, ଏଠାରେ ୬ ହଜାର ହେକ୍ଟର ଜମିରେ ନୂତନ ଇଣ୍ଡଷ୍ଟ୍ରିଆଲ ପାର୍କ ଗଢି ଉଠିବ । ଯାହା ଫଳରେ ସ୍ଥାନୀୟ ଯୁବକ ମାନେ ନିଯୁକ୍ତି ପାଇ ପାରିବେ ବୋଲି ଶ୍ରୀ ସାମନ୍ତରା ଆହୁରି କହିଛନ୍ତି । ତେବେ ବିଗତ ଦିନରେ ମୁଖ୍ୟମନ୍ତ୍ରୀ ମଧ ଗଞ୍ଜାମ ଜିଲ୍ଲାରେ ଶିଳ୍ପକୁ ଆଗକୁ ବଢାଇବା ଲାଗି ନୂତନ ଭିତ୍ତି ଦେଇଛନ୍ତି, ଯାହା ବିକାଶର ପରକାଷ୍ଠାକୁ ପ୍ରତିପାଦିତ କରିଛି । ଅନ୍ୟପକ୍ଷରେ ବିଧାୟକ ଶ୍ରୀ ସାମନ୍ତରା ଗତ କିଛିମାସ ପୂର୍ବେ ସୁରତ ଯାଇଥିଲେ, ସେଠାରେ ଓଡ଼ିଆଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ । ଅଙ୍ଗନବାଡ଼ି ଠାରୁ ଆରମ୍ଭ କରି ନିୟମିତ ରେଳ ଚଳାଚଳ, ଓଡ଼ିଆ ଭବନ ଆଦି ପ୍ରତିଷ୍ଠା ସମ୍ପର୍କରେ ସାଧାରଣ ଲୋକ ଦୃଷ୍ଟି ଆକର୍ଷଣ କରିଥିଲେ । ଏ ସମ୍ପର୍କରେ ସେ ଅନବରତ ଭାବେ ସରକାରଙ୍କ ସହିତ ଆଲୋଚନା କରିବା ସହିତ ଅନେକ ସମସ୍ୟା ସମାଧାନ କରିବାରେ ସରକାର ଆଗ୍ରହ ପ୍ରକାଶ କରିଥିବା ସେ କହିଛନ୍ତି । ଏନେଇ ଶ୍ରୀ ସାମନ୍ତରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱୀନ ବୈଷ୍ଣବ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର ପଟେଲ, ସ୍ୱାସ୍ଥ୍ୟମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ, ଗୁଜୁରାଟ ରାଜ୍ୟର ବିଧାୟକ ମନୁ ଭାଇ ପଟେଲ, ଛଟୁ ଭାଇ ପଟେଲଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

# ସପ୍ତମୀ ପାଇଁ କ୍ଷେତ୍ରେଶ୍ୱରୀ ମା ବିରଜାଙ୍କର ପୀଠ ଚଳଚଂଚଳ

ଯାଜପୁର,୨୯।୯:(ମନ୍ଥନ) ଭାରତ ବର୍ଷର ୫୧ଟି ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପୀଠ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପୀଠରେ ଆଜି ମହାସପ୍ତମୀ । ଏଥି ପାଇଁ ଉତ୍ସବ ମୁଖର ହୋଇ ଉଠିଛି ସମଗ୍ର ଅଂଚଳ। ବଡ଼ି ଭୋରୁ ପବିତ୍ର ବୈତରଣୀରୁ ଜଳ ଅଣାଯାଇ ମା ଙ୍କ ସ୍ନାନ କରାଯାଇଛି। ନବରାତ୍ର ଅବସର ରେ ନଅ ଦିନ ମାଙ୍କ ଗର୍ଭ ଗୃହରେ ଭକ୍ତ ମାନଙ୍କୁ ପ୍ରବେଶ କରି ମାଙ୍କ ମୁଖ ଦର୍ଶନ ସହ ଚରଣ ସ୍ପର୍ଶ କରିବାକୁ ସୁଯୋଗ ମିଳିଥାଏ। ଏହି ପାଇଁ ସକାଳୁ ହଜାର ହଜାର ସଂଖ୍ୟକ ଭକ୍ତ ମାନଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ରାତ୍ର ରେ ହୋମ ଯଜ୍ଞ ସହ ମାଙ୍କ ଷୋଡଶ ଉପଚାର ପୂଜା ଜାରି ରହିଥିବା ବେଳେ ପ୍ରତିପଦ ଠାରୁ ମା ବିରଜାଙ୍କର ନବଦିବସୀୟ ରଥଯାତ୍ରା ଆରମ୍ଭ ହୋଇଛି । ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତ ମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି।

# ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ପଙ୍କଜ ବାରିକିଙ୍କ ଉଦ୍ଧେଶ୍ୱରେ ସ୍ମୃତି ସଭା

ଗଞ୍ଜାମ,୨୯।୯:(ମନ୍ଥନ)ଗଞ୍ଜାମ ଏନଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମର ଆଇନଜୀବୀ ତଥା ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ପଙ୍କଜ କୁମାର ବାରିକି (ମିଟୁ ସାର )ଙ୍କ ଉଦ୍ଧେଶ୍ୱରେ ଏକ ସୃତି ଚାରଣ ସଭା ପୁଇଁତୋଳା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ କୈଳାସ ପଲାଇ ଙ୍କ ସଭାପତିତ୍ୱ ରେ ଆୟୋଜିତ ଶୋକ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱର୍ଗତ ନାଟ୍ୟ ନିର୍ଦ୍ଦେଶକ ଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଅମର ଆତ୍ମର ସଦଗତି କାମନା କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଉକ୍ତ ସୃତି ଚାରଣ ସଭାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଏନ. ନାରାୟଣ ରେଡ଼ି, ବରିଷ୍ଠ ଆଇନଜୀବୀ ଗୋକୁଳ ପଣ୍ଡା,ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ଗଞ୍ଜାମ ବରିଷ୍ଠ ନାଗରିକ ପରିଷଦ ସଭାପତି ରବିନ୍ଦ୍ର କୁମାର ପଣ୍ଡା,ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ, ନାଟ୍ୟ ନିର୍ଦ୍ଦେଶକ ତଥା ଅଧ୍ୟାପକ ଗୌରୀ ଶଙ୍କର ଶତପଥୀ, ଶ୍ରମିକ ନେତା ଶଙ୍କର ଦାଶ, ଶିକ୍ଷାବିତ ରୋହିତ କୁମାର ସାହୁ, ଆଇନଜୀବୀ ଆଦି ନାରାୟଣ ରେଡ଼ି,ରାଜ୍ୟ ପୁଡ କର୍ପୋରେସନ ଇଣ୍ଡିଆର ସଦସ୍ୟ ତଥା ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ପ୍ରଶାନ୍ତ କୁମାର ନାୟକ, ଗଞ୍ଜାମ ସାଂସ୍କୃତିକ ମଞ୍ଚ ତଥା ଗଞ୍ଜାମ ପ୍ରେସ କ୍ଲବ ସଭାପତି ଶବର କୁମାର ତରାଇ, ଗଞ୍ଜାମ ସାଂସ୍କୃତିକ ମଞ୍ଚ ସମ୍ପାଦକ ଅକ୍ଷୟ ସ୍ୱାଇଁ, ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ଉପଦେଷ୍ଟା ଉମାକାନ୍ତ ବେହେରା ନାଟ୍ୟ ଅଭିନେତା ଜୟ କୃଷ୍ଣ ବାରିକି ପ୍ରମୁଖ ଙ୍କ ସମେତ ଅନ୍ୟମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ ।

# ସରପଂଚ ଓ ସମିତିସଭ୍ୟଙ୍କୁ ବିତରଣ ଉତ୍ସବ କୁ ଡାକିଲାନି ବ୍ଲକ ପ୍ରଶାସନ

ଡେଲାଙ୍ଗ,୨୯।୯:(ମନ୍ଥନ)ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, କେନ୍ଦ୍ରୀୟ ମାଇନ୍ସ କମିଟି ସଦସ୍ୟ ଅଗ୍ନିଶ ତ୍ରିପାଠୀ, ପିପିଲି ନିର୍ବାଚନ ମଣ୍ଡଳୀର ବିଧାୟକ ଆଶ୍ରିତ ପଟ୍ଟନାୟକ,ମଣ୍ଡଳ ଉନ୍ନୟନ ଅଧିକାରୀ କ୍ଷିତିଶଚନ୍ଦ୍ର ବେହେରା, ସିଡିପିଓ ଜାପାନୀ ମିତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ ପ୍ରମୁଖ ଯୋଗଦେଇ ୫୧୫ ଟି ନୁତନ ହିତାଧିକାରୀଙ୍କୁ ରାସନକାର୍ଡ ଓ ୨୬୯ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଂଟନ କରିଥିଲେ । ଏହି ଯୋଜନା ମାଧ୍ୟମରେ ସରକାର ବିଧବା, ଦିବ୍ୟାଙ୍ଗ,ସମାଜର ଦୃବଳ ଶ୍ରେଣୀର ଲୋକମାନଙ୍କୁ ସାମିଲ କରାଯାଇ ପକ୍କାଘର ଟିଏ ଯୋଗାଇବା ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଯୋଜନାରେ ସାମିଲ ହେବା ପାଇଁ କୌଣସି ସରକାରୀ କର୍ମଚାରୀ ହେଉ କି ରାଜନେତା କେହିବି ପିସି ମାଗିଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଶ୍ରୀ ପଟ୍ଟନାୟକ ଏହି ବିତରଣ ଉତ୍ସବରେ ତାଗିଦ କରିଥିଲେ। ସେହିପରି ସ୍ୱଦେଶୀ ଜିନିଷ ବ୍ୟବହାର କରିବା ନେଇ ରାଷ୍ଟ୍ରୀୟ ପ୍ରବକ୍ତା




ତଥା ସାଂସଦ ଡ.ଶ୍ରୀ ପାତ୍ର ଆହ୍ୱାନ ଦେଇ ଜନସାଧାରଣଙ୍କୁ ଶପଥ ପାଠ କରାଇଥିଲେ ୟ ଅନ୍ୟପଟେ ଏହି ବିତରଣ ସମାବେଶରେ ୨୧ ପଂଚାୟତର ସରପଞ୍ଚ ସମିତିସଭ୍ୟା/ସଭ୍ୟାଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ଖବର ଦିଆଯାଇନଥିବାରୁ କେତେକ ପଞ୍ଚାୟତ ର ନିର୍ବାଚିତ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଛନ୍ତି । ତେବେ ଆଜିଭଳି ଛୁଟି ଦିନରେ ସରକାରୀ କାର୍ଯ୍ୟକ୍ରମକୁ ବିଡିଓ ତରବରିଆ। ଭାବରେ ଏହି ବିତରଣ ଉତ୍ସବ ଡାକି ଜନପ୍ରତିନିଧିମାନଙ୍କୁ ଖବର ନଦେବା ପଛରେ ବଡ ଷଡଯନ୍ତ୍ର ରହିଛି ବୋଲି ଅଭିଯୋଗ କରିଛନ୍ତି । ଏନେଇ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ନିର୍ବାଚିତ ଜନପ୍ରତିନିଧିମାନେ ଏକ ଜରୀରୁ ବୈଠକ ଡାକି ପରବର୍ତ୍ତି ପଦକ୍ଷେପ ଗ୍ରହଣ କରିବେ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛ । କିନ୍ତୁ ଏନେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଶ୍ରୀ ବେହେରାଙ୍କୁ ପଚାରିବାରେ ସେ କହନ୍ତି ବିଧାୟକ ଓ ସାଂସଦଙ୍କ ଦ୍ୱାରା ଏହି ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହା କେବଳ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା । ହେଲେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିତରଣ ଉତ୍ସବ କରାଯାଇନଥିଲା । ଯାହା ଫଳରେ ମୁଁ କୌଣସି ଜନପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଖବର ଦେଇନଥିଲି ବୋଲି ସ୍ୱଷ୍ଟିକରଣ ଦେଇଛନ୍ତି ।

# ରାଜକୋଷ ଅର୍ଥରେ ମୂର୍ତ୍ତି ସ୍ଥାପନ କରିବା ସୁପ୍ରିମକୋର୍ଟଙ୍କ ଆଦେଶର ଅବମାନନା ହେବ-ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ

ଢେଙ୍କାନାଳ, ୨୯।୯:(ମନ୍ଥନ)ଓଡ଼ିଶା ସରକାର ରାଜକୋଷରୁ ୧୪ କୋଟି ଟଙ୍କା ବ୍ୟୟ କରି ୭୫ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରିବା ନିଷ୍ପତିକୁ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ବିରୋଧ କରିଅଛି । ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ସଭାପତି ଡାକ୍ତର ତୁଷାର କାନ୍ତି ନାୟକ, ଉପସଭାପତି ରୁଦ୍ର ପ୍ରକାଶ ସରଣ,ସରୋଜ ସତପଥି ଏବଂ ସଦସ୍ୟ ବିନୟ କୁମାର ସାହୁ , ଗୀତା ସାମଲ ପ୍ରମୁଖ ଲେଖିଛନ୍ତି । ସଂଗଠନ ଜଣାଇ ଅଛି ଯେ ୨୨ ସେପ୍ଟେମ୍ବର ୨୦୨୫ ରେ ଦେଶର ବିଭିନ୍ନ ଅଗ୍ରଣୀ ସମ୍ବାଦପତ୍ରରେ 'ସରକାରଙ୍କ ଦ୍ୱାରା ରାଜକୋଷରୁ ଅର୍ଥ ଖର୍ଚ୍ଚକରି ସର୍ବସାଧାରଣଙ୍କ ଉଦ୍ଦିଷ୍ଟ ଜମିରେ ନେତା ମାନଙ୍କର ମୂର୍ତ୍ତି ସ୍ଥାପନ କରାଯାଇ ପାରିବ ନାହିଁ ' ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କର ଏକ ଐତିହାସିକ ରାୟ ପ୍ରକାଶିତ ହୋଇଅଛି । ମାନ୍ୟବର ନ୍ୟାୟ ମୂର୍ତ୍ତି ବିକ୍ରମ ନାଥ ଏବଂ ପ୍ରଶାନ୍ତ କୁମାର ମିଶ୍ର ତାମିଲନାଡୁ ସରକାର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ କରୁଣାନିଧିଙ୍କର ମୂର୍ତ୍ତି ସ୍ଥାପନ ନିମନ୍ତେ ଅନୁମତି ମାଗିଥିବା ଅପିଲ୍ କୁ ଖାରଜ କରିବା ସହିତ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସରକାର ରାଜକୋଷରୁ ଅର୍ଥ ଖର୍ଚ୍ଚକରି ସର୍ବସାଧାରଣଙ୍କ ଉଦ୍ଦିଷ୍ଟ ଜମିରେ ପୂର୍ବତନ ନେତା ଅବା ଜନନାୟକ ମାନଙ୍କର ମୂର୍ତ୍ତି ସ୍ଥାପନ କରି ପାରିବେ ନାହିଁ । ସ୍ଥାନ ଅଭାବରୁ ସର୍ବ ସାଧାରଣ ଟ୍ରାଫିକ ଭିଡ଼ର ସମସ୍ୟା ଏବଂ ଅନ୍ୟାନ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ସର୍ବସାଧାରଣ ସ୍ଥାନରେ ମୂର୍ତ୍ତି ସ୍ଥାପନ କରାଯାଇ ପାରିବ ନାହିଁ । ଏହି ଅପିଲ୍ ମାଡ୍ରାସ ହାଇକୋର୍ଟରେ ପୂର୍ବରୁ ଖାରଜ ହୋଇ ଯାଇଥିଲା । ସେତେବେଳେ ଉଚ୍ଚ ଅଦାଲତ ତାମିଲନାଡୁ ସରକାରଙ୍କୁ ଏଣେତେଣେ ମୂର୍ତ୍ତି ସ୍ଥାପନ ନକରି ଗୋଟାଏ 'ଲିଡର୍ସ ପାର୍କ' ସ୍ଥାପନ କରି ବିଭିନ୍ନ ଜନନାୟକ ମାନଙ୍କର ମୂର୍ତ୍ତି ସ୍ଥାପନ ନିମନ୍ତେ ପରାମର୍ଶ ଦେଇଥିଲେ ଏବଂ କହିଥିଲେ ଯେ ଏପରି ପାର୍କରେ ଯୁବପିଢି ଭ୍ରମଣ କରି ପୂର୍ବଜ ମାନଙ୍କର ଆଦର୍ଶ ବିଷୟରେ ଜାଣି ପାରିବେ । ଉପରୋକ୍ତ ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କର ମୂର୍ତ୍ତି ସ୍ଥାପନ ନିଷ୍ପତି 'ମାନ୍ୟବର ସୁପ୍ରିମକୋର୍ଟଙ୍କର ଆଦେଶର ଅବମାନନା ହେବ' ବୋଲି ସଂଗଠନ ତରଫରୁ ସରକାରଙ୍କର ଦୃଷ୍ଟି ଆକର୍ଷଣ କରାଯାଇଅଛି। ସରକାର ଏହି ନିଷ୍ପତିକୁ କାର୍ଯ୍ୟକାରୀ କଲେ ଜନସ୍ୱାର୍ଥ ମାମଲାର ସମ୍ମୁଖୀନ ହୋଇ ପାରନ୍ତି ବୋଲି ସଂଗଠନ ଚେତାବନୀ ଦେଇଛି। ସହରା ଅଞ୍ଚଳରେ ସର୍ବସାଧାରଣ ସ୍ଥାନର ଘୋର ଅଭାବ ରହିଛି । ମୂର୍ତ୍ତି ସ୍ଥାପନ ସହିତ ଉନ୍ମୋଚନ କରିବା ନିମନ୍ତେ ଆୟୋଜନ , ଫଳକ ଲଗାଇବା , ପାଚେରୀ ନିର୍ମାଣ କରିବା ଆଦିକୁ ନେଇ ୧୦୦ କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ ହେବା ସ୍ୱଭାବିକ । ଯେଉଁ ଯାଗାରେ ଏବେ ମୂର୍ତ୍ତି ରହିଅଛି , ତାର ରକ୍ଷଣାବେକ୍ଷଣ କରାଯାଉନାହିଁ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସରକାର ମୂର୍ତ୍ତି ସ୍ଥାପନ ନିଷ୍ପତିରୁ ଓହରିଯିବାକୁ ସଂଗଠନ ଅନୁରୋଧ କରିଅଛି । ଏହି ପତ୍ରର ନକଲ ମୁଖ୍ୟ ଶାସନ ସଚିବ ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟକୁ ପ୍ରେରିତ ହୋଇଛି ।

# ଗନ୍ଦିଆ ବ୍ଲକ ବରିଷ୍ଠ ନାଗରିକ ସମ୍ମିଳନୀ

ଗନ୍ଦିଆ,୨୯।୯:(ମନ୍ଥନ)ଗଁନ୍ଦିଆ ବ୍ଲକ ପୋରୁହାଖୋଳ ଗ୍ରାମର ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଗନ୍ଦିଆ ବ୍ଲକର ବିଭିନ୍ନ ପ୍ରାନ୍ତରରୁ ବରିଷ୍ଠ ନାଗରିକମାନେ ଏକତ୍ରିତ ହୋଇ ଏକ ସଭାର ଆୟୋଜନ କରିଥିଲେ । ଏହି ସଭାରେ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ଜିଲ୍ଲା ସ୍ତରୀୟ କର୍ମକର୍ତାମାନେ ଯୋଗ ଦେଇଥିଲେ । ଜିଲ୍ଲା ବରିଷ୍ଠ ନାଗରିକ ପରିଷଦ ର ସଭାପତି ଦୁର୍ଗା ଚରଣ ମିଶ୍ର , କାର୍ଯ୍ୟକାରୀ ସଭାପତି ଯୋଗିନାଥ ମହାନ୍ତି ଓ ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ଡକ୍ଟର ହରେକୃଷ୍ଣ କର, ଉପସଭାପତି ବିନାୟକ ଶତପଥୀ, ଶିକ୍ଷାବିତ୍ କ୍ଷୀରୋଦ ନାୟକ, ସଂଯୋଜକ ଅମ୍ବିକା ବରାଳ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କର ସୁବିଧା, ଅସୁବିଧା, ଭତା ଓ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରି ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସ୍ଥିର ହୋଇଥିଲା ।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଯାଜପୁର,୨୯।୯:(ମନ୍ଥନ)ଚଳିତ ବର୍ଷ ୨୦୨୫ ଅକ୍ଟୋବର ଓ ନଭେମ୍ବର ମାସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ । ଶପ୍ରତାପ ଶ୍ରୀମାଲଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଜନ ସାଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗ ଗୁଡିକୁ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଅଭିଯୋଗ ଗୁଡିକର ତତ୍କାଳ ସମାଧାନ କରିବେ । ଚଳିତ ଅକ୍ଟୋବର ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ତା ୦୬।୧୦।୨୦୨୫ ରିଖ (ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ଯାଜପୁର ରେ, ତା ୧୩।୧୦।୨୦୨୫ ରିଖ (ସୋମବାର) କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ, କଳିଙ୍ଗନଗର ରେ ତା ୨୦।୧୦।୨୦୨୫ ରିଖ (ସୋମବାର) ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୨୭।୧୦।୨୦୨୫ ରିଖ (ସୋମବାର) ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ, ସେହିପରି ଆଗାମୀ ନଭେମ୍ବର ମାସ ତା ୦୩.୧୧.୨୦୨୫ ରିଖ(ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ଯାଜପୁର, ତା ୧୦.୧୧.୨୦୨୫ ରିଖ(ସୋମବାର) ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ, ତା ୧୭.୧୧.୨୦୨୫ ରିଖ(ସୋମବାର) ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୨୪.୧୧.୨୦୨୫ ରିଖ (ସୋମବାର) ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ପୂର୍ବାହ୍ନ ଘ. ୧୦.୦୦ ଟିକା ସମୟରୁ ଅପରାହ୍ନ ଘ ୦୨.୦୦ ଟିକା ସମୟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଣୁ ଦଶରଥପୁର ବ୍ଲକ, ଦାନଗଦି ବ୍ଲକ୍, ସୁକିନ୍ଦା ବ୍ଲକ, ଧର୍ମଶାଳା ବ୍ଲକ, ରସୁଲପୁର ବ୍ଲକ ଏବଂ ଜିଲ୍ଲାର ଜନସାଧାରଣଙ୍କ କୌଣସି ଆପତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଗଲା।

# ମହାଷ୍ଟମୀରେ କ୍ଷେତ୍ରେଶ୍ୱରୀ ମା ବିରଜାଙ୍କର ପୀଠରେ ପ୍ରବଳ ଭିଡ

ଯାଜପୁର,୨୯।୯:(ମନ୍ଥନ)ସବୁଠି ଚାଲିଛି ମାଆ ଙ୍କ ଆବାହନି। ଆଜି ପୂଜା ମଣ୍ଡପ ରେ ମହାସପ୍ତମୀ ପାଳିତ ହେଉଥିବା ବେଳେ ପୀଠରେ ମହାଷ୍ଟମୀ ପାଳିତ ହେଉଛି । ଭାରତ ବର୍ଷ ର ୫୧ଟି ଶକ୍ତିପୀଠ ମଧ୍ୟରୁ ଅନ୍ୟତମ ପୀଠ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ପୀଠ ଏଥି ପାଇଁ ଲୋକାରଣ୍ୟ ହୋଇ ଉଠିଛି। ମହାଷ୍ଟମୀ ପାଇଁ ଫୁଲ ଓ ଆଲୋକମାଳାରେ ବଧୁ ବେଶରେ ସଜେଇ ହୋଇଛି ମାଙ୍କ ମନ୍ଦିର। ସମଗ୍ର ଅଞ୍ଚଳରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ବଡ଼ି ଭୋରୁ ଶାସନ ବ୍ରାହ୍ମଣ ମାନେ ପବିତ୍ର ବୈତରଣୀରୁ ଜଳ ଆଣି ମା ଙ୍କ ସ୍ନାନ କରାଯିବା ପରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଛନ୍ତି ମା। ଏହି ନବରାତ୍ର ଅବସରରେ ମାଙ୍କ ଗର୍ଭ ଗୃହରେ ଭକ୍ତ ମାନଙ୍କୁ ପ୍ରବେଶ କରି ମାଙ୍କ ମୁଖ ଦର୍ଶନ ସହ ଚରଣ ସ୍ପର୍ଶ କରିବାକୁ ସୁଯୋଗ ମିଳିଥିବାରୁ ଆଜି ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ମୂଳାଷ୍ଟମୀ ଠାରୁ ରାତ୍ରରେ ହୋମ ଯଜ୍ଞ ସହ ମାଙ୍କ ଷୋଡଶ ଉପଚାର ପୂଜା ଜାରି ରହିଛି। ଏଥିସହ ଅପରାହ୍ନ ରେ ମାଙ୍କ ରଥଯାତ୍ରା ଅନଷ୍ଠିତ ହେବ। ମା ଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଛି।ବିଶ୍ୱାସ ରହିଛି ମା ଙ୍କ ମୁଖ ଦର୍ଶନ ସହ ରଥ ଦଉଡି ସ୍ପର୍ଶ କଲେ କୋଟି ଜନ୍ମର ପାପ କ୍ଷୟ ହୋଇଥାଏ। ଅଜି ରାତ୍ର ୮.୧୫ରେ ମହାଷ୍ଟମୀ ପାଇଁ ମହାସ୍ନାନ ଅନୁଷ୍ଠିତ ହେବା ସହ ମାଙ୍କ ମହାବେଶ କରାଯିବ। ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ମନ୍ଦିର ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ଗ୍ରହଣ କରାଯାଇଛି।

ସମ୍ବାଦ
ମଙ୍ଗଳବାର ୩୦ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
TUESDAY 30 SEPTEMBER, 2025, BHUBANESWAR



‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

# ପର୍ଯ୍ୟଟନ ଓ ଶାନ୍ତି

ବର୍ତ୍ତମାନ ସାରା ବିଶ୍ୱରେ ପର୍ଯ୍ୟଟନ କ୍ଷେତ୍ର ହେଉଛି ନିରନ୍ତର ଭାବେ ଅଗ୍ରସର ହେଉଥିବା ଏବଂ ଅର୍ଥନୀତିକୁ ବିକାଶ କରୁଥିବା କ୍ଷେତ୍ର। ପର୍ଯ୍ୟଟନ ବିକଶିତ ଦେଶଗୁଡ଼ିକ ପାଇଁ ଆୟର ମୁଖ୍ୟ ଉତ୍ସ ଭାବେ ଉଭା ହୋଇଛି। ପର୍ଯ୍ୟଟକ ଓ ପର୍ଯ୍ୟଟନକୁ ଯୋଡ଼ିବା, ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୭ ତାରିଖରେ ପାଳିତ ହେଉଛି ବିଶ୍ୱ ପର୍ଯ୍ୟଟନ ଦିବସ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟ ବସ୍ତୁକୁ ନେଇ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଥାଏ। ଏଥରର ବାର୍ତ୍ତା ରହିଛି ‘ପର୍ଯ୍ୟଟନ ଓ ଶାନ୍ତି’। ମିଳିତ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂସ୍ଥା ଦ୍ୱାରା ୧୯୮୦ ମସିହାରୁ ଏହି ଦିନଟି ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳିତ ହେଉଛି। ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆନ୍ତର୍ଜାତିକ ସମୁଦାୟ ମଧ୍ୟରେ ପର୍ଯ୍ୟଟନ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଏହାର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ମୂଲ୍ୟବୋଧକୁ ସାରା ବିଶ୍ୱରେ ଲୋକଙ୍କ ନିକଟରେ ପହଞ୍ଚାଇବା। ଏହିଦିନ ୟୁଏନ୍‌ଡବ୍ଲ୍ୟୁଟିଓର ଜେନେରାଲ ସେକ୍ରେଟାରି ସମସ୍ତ ଜନସାଧାରଣଙ୍କୁ ବିଶ୍ୱ ପର୍ଯ୍ୟଟନ ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଥାନ୍ତି। ବିଭିନ୍ନ ପର୍ଯ୍ୟଟନ ଉଦ୍ୟୋଗ, ପର୍ଯ୍ୟଟନ ସହ ସଂପୃକ୍ତ ସଂସ୍ଥା, ସରକାରୀ ଏଜେନ୍ସି ପ୍ରମୁଖ ଏହାକୁ ଆଗ୍ରହର ସହ ମଧ୍ୟ ପାଳନ କରିଥାନ୍ତି। ଏହିଦିନ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପ୍ରକାରର ପ୍ରତିଯୋଗିତ ଓ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ରିହାତିରେ ଟିକେଟ ଏବଂ ସ୍ୱତନ୍ତ୍ର

# କଳିଙ୍ଗନଗର ଶିଳ୍ପାଞ୍ଚଳର ସ୍ଥିତି ଓ ଅବସ୍ଥିତି

## ଉମାକାନ୍ତ ମହାପାତ୍ର

ଭାରତର ରାଜ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ସୁନାର ରାଜ୍ୟ ବୋଲି କୁହଯାଏ । କଳିଙ୍ଗନଗର ହେଉଛି ଉପକୂଳ ଓଡିଶାର ଯାଜପୁର ଜିଲ୍ଲାର ଏକ ଯୋଜନାବଦ୍ଧ ଶିଳ୍ପ ସହର। ଇସ୍ପାତ, ଶକ୍ତି ଏବଂ ଆନୁଷଙ୍ଗିକ ଦ୍ରବ୍ୟରେ କଳିଙ୍ଗନଗର ପ୍ରମୁଖ ବିଶ୍ୱସ୍ତରୀୟ ହବ୍ ଭାବରେ ଉଭା ହେଉଛି । ଜିନ୍ଦଲଷ୍ଟେନଲେସ ଷ୍ଟିଲ, ଭିସା ଷ୍ଟିଲ, ବି. ଆର. ପି. ଲ ଏବଂ ଟାଟା ଷ୍ଟିଲ ସହିତ ଅନେକ ସିମେଣ୍ଟ କାରଖାନା ଓ ବହୁ ସଂଖ୍ୟକ ଇସ୍ପାତ କାରଖାନା କାର୍ଯ୍ୟକାରୀ ହେବାର ବିଭିନ୍ନ ପର୍ଯ୍ୟାୟରେ ଅଛି।ଓଡିଶାର ଅର୍ଥନୀତି, ମାନବ ସମ୍ବଳ ଏବଂ ଦ୍ରୁତଗତିରେ ବଢୁ ଥିବା ସହରୀକରଣ ଏବଂ ଶିଳ୍ପାୟନରେ ଏହି ସହର ଏକ ପ୍ରମୁଖ ଯୋଗଦାନ ଦେଇଛି।

ଜାତୀୟ ଉତ୍ପାଦନ ନୀତି ଅନୁଯାୟୀ କଳି ଙ୍ଗ ନଗର କମ୍ପ୍ଲେକ୍ସକୁ ଏକ ଜାତୀୟ ବିନିଯୋଗ ଉତ୍ପାଦନ କ୍ଷେତ୍ର ଭାବରେ ବିକଶିତ କରିବାକୁ ଭାରତ ସରକାର ଚୂଡ଼ାନ୍ତ ଅନୁମୋଦନ ଦେଇଛନ୍ତି। କଳିଙ୍ଗନଗର (NIMZ) ର ମୁଖ୍ୟ ପ୍ରସ୍ତାବ ହେଉଛି ଇସ୍ପାତ ଏବଂ ଆଲୁମିନିୟମ୍ ଡାଉନ ଷ୍ଟ୍ରିମ୍ ପାର୍କ, ନୂତନ ଇଣ୍ଡଷ୍ଟ୍ରିଆଲ୍ ଟାଉନସିପ୍, ଅଫିସ୍ ସହିତ କେନ୍ଦ୍ରୀୟ ବ୍ୟବସାୟ କ୍ଷେତ୍ରରେ ଜିଲ୍ଲା, ବାଣିଜ୍ୟିକ ଏବଂ ମନୋରଞ୍ଜନ କାର୍ଯ୍ୟକଳାପ, ସାଧାରଣ ଉପକରଣ କୋଠରୀ, ବୈଷୟିକ ତାଲିମ ପ୍ରତିଷ୍ଠାନ ଏବଂ ଆଭ୍ୟନ୍ତରୀଣ ଭିତ୍ତିଭୂମି ସହାୟତା ର କାରଣ। ଏହି ରାଜ୍ୟରେ ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ପର୍ଯ୍ୟଟନ, କୀର୍ତ୍ତିରାଜି, ନୌବାଣିଜ୍ୟ, ଜଙ୍ଗଲ ସମ୍ପଦ, ସବୁକିଛି ପ୍ରାକୃତିକ ସମ୍ପଦ ଭରପୁର । ଏମିତିକି ଭଳିକି ଭଳି ଶିଳ୍ପ ଗଢି ଉଠିଛି । ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ଭାରତର ଶିଳ୍ପ ହବ୍ ବୋଲି କୁହାଯାଉଛି । ଛୋଟବଡ଼ ପ୍ରାୟତଃ ୧୫ ଶିଳ୍ପାନୁଷ୍ଠାନ ଗଢ଼ିଉଠିଛି । ଏହି ଶିଳ୍ପ ପାଇଁ ପ୍ରଥମେ ଜମି ଅଧିଗ୍ରହଣ କାର୍ଯ୍ୟ ଓ ଥଇଥାନ କାର୍ଯ୍ୟ କରାଯାଇଛି। କିନ୍ତୁ ଏଠିକାର ଜନସାଧାରଣ କିପରି ଦିନ କାଟୁଛନ୍ତି ତା ଯେବି ନ ଦେଖିଲେ ବିଶ୍ୱାସ ହେବନାହିଁ । ସ୍ଥାନୀୟ ଜନସାଧାରଣ ରାଜ୍ୟ ଓ ଦେଶରେ ଶିଳ୍ପର ବିକାଶ ନିମନ୍ତେ ନିଜ ନିଜର ଚଷ ଜମି ଯାହାକୁ ଭାତହାଣ୍ଡି ବୋଲି କୁହାଯାଏ ତାକୁ ସମର୍ପି ଦେଇଥିଲେ । କାହିଁକି ନା ଶିଳ୍ପ ପ୍ରତିଷ୍ଠା ହେଲେ ଦେଶ ଓ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ଘଟିବ, ସ୍ଥାନୀୟ ଯୁବକ କର୍ମ ନିଯୁକ୍ତି ପାଇବେ । ଆଖିରେ ଆଖିଏ ସ୍ୱପ୍ନକୁ ନେଇ ଯେଉଁ ଶିଳ୍ପ ପାଇଁ ସବୁକିଛି ଉତ୍ସର୍ଗ କରିଥିଲେ ତାର ଫାଇଦା କିଞ୍ଚିତ୍ ମାତ୍ର! ଦେଶ ଓ ରାଜ୍ୟର ଆର୍ଥିକ ସ୍ଥିତି ବୃଦ୍ଧି ପାଇଛି କିନ୍ତୁ କଳିଙ୍ଗନଗର ଶିଳ୍ପ ରାଜଧାନୀ ରେ ଏବେବି ଲୋକେ ନା ପାଇଲେ ନିଜର ମୌଳିକ ଅଧିକାର।

ମୌଳିକ ଅଧିକାର କହିଲେ ଭଲ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ, ଗମନାଗମନ ପାଇଁ ରାସ୍ତା, ବିଜୁଳି ଆଲୋକ ଏବଂ ସୁଷମ ଖାଦ୍ୟ । ଏସବୁ ସ୍ଥାନୀୟ ଲୋକେ ପାଇବାର ହକଦାର କିନ୍ତୁ ବିଭିନ୍ନ ରାଜନୈତିକ ଆକ୍ରୋଶର ପ୍ରତିଫଳନ ଯୋଗୁଁ ଏହାର ଫାଇଦା ଜନସାଧାରଣ ପାଇବାରୁ ବଞ୍ଚିତ । ଏଥିରେ ଶିଳ୍ପ ସଂସ୍ଥା ମାନଙ୍କର କୌଣସି ଭୁଲ୍ ନାହିଁ, ରାଜନୈତିକ ଓ ସାଙ୍ଗଠନିକ ବିଚାରଧାରା କୁ ନେଇ ଆକ୍ରୋଶ ଉପୁଜିଛି କ୍ଷତି ସହିବାକୁ ପଡୁଛି ସ୍ଥାନୀୟ ଲୋକମାନେ। କଳିଙ୍ଗନଗର ରେ ଗଢ଼ିଉଠିଥିବା ଅନେକ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନ ନିୟମାନୁଯାୟୀ ସେମାନଙ୍କର କର୍ତ୍ତବ୍ୟ କରି ଚାଲିଛନ୍ତି କିନ୍ତୁ ଗ୍ରାଉଣ୍ଡ ଜିରୋ ରେ ଦେଖିବାକୁ ଗଲେ ଜନସାଧାରଣଙ୍କ ପାଇଁ କେବଳ ଜିନ୍ଦଲ ଷ୍ଟିଲ, ଟାଟା ଷ୍ଟିଲ,ବି. ଆର. ପିଏଲ୍ ଭଳି କମ୍ପାନୀ ପକ୍ଷରୁ ଜନହିତକାରୀ କାର୍ଯ୍ୟ ନଜରକୁ ଆସୁଛି। ଆଗାମୀ ଦିନରେ ଶିଳ୍ପାୟନ କୁ ନେଇ ପୂର୍ବ ପରି ସମସ୍ୟା ଲାଗି ରହିବ ସ୍ଥାନୀୟ ଲୋକଙ୍କ ପରିସ୍ଥିତି ସୁଧୁରି ପାରିବନାହିଁ । ଏହାର ବିକଳ୍ପ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ପ୍ରଶାସନ କଳିଙ୍ଗନଗରର ସଂଲଗ୍ନ ପଞ୍ଚାୟତ ଗୁଡିକୁ ଚିହ୍ନଟ କରି, ଲୋକମାନେ କେଉଁ ପରିସ୍ଥିତିରେ ବସବାସ କରୁଛନ୍ତି ତାର ସଠିକ୍ ତଥ୍ୟ ସଂଗ୍ରହ କରି କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ଥିବା ସମସ୍ତ କାରଖାନା କୁ ଦାୟିତ୍ୱ ଦେବାକୁ ପରାମର୍ଶ ଦେଲେ ଜନସାଧାରଣ ଏହାର ସେବା ଉପଲବ୍ଧି କରିପାରିବେ। ଅପରପକ୍ଷେ ସ୍ଥାନୀୟ ପ୍ରଶାସନ ର ଅନୁମତି ରେ ଶିଳ୍ପ ସଂସ୍ଥା ପକ୍ଷରୁ ଯଦି ଜନ କଲ୍ୟାଣ ଯୋଜନା କରାଯାଏ ତେବେ ସ୍ଥାନୀୟ ଲୋକେ ଉପକୃତ ହେବେ ସରକାରଙ୍କ ପକ୍ଷରୁ ଶିଳ୍ପ ସଂସ୍ଥା ମାନଙ୍କୁ ନିୟମାନୁଯାୟୀ ସହଯୋଗ ଯୋଗାଇଦେବା ନିତ୍ୟାନ୍ତ ଆବଶ୍ୟକ, ନଚେତ୍ ଶିଳ୍ପ ସଂସ୍ଥା ମାନେ ଉତ୍ପାଦନ ବୃଦ୍ଧି ନିମନ୍ତେ କଞ୍ଚାମାଲ୍ ଠୁ ନେଇ ସମସ୍ତ ସୁବିଧା ସୁଯୋଗ ନ ପାଇଲେ ଉତ୍ପାଦନ ଉପରେ ପ୍ରଭାବ ପଡିବ, ଶିଳ୍ପ ବନ୍ଦ ପଡିବ ଲୋକେ ସୁବିଧା ପାଇବାରୁ ବଞ୍ଚିତ ହେବେ.। ଦୀର୍ଘ ଦିନ ଧରି ମେସ୍କୋ କାରଖାନା ବନ୍ଦ ହୋଇ ରହିବା ବଡ ଚିନ୍ତାର କାରଣ ଶ୍ରମିକ ମାନଙ୍କ ପାଇଁ ହୋଇଥିବା ବେଳେ ସରକାର ନିଦାବିଷ୍ଟ ସାଜିଛି। ଶିଳ୍ପାଞ୍ଚଳ ସଂଲଗ୍ନ ଗାଁ ଗୁଡ଼ିକ ନିଜର ହକ୍ ପାଇଁ ସରକାରଙ୍କ ପାଖରେ ଅଭିଯୋଗ କରିବା ଆବଶ୍ୟକ ! ଏହି ମର୍ମରେ କହିବାକୁ ଗଲେ ସରକାର ଓ ଶିଳ୍ପ ସଂସ୍ଥା ମାନଙ୍କ ମଧ୍ୟରେ ଉଚିତ ସମନ୍ୱୟ ବଜାଇ ରହିଲେ କଳିଙ୍ଗନଗର ଶିଳ୍ପାଞ୍ଚଳ ରେ ବସବାସ କରୁଥିବା ଲୋକମାନଙ୍କଅବସ୍ଥା ବଦଳି ଯିବ ସୁନିଶ୍ଚିତ।

# ଶ୍ରୀଲିଙ୍ଗେଶ୍ୱର ବିହାର ଓ ଯାଜପୁର

## ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଂଟିଆ



ଯାଜପୁର ଜିଲ୍ଲାରେ ବହୁ ଶୈବ ପୀଠ ରହିଛି। ସେଗୁଡିକ ଖାଲି ପୁରାତନ ନୁହନ୍ତି, ପରମ ପବିତ୍ର ମଧ୍ୟ । ବହୁ ଶୈବ ପୀଠ ପଛରେ ରହିଛି ଦୃଢ ଐତିହାସିକ ପୃଷ୍ଠଭୂମି। କିନ୍ତୁ ବୈତରଣୀ ତୀରରେ କୋରାଇ ମଣ୍ଡଳ (ବ୍ଲକ) ର ମୂଳାପାଳ (ରୁଢିଆନିକଟରେ) ଗାଆଁ ମୁଣ୍ଡରେ ବିଭାଜିତ ଶ୍ରୀଲିଂଗେଶ୍ୱର ପୀଠ ବା ଶ୍ରୀଲିଂଗେଶ୍ୱର ବିହାର। ସାରା ଜିଲ୍ଲାରେ ଏକ ଅନନ୍ୟଛ ଶୈବପୀଠ ଭାବରେ ଦଣ୍ଡାୟମାନ ହୋଇଛି। ପାଣିକୋଇଲି ଆଡୁ ଭଦ୍ରକଆଡକୁ ୬ କିଲୋମିଟର ଗଲେ ଆମର ଦୃଷ୍ଟିଗୋଚର ହୁଏ। ପୂତସଲିଳା ବୈତରଣୀ ନଦୀ ଏହି ବୈତରଣୀ ନଦୀ ହିଁ କୋରାଇ ବ୍ଲକର ଉତ୍ତର ପୂର୍ବ ସୀମାରେଖା। ଯାଜପୁର ଜିଲ୍ଲାର ସୀମାରେଖା ମଧ୍ୟ। ଏହି ବୈତରଣୀ ନଦୀର ଦକ୍ଷିଣ ପଶ୍ଚିମ ନଦୀ ବନ୍ଧ କଡରେ ସୁଦୀର୍ଘ ସେତୁର ମଥା ଉପରେ ଛିଡା ହୋଇ ଚାହିଁଛି ପୂର୍ବ ଦକ୍ଷିଣକୁ ଏ ପୀଠ ଦୃଷ୍ଟିଗୋଚର ହୁଏ। ରାଜପଥଉପରୁ ନଦୀବଂଧଉପରକୁ ପୂର୍ବ ଦକ୍ଷିଣ ମୁହାଁ ହୋଇପଡିଲେ ଏ ପୀଠ ଶ୍ରୀଲିଙ୍ଗେଶ୍ୱର ବିହାର’ ରାଜପଥ ଉପରୁ ମୋଟେ ଚାଲିବାକୁ ପଡେ ନାହିଁ। ପ୍ରକୃତରେ ମୂଳାପାଳ ମୌଜା ସରହଦ ଭିତରେ ଏହି ଶୈବ ପୀଠ ଦଣ୍ଡାୟମାନ। ସୁଦୃଶ୍ୟ ମନ୍ଦିରମାନଙ୍କ ଉପରେ ଉଡୁଛି ପତାକାରାଜି, ହାତଠାରି ଡାକୁଛି ଆସ ଆସ ବୋଲି। ରୁଢିଆନିକଟ ମୂଳାପାଳ ଛକ ଉପରୁ ନଦୀବଂଧ ଉପରେ କିମ୍ବା ମୂଳାପାଳ ଗାଆଁ ଭିତର ଦେଇ ପଡିଥିବା ପକକା ରାସ୍ତାରେ ଗଲେ ଗାଁ ମୁଣ୍ଡରେ ଦଣ୍ଡାୟମାନ ଏହି ଐଶ୍ୱର୍ଯ୍ୟମୟ ସୁନ୍ଦର ଶୈବପୀଠ। ଗୋନାସା ପ୍ରଭବା ବୈତରଣୀର ତଟ ଦେଶରେ ଗୋନାସାପର୍ବତ ଠାରୁ ତାର ସାଗରସଂଗମ ପର୍ଯ୍ୟନ୍ତ ପ୍ରତିକ୍ରୋଶରେ ଶିବମନ୍ଦିରମାନ ଥିବାର ଦେଖାଯାଏ। କେଉଁଠି ଏତଟଦରେତ ଆଉ କେଉଁଠି ସେତଟରେ।

ଏହି ଶ୍ରୀଲିଙ୍ଗେଶ୍ୱରଙ୍କ ପଛରେ ରହିଛି ଶତାଧିକବର୍ଷର ଇତହାସ। ପୂର୍ବେଏଠାରେ ଥିଲା କେବଳ ଶ୍ରୀଲିଂଗେଶ୍ୱରଂଙ୍କ ଏକ ମନ୍ଦିର। ପରେ ନିର୍ମିତ ହେଲା ଗ୍ରାମଦେବତୀ ମାଆ ବାଗେଶ୍ୱରୀଙ୍କର କ୍ଷୁଦ୍ରମନ୍ଦିର। ପରେ ଏଇ ଶତାବଦୀର ପ୍ରଥମ ଦଶନ୍ଧିରେ ବ୍ରଜନଗର ନିବାସୀ ଶେଷଦେବ ମଲ୍ଲିକ ନିର୍ମାଣ କଲେ ଭବ୍ୟ ଶ୍ରୀରାମମନ୍ଦିର। ମନ୍ଦିରଭିତରେ ସୁନ୍ଦର ସିଂହାସନ ଉପରେ ବିରାଜିତ ସୁଦୃଶ୍ୟ ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ତ୍ରିମୂର୍ତ୍ତି, ପାଖରେ ଅଛନ୍ତି ବୀର ବଜରଂଗବଳୀ, ପୁଣି ୨୦୧୮-୧୯ ପ୍ରତିଷ୍ଠା ହୋଇଛି ସୁନ୍ଦର ଗ୍ରହରାଜ ଶନିଶ୍ଚର ମନ୍ଦିର। ଏ ପୀଠ କ’ଣଖାଲି ମନ୍ଦିରମାନଙ୍କୁ ନେଇ ପରିପୂର୍ଣ୍ଣ ? ନା।

ମୂଳାପାଳ ବ୍ରଜନଗର ଓ ବରପଦା ତିନି ଗାଆଁର ଜନସାଧାରଣଙ୍କୁ ନେଇ ଗଠିତ ହୋଇଛି ଲିଙ୍ଗେଶ୍ୱର ଉନ୍ନୟନ କବିଟି ୧୯୭୧ ମସିହାରେ, ଏ କମିଟି



ବିଗତ ୫୩ ବର୍ଷ ଭିତରେ ଏପୀଠର ଉନ୍ନୟନ କାର୍ଯ୍ୟ କରିଆସୁଛି ଅବିଶ୍ରାନ୍ତ ଭାବରେ। ପ୍ରତ୍ୟେକ୍ଷ ଭାବରେ। ଏହି ମହାର୍ଘ ପୀଠକୁ ନଦେଖିଲେ ବିଶ୍ୱାସ କରିହୁଏନାହିଁ ଏହାର ବାସ୍ତବିକ ସ୍ୱରୂପ କ’ଣ।ମନ୍ଦିରକୁ ଲାଗି ଚାରିତାଲା ବିଶିଷ୍ଟ ପ୍ରାସାଦ ଗୃହରେ ଶ୍ରୀ ଲିଙ୍ଗେଶ୍ୱର ଶିଶୁମନ୍ଦିର, ଶ୍ରୀଲିଙ୍ଗେଶ୍ୱର ବିପଣୀ ଗୃହ, ବ୍ୟାୟାମ ଶାଳା, ପାଠାଗାର ତୀର୍ଥଯାତ୍ରୀମାନଙ୍କ ପାଇଁ ବିରାଟ ଶୌଚାଳୟ। ଯାତ୍ରାମାନଙ୍କର ରହଣି ଗୃହ ପ୍ରାସଦସେବନ ପାଇଁ ଦିବ୍ୟଭୋଜନଶାଳା (ଅତି କମ୍‌ରେ ୨୦୦ ଲୋକ ଭୋଜନ କରିପାରିବେ) । ଶିବଲିଙ୍ଗ ବୃଷଭ ଧାତୁନିର୍ମିତ ସର୍ପମାନଙ୍କୁ ନେଇ କ୍ଷୁଦ୍ର ସଂଗ୍ରାହଳୟ ଅତ୍ୟନ୍ତ ମନମୁଗ୍ଧକର। ଶ୍ରୀଶନିଶ୍ଚର ମନ୍ଦିରକୁ ଲାଗି ବିଶାଳ ଶିଶୁ ଉଦ୍ୟାନ। ମନ୍ଦିରକୁ ଲାଗି ମନ୍ଦିର ଚାରିପାଖରେ ଲାଗି ରହିଥିବା ବିରାଟ ଛାତ ତଳେ ଅନ୍ତତଃ ଦୁଇହଜାର ଲୋକ ବିଶ୍ରାମ ନେବାର ବ୍ୟବସ୍ଥା ହୋଇଛି।

ବିଗତ ୫୩ବର୍ଷ ଭିତରେ ଲିଙ୍ଗେଶ୍ୱର ଉନ୍ନୟନ କମିଟି କେବଳ ଯେ ସେବାପୂଜାର ବ୍ୟବସ୍ଥା କରିଛନ୍ତି ତାହା ନୁହେଁ ସାଂସ୍କୃତିକ କ୍ଷେତ୍ରରେ ଓ ଜନସେବା କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି।

ଏ କମିଟି ଶ୍ରୀରାଚନ୍ଦ୍ରମାନସ ପାରାୟଣ, ପ୍ରବଚନ, ଅଷ୍ଟପ୍ରହର ନାମଯଜ୍ଞ ଓ ପାଲା ପରି ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟମାନ ହାତକୁ ନେବାବେଳେ ମହାଶିବରାତ୍ରୀକୁ ଏକ ବିରାଟ ଗଣପର୍ବରେ ପରିଣତ କରିବାକୁ ଚେଷ୍ଟା କରିଛି। ଶିବରାତ୍ରୀ ଦିନତ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ଶିବରାତ୍ରୀ ପର ଦିନ ସଂଧ୍ୟାରେ ଉନ୍ନୟନ କମିଟି ତାର ବାର୍ଷିକୋତ୍ସବ ଆୟୋଜନ କରେ। ତା ପରଦିନଠାରୁ ଭଜନ ସଂଧ୍ୟା, ନୃତ୍ୟପ୍ରତିଯୋଗିତା ଏବଂ ଅପେରା ପ୍ରଭୃତି ମନୋରଂଜନ କାର୍ଯ୍ୟକ୍ରମର ଆୟୋଜନ କରେ। ଏହି ଅବସରରେ ସାହିତ୍ୟ ସଭା, କବିତାପାଠ ଓ ଶ୍ରୀ ଲିଙ୍ଗେଶ୍ୱର ପତ୍ରିକାର ଉନ୍ମୋଚନ ପର୍ବମଧ୍ୟ ଅନୁଷ୍ଠିତ ହୁଏ। ଏ କମିଟି ବୈତରଣୀର ବାଲିପଠାରେ ସୁନ୍ଦର ଜଙ୍ଗଲ ସୃଷ୍ଟିକରି ତାହା ମଧ୍ୟରେ ବିଶାଳ ଯଜ୍ଞ ମଣ୍ଡପ ନିର୍ମାଣ କରିଛି। ଏଠାରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବାଲିଯାତ୍ରା ଓ ଯଜ୍ଞ ଅନୁଷ୍ଠିତ ହୁଏ। ଶ୍ରୀକ୍ଷେତ୍ର ପୁରୀକୁ ବାହାର ରାଜ୍ୟରୁ ଆସୁଥିବା ଯାତ୍ରୀମାନେ ସହ ସହ ସଂଖ୍ୟାରେ ଏ ମନ୍ଦିର ପରିସରରେ ବିଶ୍ରାମ ନେଲାବେଳେ କମିଟି ତାଙ୍କ ସୁବିଧା ଓ ଅସୁବିଧା ପ୍ରତି ଦୃଷ୍ଟି ରଖନ୍ତି। ବର୍ଷର ବିବାହ ଋତୁରେ ଏହି ମନ୍ଦିର ପରିସରରେ ଶହ ଶହ ବରକନ୍ୟାଙ୍କର ବିବାହ କରନ୍ତି। ବାତ୍ୟା ଓ ବନ୍ୟା ବେଳେ ପ୍ରପୀଡିତ ଲୋକଙ୍କୁ ଅଶ୍ରୟ ଦେବା ସଂଗେ ସଂଗେ ରନ୍ଧା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରିଥାନ୍ତି। ଚମତ୍କାର ସୌନ୍ଦର୍ଯ୍ୟ ମଣ୍ଡିତ ନାରିକେଳ ବୃକ୍ଷରାଜି ତଥା ସୁନ୍ଦିର ଶିଶୁ ଉଦ୍ୟାନ ଦ୍ୱାରା ସୁଶୋଭିତ ଏହି ଶୈବ ପୀଠକୁ ଥରେ ନଦେଖିଲେ ଯାଜପୁର ଜିଲ୍ଲାର ଏକ ଆକର୍ଷଣୀୟସ୍ଥଳ ଦର୍ଶନରୁ ମଣିଷ ବଂଚିତ ହୋଇଗଲା ବୋଲି ମନେକରିବା ହେବ। ଏହା ସରକାରୀ ସ୍ୱୀକୃତି ପ୍ରାପ୍ତ ପର୍ଯ୍ୟଟନସ୍ଥଳଠାରୁ ଶହେ ଗୁଣ ଆକର୍ଷଣୀୟ। ଆସନ୍ତୁ ଥରେ ଲିଙ୍ଗେଶ୍ୱରବିହାର ବୁଲିଆସିବା।

ମୋ: ୮୮୯୫୬୦୫୭୭୮

# ଭବିଷ୍ୟତହୀନ ବିଶ୍ୱ

## ମାୟାଧର ନାୟକ



ଆଗକୁ ଘନେଇ ଆସୁଛି ବଡ଼ ଦୁର୍ଦ୍ଦିନଦାୟକ ମହାବିଭୀଷିକା – ତା’ର ଶାଗୁଣାଡେଣାର ଛାଇବିସ୍ତାରି ଥରହର କରିଦେବ ଏ ଦୁନିଆକୁ । ଆଗକୁ ଯେତେ ଯୁଦ୍ଧ ହେବାର ଅଛି – ସେସବୁ ଭଡାଟିଆ ସୈନ୍ୟବାହିନୀକୁ ନେଇ ତମାମ୍ ଦୁନିଆକୁ ବଧିର କରିଦେବାକୁ ଯାଉଛି – ଅନବରତ ଯୁଦ୍ଧଦୁନ୍ଦୁଭିରେ । ମାତ୍ର ସର୍ବାଧିକ ଶୋଚନୀୟ ଭବିଷ୍ୟତ ଭୋଗିବାକୁ ଯାଉଛି ବିଶ୍ୱ । ଭଡ଼ାଟିଆ ସୈନ୍ୟବାହିନୀର ବର୍ବରଆକ୍ରମଣରେ ଶତ୍ରୁ ମରିବ କି ମିତ୍ର ମରିବ – ତା’ର ମୀମାଂସା ହେବ ପରେ – ହେଲେ ମଣିଷ ହିଁ ମରିବ, ମଣିଷ ହିଁ ବଳିପଡିବ, ମଣିଷ ହିଁ ମଡ଼ା ପାଲଟିବ – ଏ ତ ହେବ, ଏଥି ସହିତ ସଂସାର ସାରା ସୃଷ୍ଟି ହେବ ଦାରୁଣତମ ଦୁଷ୍କାଳ । ସେ ଦୁଷ୍କାଳ ହେଉଛି – ଅଦୂର ଭବିଷ୍ୟତରେ ସବୁଦେଶରୁ ହଜିଯିବ ଜାତୀୟସଂଗୀତ, ପୁନଃପତିତ ହେବ – ଜାତୀୟପତାକାମାନ । ମଣିଷ ମାରିବା ପରେ – ଏ ଭଡ଼ାଟିଆବାହିନୀ କ୍ରମେ ଉଚ୍ଛେଦ କରିଚାଲିବ ପୃଥିବୀର ପ୍ରତ୍ୟେକ ଦେଶର ଇତିହାସଲବ୍ଧ ଆଜନ୍ମ ଜାତୀୟତାଗତ ଦୀର୍ଘଐତିହ୍ୟଧାରାକୁ। ପ୍ରତ୍ୟେକ ଦେଶରେ ପୁଣି ଘନାଇଆସିବ – ମହାପରାଧୀନତାର କରାଳ କାଳରାତ୍ରୀ । ଏହା ବିଶ୍ୱଭବିଷ୍ୟବାଣୀର ଚୂଡ଼ାନ୍ତତମ ଷଡଯନ୍ତ୍ରର ସୁରାକ...ହୁସିଆର... ଜାଗତିଆର୍ ରହନ୍ତୁ - ଆଜିଠୁ ବିଶ୍ୱଜନଗଣ !ପ୍ରତିମୁହୂର୍ତ୍ତରେ ବଦଳୁଛି ପ୍ରକୃତିର ନିୟମ। ଜଳବାୟୁ ପରିବର୍ତ୍ତନରେ ଆସିଛି ବ୍ୟାପକ ଅସ୍ୱାଭାବିକତା। ବହୁପୂର୍ବରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପୃଥିବୀ ଉପରେ ପଡିଆସିଛି। ଲଗାତର ଗ୍ରୀଷ୍ମପ୍ରବାହ, ଆକାଶରୁ ନିଆଁବର୍ଷା, ଭୟଙ୍କର ମରୁଡି, ପ୍ରବଳ ଝଡତୋଫାନବାତ୍ୟା, ଭୂସ୍ଖଳନ, ଭୂମିକମ୍ପ, ସମୁଦ୍ରଜଳପତନ ବୃଦ୍ଧି ପ୍ରଭୃତି ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ଥରହର। ଏହାର କୁପରିଣାମ ଭୋଗୁଛନ୍ତି ସାରାବିଶ୍ୱର ଜୀବଜଗତ। ପୃଥିବୀର ଉତାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମନୁଷ୍ୟକୃତ କାର୍ଯ୍ୟ ଇନ୍ଧନ ଦହନ, ଗାଡ଼ିମଟରରୁ ନିର୍ଗତ କାର୍ବନଡାଇଅକ୍ସାଇଡ୍ ଦ୍ୱାରା ଏବଂ ଶକ୍ତିଉତ୍ପାଦନ ପାଇଁ ଇନ୍ଧନ ଜଳାଉ। ୧୮୫୦ ମସିହାରେ ଶିଳ୍ପବିପ୍ଳବରେ କୋଇଲାରୁ ଶକ୍ତିଉତ୍ପାଦନ ହୋଇଥିଲା। ଅଧିକ କୋଇଲା ଜାଳିବାଫଳରେ ବାୟୁମଣ୍ଡଳ ପ୍ରଦୂଷିତହୋଇ ଜୀବଜଗତ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଏହାଦ୍ୱାରା ମଧ୍ୟ ପାଣିପାଗର ପରିବର୍ତ୍ତନ ଘଟେ। ପାଣିପାଗର ଅସମାନତା ଦେଖାଯାଏ। ଗ୍ରୀଷ୍ମପ୍ରବାହ ବୃଦ୍ଧିଦ୍ୱାରା ସ୍ୱାସ୍ଥ୍ୟସମସ୍ୟା ବଢୁଛି। ମୃତ୍ୟୁର ତାଣ୍ଡବ ସୃଷ୍ଟି ହେଉଛି । ଜଳବାୟୁ ପରିବର୍ତ୍ତନରେ ପରିବେଶ ପ୍ରଦୂଷଣ ଯୋଗୁ ସଂକ୍ରାମକ ଓ ଅଣସଂକ୍ରାମକ ରୋଗ ବ୍ୟାପକ ଭାବେ ହୋଇ ଚର୍ମକର୍କଟରୋଗ ବ୍ୟାପୁଛି। ପରିବର୍ତ୍ତିତ ଜଳବାୟୁରେ କୃଷି ଭୀଷଣ ଭାବେ ପ୍ରଭାବିତ। ଗଜାମରୁଡି, ରୋଗପୋକ ଯୋଗୁଁ ଖାଦ୍ୟଶସ୍ୟ ଅମଳ କମିଯାଉଛି। ମୃତିକାର ତାପମାତ୍ରା ବୃଦ୍ଧିରେ ବିହନ ଗଜାହେବା କ୍ଷମତା ହରାଏ। ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ପରିବେଶକୁ ବିଗାଡ଼ିଦେଇଛି। କେଉଁଠି ଅତ୍ୟଧିକ ବର୍ଷା ଆଉ କେଉଁଠି ଅସହ୍ୟ ଗରମ ଅନୁଭବ ହେଉଛି। ଛ’ଋତୁ ମଧ୍ୟରୁ ଏବେ କେବଳ ବର୍ଷା, ଶୀତ, ଗ୍ରୀଷ୍ମ ଋତୁ ଜଣାପଡୁଛି। ଅନୁପାତ ମଧ୍ୟ ଠିକ୍ ରହୁନି। ଏହାର ପ୍ରଭାବ ଜନସମାଜ, ବୃକ୍ଷଲତା, ଜୀବଜନ୍ତୁ, ଶୈବାଳ, ସାମୁଦ୍ରିକ ପ୍ରାଣୀ ଉପରେ ପଡୁଛି। ଆକାଶରେ ବରଫ ତରଳୁଛି। କଳାବରଫଯୋଗୁ ତରଳୁଛି ଗ୍ଲାସିୟର। ଜଳମଗ୍ନ ହୋଇଯିବ ବଡ଼ବଡ଼ ସହର। ପ୍ରାକୃତିକ ପରିବେଶ ବଦଳିଯିବ। ଜଙ୍ଗଲରେ ଲାଗିବ ନିଆଁ। ନିଭୁନିଭୁ ବହୁଦିନ ଲାଗିବ। ପ୍ରତିବର୍ଷ ହେକ୍ଟର ହେକ୍ଟର ଜଙ୍ଗଲ ପୋଡ଼ି ଛାରଖାର ହୋଇଯାଉଛି। ବେଳେବେଳେ ଚାଷପାଇଁ ମଣିଷ ବି ଜଙ୍ଗଲରେ – ଧାନ କଟାହେଲାପରେ ଧାନବିଲରେ ନିଆଁ ଲଗେଇଦିଅନ୍ତି। ଏହାଦ୍ୱାରା ପ୍ରବଳଭାବରେ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଜଙ୍ଗଲପୋଡି ମଣିଷପାଇଁ ହାନିକାରକ । ବ୍ରାଜିଲର ଆମାଜନ ଜଙ୍ଗଲରୁ ପୃଥିବୀର ୨୦ ପରସେଂଟ୍ ଅମ୍ଳଜାନ ମିଳିଥାଏ। ଆମାଜନ୍ ଜଙ୍ଗଲରେ ନିଆଁଲାଗି ଏହାର ବ୍ୟାପକ କୁପ୍ରଭାବ ବିଶ୍ୱଉପରେ ପଡିଛି। ଏହାର ବିଷାକ୍ତ ଗ୍ୟାସଦ୍ୱାରା ହୃଦ୍‌ରୋଗ, କ୍ୟାନ୍‌ସର୍ ଭଳି ମାରାତ୍ମକ ରୋଗର ଶିକାର ହେଉଛନ୍ତି। ୧୯୧୯ରେ ଆମାଜନ୍ ଜଙ୍ଗଲରେ ମାସମାସଧରି ନିଆଁ ଲାଗିରହିବାଫଳରେ ଚାରିଆଡ଼େ ଧୂଆଁମୟ ହୋଇଯାଇଥିଲା। କେବଳ ଆମାଜନ୍ ଜଙ୍ଗଲ ନୁହେଁ – ପୃଥିବୀର ଅନେକ ଜଙ୍ଗଲରେ ପ୍ରତିବର୍ଷ ନିଆଁଲାଗି ବ୍ୟାପକ କ୍ଷୟକ୍ଷତି ହେଉଛି। ଗ୍ରୀସ୍‌ରେ ଜଂଗଲରେ ଲାଗିଛି ନିଆଁ । ଭୟାବହ ଅଗ୍ନିକାଣ୍ଡରେ ଜନଜୀବନ ଅସ୍ତବ୍ୟସ୍ତ । ସମଗ୍ର ଗ୍ରୀସ୍‌ରେବାଦଲରେ ଘୋଟିଯାଇଛି କଳାଧୂଆଁ । ଶୁଖିଲା ପାଗ ମେ’ ଜୁନ୍ ମାସରେ ସ୍ୱାଭାବିକ ଭାବେ ଜଂଗଲରେ ନିଆଁ ଲାଗେ ।ଏଥର ଜୁଲାଇ ଶେଷସପ୍ତାହରେ ବର୍ଷା ଆରମ୍ଭରୁ ଜଂଗଲରେ ଲାଗିଛି ନିଆଁ । ଏଇଭଳି ଅବସ୍ଥା ଉପୁଜିଲେ ଜଂଗଲ ସବୁ ଖୁବ୍ କମ୍ ସମୟରେ ନିଶ୍ଚିହ୍ନହୋଇଯିବ । ଦିନକୁଦିନ ପ୍ରାକୃତିକ-ମନୁଷ୍ୟକୃତ ନିଆଁର ଆଁରେ ଜଂଗଲ ଘର ପଶିଯାଉଛି – ଦିନେ ଏ ଦୁନିଆକୁ ଜାଳିପୋଡ଼ି ପାଉଁଶ କରିଦେବ ।

ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ। କଳକାରଖାନା, ମଟରଗାଡ଼ି, ଚିମିନୀ ଆଦିରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷିତ ହୁଏ। ଏହାଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧିପାଏ। ପାଣିରେ ଅଧିକ ମାତ୍ରାରେ ଲବଣପଦାର୍ଥ ମିଶିଲେ ଜଳ ପ୍ରଦୂଷିତ ହୁଏ। ସମୁଦ୍ରପାଣି ଲୁଣିଆ। ଏବେ ସାରାବିଶ୍ୱରେ ଯେଉଁ କିଣା ବୋତଲପାଣି, ଅନ୍ୟାନ୍ୟ ଠିପିବନ୍ଦ ପାନୀୟ ବୋତଲ ପାନ କରୁଛେ – ବେପାରୀମାନେ ଅଧିକ ସମୟ ଗୋଦାମରେ ରଖି ବିକ୍ରିକରିବାପାଇଁ କେମିକାଲ ଦେଇଦିଅନ୍ତି। ସେସବୁ ପାନୀୟ ପାଟିକୁ ମିଠା, ପେଟକୁ ବିଷ ସମାନ। ଆମେ ଜାଣି ହେଉ ବା ଅଜାଣାରେ ହେଉ ବିଶ୍ୱବିଷଭଣ୍ଡାରରୁ ସେଇ ବିଷସବୁ ପିଇବାରେ ଲାଗିଛେ – ଯାହାଦ୍ୱାରା ମଧୁମେହ ରୋଗଠାରୁ ଯାବତ୍‌ପ୍ରକାର ଦୁରାରୋଗ୍ୟ ବ୍ୟାଧିର ଶିକାର ହେଉଛେ। ଫଳରେ ବିନା ଔଷଧରେ ଦିନ କଟୁନି। ପୁଣି ଔଷଧ ମଧ୍ୟ ଭେଜାଲ୍।ଏବେ ମୌସୁମୀ ବାଟବଣା ହୋଇଗଲାଣି। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଋତୁଚକ୍ରର ମଧ୍ୟ ପରିବର୍ତ୍ତନ ପ୍ରଭାବିତ। ଗ୍ରୀଷ୍ମଋତୁ ବଢିଯାଉଛି – ବର୍ଷା, ଶୀତଋତୁ କମିଯାଉଛି। ନିଶ୍ୱାସପ୍ରଶ୍ୱାସ ପାଇଁ ଶୁଦ୍ଧବାୟୁ, ଉତମ ପାନୀୟଜଳ, ସୁରକ୍ଷିତ ବାସସ୍ଥାନ ମିଳିବା କଷ୍ଟକର ହୋଇପଡୁଛି। ଅତ୍ୟଧିକ ବର୍ଷା ଓ ବନ୍ୟା, ଅନାବୃଷ୍ଟି, ଝଡତୋଫାନ, ଗ୍ରୀଷ୍ମପ୍ରବାହ ଯୋଗୁଁ ପ୍ରତିବର୍ଷ ଲକ୍ଷଲକ୍ଷ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ସମଗ୍ର ଜଗତ୍ ଉପରେ ନକାରାତ୍ମକ ପ୍ରଭାବ ପଡୁଛି। କେବଳ ମାନବଜାତି ପ୍ରଭାବିତ ହେଉନାହାଁନ୍ତି – ଜୀବଜନ୍ତୁଙ୍କ ଉପରେ ପ୍ରଭାବ ପଡୁଛି। ଅତ୍ୟଧିକ ତାପମାତ୍ରା ଯୋଗୁଁ ଅନେକ କୀଟପତଙ୍ଗ, ପଶୁପକ୍ଷୀ ମରିଯାଉଛନ୍ତି ।ପୋଖରୀ, ନଈ, ସମୁଦ୍ରରେ ଜଳଚର, ମାଛମାନେ ମରି ଭାସୁଛନ୍ତି।ଭୌଗୋଳିକ କ୍ଷେତ୍ର ଓ ବିଭିନ୍ନ ପ୍ରଜାତିଙ୍କ ଠାରେ ଆକାର ପରିବର୍ତ୍ତନ ଘଟିବାରେ ଲାଗିଛି। ପାଖାପାଖି ୧୦ଲକ୍ଷ ପ୍ରଜାତି ବିଲୁପ୍ତହେବାର ଆଶଙ୍କା ପ୍ରକାଶ ପାଇଲାଣି। ଆଉ କୋଇଲିର ଦେଖାନାହିଁ। କୁହୁକୁହୁ ଗୀତ ଗାଉନି। ଭଦଭଦଳିଆ ପକ୍ଷୀ ବିଲୁପ୍ତିର ପଥେ – ବିରଳ ହେବାକୁ ଯାଉଛି ପ୍ରଜାପତିର ଚିତ୍ରିତ କଳେବର। ‘ଘରଚଟିଆ’ କୁଆଡେ ବୁଲୁଛନ୍ତି – ତାଙ୍କର ଦେଖାନାହିଁ। ସାମୁଦ୍ରିକ କଇଁଛ, ଅତ୍ୟଧିକ ଥଣ୍ଡାରେ ବାସକରୁଥିବା ‘ମେରୁଭାଲୁ’ ଗରମ ସହ୍ୟ କରିନପାରି ମରମର ଅବସ୍ଥାରେ। ଜଳବାୟୁ ପରିବର୍ତ୍ତନ ପାଇଁ ଚୀନ୍ ବହୁଳାଂଶରେ ଦାୟୀ। ଚାଇନା କମ୍ୟୁନିଷ୍ଟ ପାର୍ଟି ସମାଜବାଦ ରାସ୍ତାରୁ ହଟି ସଂଶୋଧନବାଦ, ପୁଞ୍ଜିବାଦ ରାସ୍ତାରେ ଜିଦ୍ଦିଆ ସର୍ବୋଚ୍ଚନେତା ଡେଙ୍ଗ-ସିଆଓପିଂ ୪୦ବର୍ଷ ପୂର୍ବରୁ ସମୁଦ୍ରରେ ନୂଆ ବିରାଟ ପାଚେରି ସୃଷ୍ଟିକରି ମହାଧନୀ ହେବାକୁ କାର୍ଯ୍ୟ କଲେ। ସଂପତି ବୃଦ୍ଧିର ନିଶା ଯେ ଭବିଷ୍ୟତରେ ଧ୍ୱଂସଆଡକୁ ଗତି କରିବ – ସେ କଥା ନେତାମାନେ ମନକୁ ନେଇନଥିଲେ। ସମୁଦ୍ରପତନ ବୃଦ୍ଧି ହେଲେ ସବୁକିଛି ବୁଡ଼ିଯିବ – ଯାହାକି ୨୦୫୦ବେଳକୁ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ସତର୍କ କରାଇଦେଲେଣି। ଚୀନବାସୀ ଝଡତୋଫାନ୍, ବନ୍ୟାରେ ବୁଡିଯିବେ। ଚୀନ୍‌ର ପଶ୍ଚିମରୁ ଦକ୍ଷିଣ-ପୂର୍ବଆଡକୁ ତୋଫାନ୍ ମାଡିଆସିବ। ଡେଙ୍ଗଙ୍କ ଦୂରଦୃଷ୍ଟିବିହୀନ କାର୍ଯ୍ୟକଳାପ ପାଇଁ ଚାଇନାବାସୀ – ଏପରିକି ବିଶ୍ୱବାସୀଙ୍କୁ ମୂଲ୍ୟ ଦେବାକୁ ପଡୁଛି। ଚାଇନାର ବନ୍ୟାରେ ହଜାରହଜାର ଜନଜୀବନ-ଧନସଂପତି ଛାରଖାର ହୋଇଯାଉଛି। କେବଳ ଚୀନ୍ ନୁହେଁ, ବିଭିନ୍ନ ଦେଶରେ ପ୍ରଳୟଙ୍କାରୀ ବନ୍ୟାର ପ୍ରକୋପ ଦେଖାଦେଉଛି। ଚାଇନାର ‘ନୀଳସାଗର’ ସେ ଦେଶପାଇଁ ଆଗକୁ ବିପଦକୁ ଡାକିଆଣୁଛି। ସଂପ୍ରତି ଜି-ଜିନ୍‌ପିଙ୍ଗ୍ ଯୁଗରେ ବହୁ ଗଣତାନ୍ତ୍ରିକ ଦେଶ ବିମୁଖ। ଚୀନ ୟୁକ୍ରେନ୍ ଯୁଦ୍ଧରେ ରୁଷ ପକ୍ଷରେ ଅଛି। ବର୍ତ୍ତମାନ ସମଗ୍ରବିଶ୍ୱରେ ଚାଇନା ତା’ର ଉତ୍ପାଦିତ ଦ୍ରବ୍ୟକୁ ଶସ୍ତାରେ ବିକ୍ରି କରୁଛି – ଯାହାଫଳରେ ଅନ୍ୟ କେତେକ ଦେଶ ଚୀନ୍ ବିରୁଦ୍ଧରେ ଯାଇପାରୁନାହାଁନ୍ତି କି ନିଜେ ପ୍ରୟୋଜନୀୟ ସାମଗ୍ରୀ ଉତ୍ପାଦନ କରିପାରୁନାହାଁନ୍ତି । ଫଳରେ ଚାଇନା ସାମଗ୍ରୀ ଉପରେ ନିର୍ଭରଶୀଳ। ବ୍ରିଟିଶ୍ ଭଳି ଚୀନ୍‌ନେତୃତ୍ୱ ବର୍ତ୍ତମାନ ବିଭେଦନୀତି ଆପଣାଇ ଶାସନ କରୁଛି। ଆମେରିକାକୁ ପଛରେ ପକାଇ ଚୀନ୍ ଆଗେଇଯାଉଛି। ବିଶ୍ୱଜଳବାୟୁ ସଂସ୍ଥାକୁ କିଂବା କୌଣସି ବିଶ୍ୱସଂସ୍ଥାକୁ ଖାତିରିନାହିଁ। ଏହି ଜି-ଜିନ୍‌ପିଙ୍ଗ ବିଶ୍ୱଧ୍ୱଂସର ଜଣେ କାଣ୍ଡାରି ଭାବେ ଇତିହାସରେ ନାଁ ରଖିଦେଇଯିବେ ।ବିଶ୍ୱଜଳବାୟୁ ପରିବର୍ତ୍ତନ ସଂସ୍ଥାରେ ସବୁଦେଶ ମିଶି ସକାରାତ୍ମକ କାର୍ଯ୍ୟକରିବାକୁ ନିଷ୍ପତି ନିଅନ୍ତି। ସେ ନିଷ୍ପତିକୁ ଅଧିକାଂଶ ଦେଶ କାର୍ଯ୍ୟକାରୀ କରୁନାହାଁନ୍ତି। ଏହି ସଂସ୍ଥା ପରିଚାଳନା ପାଇଁ ଆମେରିକା ଯେଉଁ ଅର୍ଥ ଦେଇଆସୁଥିଲା – ତା’ର ଅର୍ଥନୈତିକ ସଂକଟ ଯୋଗୁଁ ସେ ଦେଇପାରୁନି। ସିଂହଭାଗ ଅର୍ଥ ନପାଇ ସଂସ୍ଥା ଏକପ୍ରକାର ଅଚଳ ଅବସ୍ଥାରେ ଅଛି। ତା’ହେଲେ ଏ ବିଶ୍ୱ ତିଷ୍ଠିବ କିପରି ?ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ସାଧାରଣ ଜୀବନଯାତ୍ରା ବ୍ୟାହତ। ପ୍ରବଳ ଗରମ ଓ ‘ଲୁ’ ପ୍ରବାହ ଯୋଗୁଁଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି। ଆମେ ଜନ୍ମ ହେଇଛେ ଦିନେନା ଦିନେ ମରିବା। ଆମେ ଅନ୍ୟଦୋଷରୁ ଏବଂ ନିଜଦୋଷରୁ ପୋକମାଛିଭଳି ମରିବା କାହିଁକି ? ଆସିଗଲା ସୁପର ଏଲ୍‌ନିନୋ। ପ୍ରାକୃତିକ ପାଣିପାଗ ପ୍ରକ୍ରିୟା – ‘ଏଲ୍‌ନିନୋ’ ପ୍ରଶାନ୍ତ ମହାସାଗରରେ ଆରମ୍ଭ ହୋଇଯାଇଛି। ଏହି ଏଲ୍‌ନିନୋ ବିଶ୍ୱତାପମାତ୍ରାକୁ ଆହୁରି ବଢାଇଦେବ ବୋଲି ଆମେରିକାର ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇଲେଣି । ଏହାଫଳରେ ୨୦୨୪-୨୫ ପୃଥିବୀ ଇତିହାସରେ ସବୁଠୁ ଅଧିକ ଉତପ୍ତବର୍ଷହୋଇପାରେ । ପୃଥିବୀର ପାଣିପାଗକୁ ବିଗିଡେଇଦେବ। ୨୦୨୪-୨୫ରେ ଜୁନ୍‌ମାସରେ ଆକାଶରୁ ଅଗ୍ନି ବର୍ଷିବ। ଶେଷବେଳକୁ ଚରମସ୍ତରରେ ପହଂଚି ୨୦୨୫ରେ ସାରାବିଶ୍ୱରେ ବହୁ ଅଘଟଣ ଘଟିବ। କେଉଁଠି ବନ୍ୟା ତ କେଉଁଠି ମରୁଡି, ପୁଣି କେଉଁଠି ମାତ୍ରାଧିକ ବର୍ଷା ମଧ୍ୟ ହେବ ।ଏଲ୍‌ନିନୋ ଓ ଲାନିନା ପ୍ରଭାବରେ ବିଷୁବମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ ସମୁଦ୍ରଜଳରେ ଭିନ୍ନତା ଦେଖାଯିବ ।ଚୀନ୍ ପୃଥିବୀକୁ ୩୨୮୦୮ ଫୁଟ୍ ଖୋଳି ଡିଜେଲ୍, ପେଟ୍ରୋଲ୍, ଖଣିର ସନ୍ଧାନ କରୁଛି । ରୁଷିଆ ପୃଥିବୀକୁ ଖୋଳି ବେଶିଦୂର ଯାଇପାରିନି । ଏମାନେ ସିନାତେଲ, ଖଣିଜପଦାର୍ଥ ସନ୍ଧାନରେ ମେଦିନୀ ମାତାର ବକ୍ଷ ବିଦାରି ଅନ୍ତନାଡି ପର୍ଯ୍ୟନ୍ତ ଯାଇଛନ୍ତି– ଏଣେ ଚନ୍ଦ୍ରରେ ଗାତ ଖୋଳି ଜବରଦଖଲ କରିବାକୁ ଆମେରିକା ଲକ୍ଷ୍ୟ ରଖିଛି। ଏମାନଙ୍କର ସଂପତିଲୋଭ ଆକାଶଛୁଆଁ। ଏଣେ ଭାରତ ଆମେରିକା, ଚୀନ୍, ରୁଷରୁ ଆମ ଭୋକିଲା – ମାଗଣାଖିଆଙ୍କୁ ଖାଦ୍ୟ-ଧନ ବାଂଟିବାପାଇଁ କରଜ ଆଣୁଛି । ମିଛଟାରେ ପବନରେ ଖଣ୍ଡା ବୁଲାଉଛି । ମୋବାଇଲମାଲିକମାନେ ପବନ ବିକି ସମସ୍ତଙ୍କ ପକେଟ୍ କଣା କରିସାରିଲେଣି ।

ଏବେ ଭାରତ, ୟୁରୋପୀୟ ଦେଶମାନଙ୍କରେ ଭୀଷଣ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ସାଧାରଣ ଜୀବନଯାତ୍ରା ବ୍ୟାହତ । ପ୍ରବଳ ଗରମ ଓ ‘ଲୁ’ ପ୍ରବାହ ଯୋଗୁଁ ଅନେକ ଲୋକଙ୍କ ପ୍ରାଣବାୟୁ ଉଡିଯାଉଛି ।

ବିଶ୍ୱ ନିଜର ଭବିଷ୍ୟତହୀନତାକୁ ଭେଟିବାକୁ ଯାଉଛି – ସାମ୍ନାରେ ସେଇ ମହାସନ୍ଧିକ୍ଷଣର ସୂତ୍ରପାତ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇସାରିଲାଣି ।

ବେଳକୁବେଳ ବଢୁଛି ପ୍ରକୃତିକୁ ବିକୃତିରେ ପରିଣତ କରିଚାଲିଥିବାର ମହାଦାନବିକ ପ୍ରବୃତି। ଏ ପ୍ରବୃତି ପଛରେ ରହିଛି ମଣିଷକୁ ପ୍ରକୃତିର ପରିସରରୁ ବିସ୍ଥାପିତ କରି ଆମୂଳଚୂଳ କୃତ୍ରିମତାର ଏକପ୍ରକାର ସଇତାନୀ ସୌଦାଗରୀ ବଜାରର ଗରାଖ ରୂପେ ଥଇଥାନ କରିବାର ମାରାତ୍ମକ ଅଭିସନ୍ଧି ! ମାରାତ୍ମକ ଏହି କାରଣରୁ ଯେ ଧନତନ୍ତ୍ରୀ ମୁନାଫାଖୋର୍ ଧୂର୍ତ୍ତଗୋଷ୍ଠୀ ନିଜ କରରେ କବଳିତ କରିରଖିବାକୁ ଚାହୁଁଛନ୍ତି ବିଶ୍ୱଭାଗ୍ୟଡୋରି - ମାତ୍ର ଏହି ଅଭିସନ୍ଧି ପରିପୂରଣ-ପଥର ପ୍ରଧାନ ଅନ୍ତରାୟ ହୋଇପାରେ ମଣିଷତ୍ୱକୁ ମୂଲ୍ୟ ଦେଉଥିବା ବ୍ୟକ୍ତିତ୍ୱର ସ୍ୱର। ଏ ସ୍ୱରକୁ ଏଇ ଧୂର୍ତ୍ତ ଧନତନ୍ତ୍ରୀ ଗୋଷ୍ଠୀର ପ୍ରାଣେ ଡର । ଏହି କାରଣରୁ ବଡ଼ ଗୋପନୀୟ ଭାବରେ କେବଠୁ ଆରମ୍ଭ ହୋଇସାରିଲାଣି ଏକପ୍ରକାର ଅଦୃଶ୍ୟ ଗଣହତ୍ୟାର ଜଘନ୍ୟ ଯୋଜନାବଦ୍ଧ ଷଡ଼ଯନ୍ତ୍ର। ତାହା ହେଉଛି - ମଣିଷମାନଙ୍କ ଭିତରୁ ମାରିଦିଅ ମଣିଷତ୍ୱକୁ ପ୍ରଥମେ, ତା’ପରେ ଯାଇ ତାଂକୁ ଗରାଖ କରିରଖ ନିଜ କୃତ୍ରିମ ବଜାରୀକରଣର ବ୍ୟବସ୍ଥାଚକ୍ରବ୍ୟୂହ ଭିତରେ ଏକ ଏକ ଅସହାୟ ଅସ୍ତିତ୍ୱ ରୂପେ। ଏମିତି ଗରାଖ ହେଉ ହେଉ ଗୋଲାମ ହେଇଯିବେ ଏମାନେ - ଏଇ ହତଭାଗା ମଣିଷର ଦଳ ! ତା’ପରେ ଏମାନଙ୍କୁ ବ୍ୟବହାର କରାଯାଇପାରେ ଯନ୍ତ୍ରବତ୍। ବ୍ୟକ୍ତିତ୍ୱର ସ୍ୱର ସଂସାରରେ ଯେଉଁଠି ଯେଉଁଠି ଶୁଭେ, ଏହି ମହାଦାନବିକ ଧୂର୍ତ୍ତ ଧନତନ୍ତ୍ରୀ ଗୋଷ୍ଠୀ ସେହି ସ୍ୱରକୁ ନିଷ୍ପ୍ରାଣ କରିଦେବାର ନୃଶଂସ ଘାତକବାହିନୀ ଯେ ବେଶ୍ ଲୋଭନୀୟ ସୁପାରିରେ ଯୋଗାଡ଼ କରିବାକୁ ଜୋରସୋର୍ କୂଟଚକ୍ରାନ୍ତ ଚଳାଉଥିବେ - ଏହା ନିଃସନ୍ଦେହ।

ବ୍ୟକ୍ତିତ୍ୱର ସ୍ୱର ବୈପ୍ଳବିକତାର ବୈତାଳିକ ବହ୍ନିଜ୍ୱାଳାମୟ ପୁକାର୍... ଏ ପୁକାରକୁ ମୂଳରୁ ମାରିନଦେଲେ ଧନତନ୍ତ୍ରୀ ବିଶ୍ୱକୁ ବଜାର କରିବା ସହଜ ନୁହେଁ- ସୁତରାଂ ମଣିଷ ଓ ମଣିଷତ୍ୱକୁ ମାର, ବିପ୍ଳବ ଓ ବିବେକିତାକୁ ମାର, ହୃଦୟ ଓ ମସ୍ତିଷ୍କକୁ ମାର - ଏହା ହିଁ ଧନତନ୍ତ୍ରର ଫିସାଦୀ ଫୁସ୍‌ଫୁସ୍ ... ମନ୍ତ୍ରଣାମହଲରେ।

ସବୁ ରାଷ୍ଟ୍ରୀୟ ନେତୃତ୍ୱକୁ ଏହି ଗୋଷ୍ଠୀ ନିଜ ନିଜର ଅର୍ଥଦାସ କରିବାରେ ଶତକଡ଼ା ୯୫ ଭାଗ ସଫଳକାମ ହୋଇସାରିଲେଣି। ଦେଶପ୍ରଦେଶବିଦେଶର ରାଜନୀତି ଆଜି ଏହି ମହାବିକୃତରୁଚିସଂପନ୍ନ, ମନୁଷ୍ୟତାଭ୍ରଷ୍ଟ ମାରାତ୍ମକ ଅଭିସନ୍ଧିକାରୀ ଧନତନ୍ତ୍ରୀ ଗୋଷ୍ଠୀକର୍ତ୍ତୃକ ପରିଚାଳିତ ବଜାରୀ-ଅର୍ଥନୀତିର ବିକ୍ରୀତ ବାମନ ! ଦେଶର ନେତା ଆଜି କଂପାନୀବାଲାର କିଣାକିଙ୍କର। ଯେଉଁ ଭୋଟର୍ ଭୋଟ୍ ଦେଇ ନେତା ଗଢନ୍ତି, ସେଇ ନେତା ପରେ ସାଜନ୍ତି କୁତା - ଏ ଧନବନ୍ତ ସୌଦାଗରୀ ବଜାରଦଖଲକାରୀ ମାଲିକଶ୍ରେଣୀର। ବିଶ୍ୱାସଘାତକତାର ବିଷବୀଜ ଆଜି ଏଦେଶ-ସେଦେଶ-ବିଶ୍ୱସାରା ଫଳାଇବାକୁ ଯାଉଛି ଅମଣିଷତ୍ୱର ଅନ୍ଧକାର ଅରଣ୍ୟ !ମଣିଷକୁ ମାରିଦିଆଯିବ। ମସ୍ତିଷ୍କକୁ ମାରିଦିଆଯିବ। ହୃଦୟକୁ ମାରିଦିଆଯିବ। ପ୍ରକୃତିକୁ ମାରିଦିଆଯିବ।

ବଜାର୍ ବିକିବ ପାଣି - ଆମର ଶୋଷକୁ, ବଂଧୁଗଣ !

ଶାସନ ବିକିବ ଖଣି - କଂପାନୀବାଲାଙ୍କର ଆସୁରିକ ଆଁ’କୁ, ଜନଗଣ।

ପ୍ରକୃତି ନିକଟରୁ ମଣିଷକୁ ଦୂରାଇଆଣିବାର ଦୁରଭିସନ୍ଧି ଏବେ ଅଶୀଭାଗ ସଫଳ। ଯେଉଁ ଦିନ ବାକୀଭାଗ ସାଫଲ୍ୟଲାଭ କରିବେ ଷଡ଼ଯନ୍ତ୍ରକାରୀଏ, ସେଦିନ ମହାଭୟଙ୍କର ଭବିଷ୍ୟତ ପାଦ ଦେବାର ମହାଦାରୁଣ ଦିନ ଏ ଦୁନିଆରେ।ବର୍ବର ବନବିନାଶପର୍ବ ଏବଂ ଖାତଗାତଖୋଳା ଖଳଖେୟାଲ୍ ବଳବତର ରହିଛି । ତାପମାତ୍ରା ବଢୁଛି ଅକଳ୍ପନୀୟ। ତଳୁ ତାତୁଛି ପୃଥିବୀ, ଉପରୁ ତାତୁଛି ଆକାଶ। କ୍ଷିତ୍ୟୋପଂତେଜମରୁତ୍‌ବ୍ୟୋମର ମହାପଂଚଭୂତରେ ଅନୁଭୂତ ହେଲାଣି ଭୀଷଣ ଭାରସାମ୍ୟଶୂନ୍ୟତା !ଦିନେ ପୃଥିବୀର ସବୁ ବରଫପାହାଡ ତରଳିବ। ହିମାଳୟ ପାଲଟିଯିବ ଶତସିନ୍ଧୁ। ଜଳପ୍ଳାବନ ପ୍ରବାହିତ ହେବ ସଂସାରସାରା। ପ୍ରଳୟପ୍ଳାବନ ମଧ୍ୟରେ ନାପ ।ହୋଇଯିବ ଦିନେ ଭାଗେ ସ୍ଥଳଭାଗର ଏଇ ସୁନ୍ଦର ପୃଥିବୀ। ବୁଡ଼ିଯିବ ବଂଧୁଭରା ବସୁନ୍ଧରା। ନାଦବିଂଦୁରେ ବିଲୀନ ହୋଇଯିବ ବିଶ୍ୱମଂଡଳୀୟ ବୃତଟି ଆମର !

ପାତାଳୀ ପୃଥିବୀ - ଏହା ହିଁ ହେଉଛି ଭବିଷ୍ୟହୀନ ବିଶ୍ୱ !

ଆଜହୁଁ ସଂକଳ୍ପବଦ୍ଧ ସଂଗ୍ରାମର ବଜ୍ରମୁଷ୍ଟି ଉତୋଳନ ନକଲେ, ଆମର ଆସନ୍ତା କାଲି ବିପନ୍ନ। ଖଣି ରକ୍ଷା କର। ପାହାଡ଼ ରକ୍ଷା କର। ଔଷଧୀୟ ବୃକ୍ଷଲତାଗୁଳ୍ମର ଅରଣ୍ୟାଂଚଳସମୂହକୁ ରକ୍ଷା କର। ରକ୍ଷା କର ମହାପ୍ରକୃତିମାତାକୁ, ହେ ଦେଶବାସୀ,ବିଶ୍ୱବାସୀ - ଏଇ ମଣିଷମରା ଧନତନ୍ତ୍ରୀ ମୁନାଫାଖୋର୍ ଧୂର୍ତ୍ତଗୋଷ୍ଠୀ କବଳରୁ...

ସଫଳ ନହେଉ ସେ ଜହ୍ଲାଦଚକ୍ରର ଏ ଖଳଖସଡ଼ା : ଭବିଷ୍ୟବିହୀନ ବିଶ୍ୱ ।

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ

**ଚୋରଦା, ପୋ-ଫେରୋକ୍ରମ୍ ପ୍ଲାଣ୍ଟ, ଯାଜପୁର ରୋଡ୍, ଜିଲ୍ଲା-ଯାଜପୁର**

**ବିଜ୍ଞାପନ**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଇଯାଉଅଛି କି, ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍-୧୯୮୨, ଧାରା -୧୬ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ସୁକିନ୍ଦା ତହସିଲ୍, ଦାନଗଦି ତହସିଲ୍, ବ୍ୟାସନଗର ତହସିଲ୍ ଓ ରସୁଲପୁର ତହସିଲ ଅଧିନରେ ଥିବା ପୂର୍ବର ୧୬୧ଟି ଗ୍ରାମ ଓ ପରବର୍ତ୍ତୀ ସମୟରେ ମିଶ୍ରିତ ଯାଜପୁର ତହସିଲ୍, ଦଶରଥପୁର ତହସିଲ୍ ଓ ଯାଜପୁର ପୌରାଞ୍ଚଳ ଅଧିନସ୍ଥ ଅତିରିକ୍ତ ୮୪ଟି ଗ୍ରାକୁ ନେଇ ସମୁଦାୟ ୨୪୫ ଟି ଗ୍ରାମ ମଧ୍ୟରୁ ବ୍ୟାସନଗର ପୌରାଞ୍ଚଳସ୍ଥିତ ୨୦ଟି ଗ୍ରାମ ଓ ଯାଜପୁର ପୌରାଞ୍ଚଳସ୍ଥିତ ୧୯ଟି ଗୋଟି ଗ୍ରାମକୁ ବାଦ୍ ଦେଇ ଅବଶିଷ୍ଟ ୨୦୬ ଗୋଟି ଗ୍ରାମ ମଧ୍ୟରେ ଯେ କୌଣସି ପ୍ରକାରର ଗୃହ କିମ୍ବା ଜମି ବିଭକ୍ତିକରଣ କରିବା ପୂର୍ବରୁ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରୁ ଏହାର ନକ୍ସା ମଞ୍ଜୁର କରାଇବା ବାଞ୍ଛନୀୟ। କିନ୍ତୁ ଏ ସମ୍ବନ୍ଧରେ ବାରମ୍ବାର ବିଭିନ୍ନ ନୋଟିସ ମାଧ୍ୟରେ ସର୍ବସାଧାରଣଙ୍କୁ ଅବଗତ କଲା ପରେ ମଧ୍ୟ କିଛି ବ୍ୟକ୍ତି ଏହାକୁ ଅବମାନନା କରୁଥିବା କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଛି।

ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁ କି କଳିଙ୍ଗ ନଗର ଉନ୍ନୟନ ଅଞ୍ଚଳ ମଧ୍ୟରେ ଯେ କୌଣସି ପ୍ରକାରର ଗୃହ (Building) କିମ୍ବା ଜମି ବିଭକ୍ତିକରଣ (Plot Lay-out) କରିବା ପୂର୍ବରୁ ଆଇନ୍ ଅନୁଯାୟୀ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଠାରୁ ନକ୍ସା online ମାଧ୍ୟମରେ ମଞ୍ଜୁରୀ କରାଇ ନିଅନ୍ତୁ। କୌଣସି ବ୍ୟକ୍ତି ବା ସଂସ୍ଥା ଏହାର ଅବମାନନା କଲେ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ୍-୧୯୮୨, ଧାରା ୯୦,୯୧,୯୨ ଓ ୯୪ ଅନୁଯାୟୀ ଉକ୍ତ ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ ଙ୍କ ଦ୍ୱାରା ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା-
ସଚିବ
କଳିଙ୍ଗ ନଗର ଉନ୍ନୟନ କର୍ତ୍ତୃପକ୍ଷ



ପବିତ୍ର ଦୁର୍ଗାପୂଜା ଓ ଦୈନିକ ଓଡ଼ିଆ ଖବରକାଗଜ 'ମନ୍ଥନ'ର ଯାଜପୁର ସ୍ୱତନ୍ତ୍ର ବିଶେଷାଙ୍କ ଅବସରରେ ଯାଜପୁର ଜିଲ୍ଲାର ସମସ୍ତ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା

**MOHARANA TRADERS & SUPPLIERS**

DANAGADI, KALINGA NAGAR, JAJPUR

PROP. B.K. MOHARANA




# ଅନନ୍ୟ ଶକ୍ତିପୀଠ ବିରଜା ମନ୍ଦିର

ସଂଯୁକ୍ତା ମହାପାତ୍ର

ମହାଭାରତର (ଆରଣ୍ୟକ) ପର୍ବର ୮୫ ଓ ୧୧୪ ଅଧ୍ୟାୟରେ ବିରଜାକ୍ଷେତ୍ରର ପବିତ୍ରତା ଓ ପ୍ରାଚୀନତା ବିବୃତ ଅଛି। ଧର୍ମରାଜ ଯୁଧିଷ୍ଠିର ଦ୍ରୌପଦୀ ଓ ଭ୍ରାତାମାନଙ୍କ ସହିତ ବିରଜା ତୀର୍ଥସ୍ଥ ପୁତଃନୀରା ବୈତରଣୀ ନଦୀରେ ସ୍ନାନ ଓ ପିତୃତର୍ପଣ କରିଥିବାର ପ୍ରମାଣ ଅଛି। ମହାଭାରତ, ହରିବଂଶ ତଥା ବାୟୁପୁରାଣରେ ବିରଜା କ୍ଷେତ୍ରର ଉଲ୍ଲେଖ ଅଛି। ବିରଜାକ୍ଷେତ୍ରରେ ବିରଜା ମନ୍ଦିରଟି ଅର୍ବାଚୀନ ହେଲେ ମଧ୍ୟ ଶାକ୍ତପୀଠ ବିରଜାପୁରୀ ଓ ଭୁବନେଶ୍ୱର ଠାରୁ ପ୍ରାଚୀନତର। ମହାଭାରତ ଅନ୍ତର୍ଗତ ବନପର୍ବ ଓ ସ୍ଥାନୀୟ ଲୋକୋକ୍ତି ଅନୁସାରେ ବିରଜା ମନ୍ଦିରର ଅନତିଦୂରରେ ଅବସ୍ଥିତ କଳସପୁରଠାରେ ଦେବୀଙ୍କ ମୂଳ ମନ୍ଦିର ଥିଲା। ସଂପ୍ରତି ସେହି ମନ୍ଦିରର କିଛି ଧ୍ୱଂସାବଶେଷ ଓ ଖଣ୍ଡିତ ଶିଳାଖଣ୍ଡମାନ ଇତସ୍ତତଃ ପଡିଥିବାର ଦେଖିବାକୁ ମିଳେ। ମୂଳ ମନ୍ଦିରଟିର ପ୍ରସ୍ତର ନିର୍ମିତ ଦ୍ୱାରବନ୍ଧ, ଯାହାକି ସୂକ୍ଷ୍ମ କାରୁକାର୍ଯ୍ୟରେ ଅଳଙ୍କୃତ ଥିଲା, ତାହା ସ୍ଥାନାନ୍ତରିତ ହୋଇଛି। ସମ୍ଭବତଃ ଏବର ବିରଜା ମନ୍ଦିରର ପ୍ରଧାନ ପ୍ରବେଶ ଦ୍ୱାରରୂପେ ଖଚିତ ଦ୍ୱାରବନ୍ଧଟି ଗୁପ୍ତଯୁଗରେ ନିର୍ମିତ କଳସପୁର ମନ୍ଦିରରେ ସଂଯୁକ୍ତ ଥିଲା। ଐତିହାସିକ ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହିଙ୍କ ମତରେ କଳସପୁରର ମୂଳ ମନ୍ଦିରଟି ନିଶ୍ଚିତରୂପେ ଅଦ୍ୟାବଧି ଓଡିଶାରେ ତିଷ୍ଠି ରହିଥିବା ସମସ୍ତ ମନ୍ଦିର ଠାରୁ ସ୍ୱତନ୍ତ୍ର। ସମ୍ଭବତଃ ଏହି ମନ୍ଦରଟିର ଛାତ ଗୁପ୍ତକାଳୀନ ମନ୍ଦିର ଭୁବନେଶ୍ୱରର ପରିଆ ନିକଟସ୍ଥ ଶିଖର ଚଣ୍ଡି ମନ୍ଦିରର ଛାତ ଅନୁରୂପ।





ସମୟକ୍ରମେ କଳସପୁର ମନ୍ଦିରଟି ନଷ୍ଟ ହୋଇଯିବା ପରେ ପ୍ରାକ୍ ଭୌମକର ଯୁଗରେ ଗୋଟିଏ ନୂଆ ମନ୍ଦିର ନିର୍ମିତ ହୋଇଥିବା ସମ୍ଭବ। ଏବର ବିରଜା ମନ୍ଦିର ପ୍ରାଚୀରରେ ଖଚିତ ସ୍ଥାପତ୍ୟ ଗୁଡିକ ଯଥା- ନିଶା ପାର୍ବତୀ, ଭୈରବ, କାର୍ତ୍ତିକେୟ ଅଜୈକପାଦ ଭୈରବ ଆଦି ୬ଷ୍ଠ ରୁ ୭ମ ଶତାବ୍ଦୀରେ ଗୁପ୍ତ ଯୁଗର ଅବସାନ ଓ ଭୌମ ଯୁଗର ମଧ୍ୟବର୍ତ୍ତୀ କାଳରେ ନିର୍ମିତ ହୋଇଥିବା ନିଶ୍ଚିତ। କଳସପୁରରୁ ବିରଜା ଦେବୀଙ୍କର ଆସ୍ଥାନ ଏବର ଚଂପାମଡେଇ ନାମକ ସ୍ଥାନକୁ ଆସିବା ପରେ ଉପରୋକ୍ତ ମନ୍ଦିରଟି ୭ମ ଶତକରେ ଗଢିଉଠିଥିବ। ଯଦିଓ ସାଂପ୍ରତିକ ମନ୍ଦିରର ନିର୍ମାଣ କିମ୍ବା ନିର୍ମାତାଙ୍କ ସମ୍ବନ୍ଧରେ କୌଣସି ଅଭିଲେଖୀୟ ଲିଖିତ ପ୍ରମାଣ ଉପଲବ୍ଧ ନୁହେଁ, କୌଣସି ଦତ୍ତ କିମ୍ବା ବିଗ୍ରହ ବଂଶର ନରପତି ଏହି ମନ୍ଦିରଟି ନିର୍ମାଣ କରିଥିବା ଅନୁମିତ। ଖ୍ରୀ.ଅ ୬୩୮ ରୁ ୩୯ରେ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ଓଡିଶା ଭ୍ରମଣ କାଳରେ ଯାଜପୁର ଉଡ୍ରଦେଶ(ଉଚ୍ଚ)ର ରାଜଧାନୀ ଥିବା ଉଲ୍ଲେଖ କରିଛନ୍ତି। ସେ ନିଜେ ଉଡ୍ର ଦେଶର ରାଜଧାନୀ ଓ ତା'ର ଚତୁଃପାର୍ଶ୍ୱରେ ଅନେକ ଦେବ ମନ୍ଦିର ଏବଂ ବୌଦ୍ଧ ବିହାର ଦେଖିଥିଲେ।

'ଭକ୍ତି ଭାଗବତ' ଗ୍ରନ୍ଥରେ ଭୌମବଂଶୀ ରାଜାଗଣ ଦେବୀ ବିରଜାଙ୍କର ପାଦଭକ୍ତ ଥିଲେ। ପ୍ରଥମ କତିପୟ ଭୌମ ଶାସକ ବୌଦ୍ଧ ଥିବାରୁ ବିରଜା ଦେବୀଙ୍କ ପୂଜା ପଦ୍ଧତିରେ ତାନ୍ତ୍ରିକ ବୌଦ୍ଧ ଧର୍ମର ପ୍ରଭାବ ପଡିଥିଲା। ଏଠାରେ ଅବସ୍ଥିତ ବୌଦ୍ଧ ଶ୍ରମଣମାନେ ବିରଜାଙ୍କୁ ବୌଦ୍ଧଧର୍ମର ଜ୍ଞାନମୟୀ ଦେବୀ ପ୍ରଜ୍ଞାପାରମିତା ରୂପେ ପୂଜା କରୁଥିଲେ। ତତ୍କାଳୀନ ବୌଦ୍ଧଧର୍ମ ଶୈବ, ଶାକ୍ତ ଏବଂ ତନ୍ତ୍ରବାଦର ଏକ ଅପୂର୍ବ ମିଶ୍ରଣ ଥିଲା। ଧର୍ମର ଏହି ଅଦ୍ଭୁତ ମିଶ୍ରଣ ବିରଜା ସଂସ୍କୃତିକୁ ପ୍ରଭାବିତ କରିଥିଲା। ଯାଜପୁର ଏବଂ ତା'ର ଚତୁଃପାର୍ଶ୍ୱ ଅଂଚଳରେ ଉପଲବ୍ଧ ଅସଂଖ୍ୟ ଚାମୁଣ୍ଡା ମୂର୍ତ୍ତିର ଅବସ୍ଥିତିରୁ ଜଣାଯାଏ ଶାକ୍ତ, ଶୈବ ଏବଂ ବୌଦ୍ଧ ତାନ୍ତ୍ରିକମାନେ ଚାମୁଣ୍ଡା ବା ମହାକାଳୀଙ୍କର ଉପାସକ ଥିଲେ। ଏହି ତଥ୍ୟଟି ତ୍ରିଲୋଚନେଶ୍ୱର ମନ୍ଦିର ହତାରେ ଏକ ସ୍ୱତନ୍ତ୍ର ମନ୍ଦିରରେ ପୂଜା ପାଉଥିବା ଅଷ୍ଟାଦଶ ଭୂଜା ଚାମୁଣ୍ଡାଙ୍କ ଉପସ୍ଥିତି ଦ୍ୱାରା ସମର୍ଥିତ। ଆପାତ ଦୃଷ୍ଟିରେ ଦେଖିବାକୁ ଗଲେ ଏହି ଅଠରଭୁଜା କାଳୀମୂର୍ତ୍ତି ବିରଜା କ୍ଷେତ୍ରରେ ବାସ କରୁଥିବା ଅସଂଖ୍ୟ ଶାକ୍ତ ତାନ୍ତ୍ରିକ ମାନଙ୍କ ଆରାଧ୍ୟ ଦେବୀ ଥିଲେ। ଭୌମକର ଶାସନ ଖ୍ରୀ.ଅ ୭୩୬ ରୁ ୯୫୦ ଅବଧିରେ ବିରଜାକ୍ଷେତ୍ର ଯାଜପୁର ଶାକ୍ତ ତାନ୍ତ୍ରିକମାନଙ୍କର ଏକ ଚାରଣ ଭୂମିଥିଲା। ଭୌମଯୁଗର ଅସଂଖ୍ୟ ମୁକ୍ତ ସ୍ଥାପତ୍ୟ ଯାଜପୁରରେ ଅବସ୍ଥିତ ବିରଜା ମନ୍ଦିର, ବ୍ରହ୍ମକୁଣ୍ଡ, ଅଠରନଳା ପୋଲ, ବରାହ ଏବଂ ଆଖଣ୍ଡଳେଶ୍ୱର ମନ୍ଦିର ଆଦିରେ ଥିବାର ସବୁ ଅକାଟ୍ୟ ପ୍ରମାଣ ଇତିହାସରୁ ମିଳେ।

ଓଡିଶାର ସିଂହାସନ ଉପରେ ସୋମବଂଶୀ ଓ କେଶରୀମାନଙ୍କର ନୈତିକ ଅଧିକାର ନଥିବାରୁ ସେମାନେ ଉତ୍କଳର ଜନମତକୁ ଶାନ୍ତ କରିବାପାଇଁ ଉପକୂଳବର୍ତ୍ତୀ ଅଂଚଳରେ ଏକାଧିକ ଭବ୍ୟ ମନ୍ଦିର ନିର୍ମାଣ କରିଥିଲେ। ମହାଶିବ ଗୁପ୍ତ ଚଣ୍ଡିହର ଦ୍ୱିତୀୟ ଯଯାତି କେଶରୀ, ଚଣ୍ଡୀ ବା ଦୁର୍ଗା ଓ ହରଙ୍କର ପରମ ଭକ୍ତ ଥିବାରୁ ସମଗ୍ର ଉତ୍କଳ ଭୂମିକୁ ଗ୍ରାସ କରିଥିବା ତନ୍ତ୍ର ପରଂପରାର ବିଲୋପ ସାଧନ ପାଇଁ ସେ ବୈତରଣୀ ନଦୀ କୂଳରେ ଦଶାଶ୍ୱମେଧ ଯଜ୍ଞର ଅନୁଷ୍ଠାନ କରି, ବିରଜା ମନ୍ଦିର ଓ ଦେବୀଙ୍କର ପାଷାଣ ବିଗ୍ରହକୁ ସଂସ୍କାରିତ କରିବାପାଇଁ ସେ ଉତ୍ତର ପ୍ରଦେଶର ଗଂଗା ନଦୀ ତୀରସ୍ଥ କାନ୍ୟକୁବଜରୁ ଦଶହଜାର ଶ୍ରୋତ୍ରିୟ ବ୍ରାହ୍ମଣ ଅଣାଇ ଥିଲେ। ଯଜ୍ଞସଂସ୍କାର ମାଧ୍ୟମରେ ବିରଜା ଦେବୀଙ୍କର ପୁନଃ ପ୍ରତିଷ୍ଠା ପୂର୍ବରୁ ପୂର୍ବ ନିର୍ମିତ ମନ୍ଦିରର କତିପୟ ପରିବର୍ତ୍ତନ, ଯଥା- ମରାମତି, ନବୀକରଣ, ପୁନଃନିର୍ମାଣ ଆଦି କାର୍ଯ୍ୟ ହୋଇଥିବା ସମ୍ଭବ। ଖ୍ରୀ.ଅ.୧୧୧୮ରେ ଅନନ୍ତବର୍ମା ଚୋଡଗଂଗ ଦେବ ଓଡିଶାକୁ ପୂର୍ଣ୍ଣରୂପେ ଅଧିକାର କରି ଗଂଗ ଶାସନ ପ୍ରତିଷ୍ଠା କଲେ।

ସମ୍ଭବତଃ ଖ୍ରୀ. ଅ ୧୨୩୧ ପୂର୍ବରୁ ଗଂଗ ସମ୍ରାଟ ତୃତୀୟ ଅନଙ୍ଗଭୀମଦେବ ଯାଜପୁରରୁ ଅଭିନବ ବାରାଣସୀ କଟକକୁ ରାଜଧାନୀ ସ୍ଥାନାନ୍ତରିତ କରିବାରୁ ଯାଜପୁର ରାଜନୈତିକ ଗୁରୁତ୍ୱ ହରାଇଲା। ମାଦଳା ପାଞ୍ଜି ମତରେ ଚୋଡଗଂଗ ଦେବ ବିରଜା ଆଦି ଅଳ୍ପ କେତେକ ଶାକ୍ତ ଦେବତାଙ୍କୁ ଛାଡି ଅନ୍ୟାନ୍ୟ ସମସ୍ତ ଦେବୀଙ୍କର ବିରୋଧୀ ଥିଲେ। ଏହି ମନ୍ଦିର କାନ୍ଥରେ ଖ୍ରୀ.ଅ ୧୯୫୨ରେ ଆବିଷ୍କୃତ ଏକ ତିଥି ବିହୀନ ଶିଳାଲେଖାନୁସାରେ ଚୋଡଗଂଗ ଦେବ ଦେବୀ ବିରଜାଙ୍କ ଉଦ୍ଦେଶ୍ୟରେ ଏକ ଅଖଣ୍ଡଦୀପ ପ୍ରଦାନ କରିଥିଲେ। ତାଙ୍କର ଜନୈକ ରାଣୀଙ୍କର ନାମ ବି ଥିଲା ବିରଜା ଦେବୀ।

ଯାଜପୁର ଶତାଧିକ ବର୍ଷ ଧରି ଗଂଗ ରାଜନୀତିର କେନ୍ଦ୍ର ଥିବାରୁ ଭାରତ ପ୍ରସିଦ୍ଧ ବିରଜା ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ନିଶ୍ଚୟ ଧ୍ୟାନ ଦେଇଥିବେ। କିନ୍ତୁ ଓଡିଶା ସାମ୍ରାଜ୍ୟର ପତନ କାଳ ପର୍ଯ୍ୟନ୍ତ ଦୀର୍ଘ ୩୫୦ ଧରି ଯାଜପୁର ତା'ର ପୂର୍ବ ଗୁରୁତ୍ୱ ହରାଇଥିଲା। ପ୍ରବଳ ପ୍ରତାପୀ ତୃତୀୟ ଅନଙ୍ଗଭୀମ ଦେବଙ୍କ ବଳିଷ୍ଠ ଭୁଜ ଯାଜପୁରରୁ କଟକକୁ ଅପସାରିତ ହେବାରୁ ଉତ୍କଳର ଉତ୍ତର ସୀମାରେ ବୈଦେଶିକ ଆକ୍ରମଣ ପ୍ରବଳ ହୋଇ ଉଠି ଖ୍ରୀ.ଅ ୧୨୦୫ ରୁ ୧୫୬୮ ପର୍ଯ୍ୟନ୍ତ ଅର୍ଦ୍ଧ ତ୍ରିଶତାଧିକ ବର୍ଷ ଧରି ଉତ୍ତର ଦିଗରୁ ଚାଲିଥିବା କ୍ରମାଗତ ମୁସଲମାନ ଆକ୍ରମଣ ଫଳରେ ଯାଜପୁର ଏବଂ ତା'ର ଆଖପାଖ ଅଂଚଳରେ ଧ୍ୱଂସଲୀଳା ସଂଘଟିତ ହେଉଥିଲା। ସପ୍ତଦଶ ଶତାବ୍ଦୀର ଅନ୍ତଃପର୍ଯ୍ୟନ୍ତ ଉପରୋକ୍ତ ଧ୍ୱଂସଲୀଳା ଜାରି ରହିବାରୁ ଧର୍ମାନ୍ଧ ଆଉରଙ୍ଗଜେବଙ୍କ ନିର୍ଦ୍ଦେଶରେ ଯାଜପୁରର ଏକାଧିକ ହିନ୍ଦୁମନ୍ଦିର ଭଂଗାଯାଇ ସେଗୁଡିକର ଉପାଦାନରେ 'ଆବୁନସିର ମସ୍‌ଜିଦ' ନିର୍ମାଣ କରାଗଲା। ବିରଜାଙ୍କ ଦେବାୟତନ ଭଂଗାଯାଇ ଦେବୀଙ୍କର ପ୍ରସ୍ତର ପ୍ରତିମାକୁ ଦୁଇ ଖଣ୍ଡ କରି ମନ୍ଦିର ବେଢାରେ ଥିବା କୂପମଧ୍ୟକୁ ନିକ୍ଷେପ କରାଗଲା। ମରହଟ୍ଟା ଶାସନକାଳରେ ଖ୍ରୀ.ଅ ୧୭୫୧ ରୁ ୧୮୦୩ରେ ଯାଜପୁର ନିକଟବର୍ତ୍ତୀ ନରହରିପୁର ବ୍ରାହ୍ମଣ ଶାସନର ପ୍ରସିଦ୍ଧ ତାନ୍ତ୍ରିକ ପଣ୍ଡିତ ତ୍ର୍ୟମ୍ବକ ଅଗ୍ନିହୋତ୍ରୀଙ୍କ ପୌରୋହିତ୍ୟରେ ବିରଜାଙ୍କ ଭଗ୍ନ ମୂର୍ତ୍ତିକୁ କୂପ ମଧ୍ୟରୁ ଉଦ୍ଧାର କରାଯାଇ କଳସପୁରସ୍ଥ ମୂଳପୀଠରେ ପୁନଃ ପ୍ରତିଷ୍ଠା କରାଯାଇଥିଲା।

ବିରଜାଙ୍କ ମୂଳମନ୍ଦିର ଧ୍ୱଂସ ପାଇଥିଲେ ବି ମୁଖଶାଳାର କେତେକ ଅଂଶ ଆକ୍ରମଣକାରୀଙ୍କ କୋପଦୃଷ୍ଟିରୁ ରକ୍ଷା ପାଇଥିଲା। ମରହଟ୍ଟାଶାସନ କାଳରେ କୋଦଣ୍ଡପୁରର ପ୍ରସିଦ୍ଧ ଜମିଦାର ନରସିଂହ ଚୌଧୁରୀଙ୍କ ପୂର୍ବ ବଂଶଧର ସୁଦର୍ଶନ ମହାପାତ୍ରଙ୍କ ଉଦ୍ୟମରେ ଭଗ୍ନ ମନ୍ଦିରଟିର ମରାମତି, ନବୀକରଣ ଓ ପୁନଃ ନିର୍ମାଣ କାର୍ଯ୍ୟ ସଂପନ୍ନ ହେଲା। ସଂପ୍ରତି ମୂଳ ମନ୍ଦିରଟି ନଥିବାରୁ ଏହାର ନିର୍ଦ୍ଦିଷ୍ଟ ଆକାର ପ୍ରକାର ବିଷୟରେ କହିବା ସମ୍ଭବପର ନୁହେଁ। ତଥାପି ମନ୍ଦିରଟି ଅର୍ବାଚୀନ ହେଲେ ମଧ୍ୟ ହିନ୍ଦୁ ମନ୍ଦିରର ସମସ୍ତ ନିର୍ମାଣ ଶୈଳୀ ଏହା ବହନ କରେ। ଏଥିରେ ଦେଉଳ ଓ ଭୋଗ ମଣ୍ଡପ ଦେଖିବାକୁ ମିଳେ। ବିମାନର ଉଚ୍ଚତା ୪୭ ହାତ ବା ୭୦ ଫୁଟ ୬ ଇଂଚ। ସିଂହ ଦ୍ୱାରରେ ସଂଯୁକ୍ତ ହୋଇଥିବା ଦ୍ୱାରବନ୍ଧ ୧୦' ଢ଼୧୧" ମୋଟେଇର କଳା ମୁଗୁନି ପଥରରେ ନିର୍ମିତ। ଏଥିରେ ବହୁତ ସୂକ୍ଷ୍ମ କାରୁକାର୍ଯ୍ୟ ଖୋଦେଇ ହୋଇଛି। ପୂର୍ବରୁ କୁହାଯାଇଛି ଯେ ଦ୍ୱାର ବନ୍ଧଟି କଳସପୁରର ମୂଳ ମନ୍ଦିରର କଳା ବୋଲି ପ୍ରତୀତ ହୁଏ। ଏଥିରେ ଖୋଦିତ ସୁନ୍ଦର ପତ୍ରପୁଷ୍ପ ଶୋଭିତ ଲତାଗୁଡିକରେ ପ୍ରାଚୀନ ଉତ୍କଳର ଜୀବନ୍ତ କଳା ପରଂପରା। ଆଶ୍ଚର୍ଯ୍ୟର କଥା ଦ୍ୱାରବନ୍ଧଟି ତା'ର ପୂର୍ବ ଔଜଲ୍ୟ ଓ ଗାରିମାକୁ ଅଦ୍ୟାବଧି ଧରି ରଖିଛି। ବନ୍ଧଟିର ଧାରରେ ଅଙ୍କିତ ଉର୍ଦ୍ଧ୍ୱଗାମୀ ନାଗ ନାଗୁଣୀଙ୍କର ଆବର୍ତ୍ତୀ ଚିତ୍ର ଓ ସେମାନଙ୍କ ପୃଷ୍ଠରେ ଥିବା ଚିତ୍ରଗୁଡିକ ଏବେ ବି ଜୀବନ୍ତ। ଏଥିରେ ଥିବା ସ୍ଥପତି ପ୍ରସ୍ତର ଗାତ୍ରରେ ସୂଚୀ କାମର ସୂକ୍ଷ୍ମ କଳା କୌଶଳକୁ ଚମତ୍କାର ରୂପେ ପ୍ରଦର୍ଶନ କରିବାରେ ସକ୍ଷମ ଥିଲେ। ବାସ୍ତବରେ ଏହା ପ୍ରାଚୀନ ଓଡିଶାର ଉତ୍କଳୀୟ ମନ୍ଦିର କଳାର ଏକ ଚମତ୍କାର ନମୂନା। କିମ୍ବଦନ୍ତୀ ଅନୁସାରେ ଭିକାରୀ ଦାସ ନାମକ ଜନୈକ ସାଧୁ ମୂଷ୍ଟିଭିକ୍ଷା ଅର୍ଥ ସଂଗ୍ରହକରି ଊନବିଂଶ ଶତାବ୍ଦୀର ଶେଷ ଭାଗରେ ମନ୍ଦିରର ପ୍ରାଚିରଟି ନିର୍ମାଣ କରିଥିଲେ। ଏଥିରେ ବ୍ୟବହୃତ ପ୍ରସ୍ତରଖଣ୍ଡମାନ ସ୍ଥାନୀୟ ଗୋବିନ୍ଦ ଜିଉ ମନ୍ଦିରର ତତ୍ତ୍ୱାବଧାରକମାନଙ୍କ ଠାରୁ କ୍ରୀତ ହୋଇ ଆସିଥିବାର ସତ୍ୟତା ମୁଖ୍ୟ ପ୍ରବେଶ ଦ୍ୱାରବନ୍ଧ ଉପରେ ଖଞ୍ଜା ହୋଇଥିବା ଶିଳା ଫଳକରେ ଖୋଦିତ ଆଧୁନିକ ଓଡିଆ ଲିପିରୁ ପ୍ରମାଣିତ ହୁଏ।

ଯାଜପୁର, ମୋ୯୬୫୮୪୮୨୦୧୪

# ମହାତ୍ମାଗାନ୍ଧୀ ଓ ଯାଜପୁର ଜିଲ୍ଲା

ମିହିର ପ୍ରତାପ ଦାସ

ଗାନ୍ଧୀଜୀଙ୍କର ପ୍ରଥମ ଓଡିଶା ଗସ୍ତ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ହୋଇଥିଲା। ଏହାପରେ ଗାନ୍ଧୀଜୀ ୧୯୨୫ ମସିହା, ୧୯୨୭ ମସିହା, ୧୯୨୮ ମସିହା, ୧୯୩୪ ମସିହା, ୧୯୪୬ ମସିହାରେ ଓଡିଶା ଗସ୍ତରେ ଆସିଥିଲା। ଓଡିଶାର ଯାଜପୁର ଜିଲ୍ଲାରେ ଗାନ୍ଧୀଜୀଙ୍କର ପାଦ ପଡିଥିଲା ୧୦୩୪ ମସିହା ମେ ୨୦ ତାରିଖ ଦିନ। ଦ୍ୱିତୀୟ ଗୋଲଟେବୁଲ ବୈଠକକୁ ଫେରି ଆସିବା ପରେ ସେ ଅନୁଭବ କରିଥିଲେ ବ୍ରିଟିଶ ଶାସକ ଭାରତ ଭୂଖଣ୍ଡରେ ହିନ୍ଦୁ ସଂପ୍ରଦାୟ ମଧ୍ୟରେ ଦଳିତ ଶ୍ରେଣୀକୁ ଉତ୍ତେଜିତ କରି ବିଭେଦର ମଞ୍ଜି ପୋତିବାକୁ ଚେଷ୍ଟା କରୁଥିଲା। ପୂର୍ବରୁ ସିପାହୀ ବିଦ୍ରୋହ ସମୟରେ ପ୍ରତିଷ୍ଠିତ ହୋଇଥିବା ହିନ୍ଦୁ ମୁସଲମାନ ଏକତାକୁ ମଧ୍ୟ ଶାସକ ପକ୍ଷ ଦୁର୍ବଳ କରିବାରେ ସଫଳ ହୋଇଥିଲା। ଏଣୁ ଗାନ୍ଧୀଜୀ ସବର୍ଣ୍ଣ ଓ ଅସବର୍ଣ୍ଣ ମାନଙ୍କ ମଧ୍ୟରେ ଥିବା ବିବାଦକୁ ତୁଟାଇ ଏକତ୍ରିତ ଭାରତ ସୁରକ୍ଷିତ ରଖିବାକୁ ହରିଜନ ପଦଯାତ୍ରା ଆରମ୍ଭ କରିଥିଲେ। ୧୯୩୪ ମସିହା ମେ ୫ ତାରିଖରେ ସେ ଝାରସୁଗୁଡା ଠାରେ ଆସି ପହଞ୍ଚିଥିଲେ। ମେ ୯ ତାରିଖଠାରୁ ପୁରୀରୁ ଏହା ପଦଯାତ୍ରା ରୂପ ନେଲା। ମେ ୧୬ ତାରିଖ ଦିନ କଟକରେ ପହଞ୍ଚି ଗାନ୍ଧୀଜୀ ଟ୍ରେନ ଯୋଗେ ପାଟନା ଗଲେ ଏବଂ ମେ ୨୧ ତାରିଖ ଦିନ ଟ୍ରେନ ଯୋଗେ ଆସି ବୈରୀରେ ଓହ୍ଲାଇଲେ। ପୁରୀରୁ ଭଦ୍ରକ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଯାତ୍ରାର ଦାୟିତ୍ୱ ହକର ବାପାଙ୍କ ଉପରେ ନ୍ୟସ୍ତ ଥିଲା। ଏଥର କିନ୍ତୁ ସେ ଆସି ନ ଥିଲେ। ତାଙ୍କ ସ୍ଥାନରେଆସିଥିଲେ ମାଲଗାଂଜି। ଲୋକସେବକ ମଣ୍ଡଳର ସଭ୍ୟ ଲାଲା ଅଚିନ୍ତ ରାମଜୀ ଓ ଇଂଲଣ୍ଡର ପ୍ରସିଦ୍ଧ ମହିଳା ମିସ ଆଗାଥା ହାରିସନ ଆସିଥିଲେ। ବୈରୀ ଷ୍ଟେସନରେ ପୁରୀ ହାଉଡା ଏକ୍ସପ୍ରେସ ରହୁ ନ ଥିଲା। ତେଣୁ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ର ରେଲବାଇରୁ ସ୍ୱତନ୍ତ୍ର ଅନୁମତି ନେଇ ବୈରୀ ଠାରେ ଏହା ରହିବାର ବ୍ୟବସ୍ଥା କରିଥିଲେ। ଷ୍ଟେସନରେ ଅବତରଣ କରି ସାରି ପ୍ରାର୍ଥନା ଶେଷ କରି ଦେଇ କଇଥା ସ୍ଥିତ ଚମ୍ପାପୁର ଆଶ୍ରମକୁ ଗାନ୍ଧୀଜୀ ଚାଲି ଚାଲି କରି ଗଲେ। ହଜାର ହଜାର ଲୋକ ତାଙ୍କୁ ସ୍ୱାଗତ କରିବା ପାଇଁ ରାସ୍ତା କଡରେ ଅପେକ୍ଷାରେ ରହି ଥିଲେ। ମହିଳାମାନଙ୍କର ହୁଳହୁଳି କୀର୍ତ୍ତନ ଦଳମାନଙ୍କର ଝାଞ୍ଜ, କଂସାଳ, ଜନସାଧାରଣଙ୍କର ଜୟ ଜୟକାର ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହେଉଥିଲା। ୨୧ ତାରିଖଟି ସୋମବାର ଥାଏ। ସେ ଦିନ ବାପୁଙ୍କର ମୌନବ୍ରତ ଥାଏ। ଦକ୍ଷିଣ ଆଫ୍ରିକାରୁ ଗାନ୍ଧୀଜୀ ଭାରତ ଫେରିଲା ପରେ ସାବରମତୀ ଆଶ୍ରମରେ ତାଙ୍କର ସାଧାରଣ କାର୍ଯ୍ୟ ଆରମ୍ଭ କରିଥିଲେ। ସେତିକିବେଳେ ପଣ୍ଡିତ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା। ଓଡିଶା ବାହାରେ ଏହି ସଂଗ୍ରାମୀ 'ଗୋବିନ୍ଦଜୀ'ଭାବରେ ପରିଚିତ। ଦଶପଲ୍ଲା ଗଡଜାତରେ ରାଜାଙ୍କ କୋପ ଦୃଷ୍ଟିରୁ ରକ୍ଷା ପାଇବା ପାଇଁ ଓଡିଶାରୁ ସେ ଶାନ୍ତିନିକେତନକୁ ଚାଲିଗଲେ ଓ ସେହିଠାରୁ ଯାଇ ଗାନ୍ଧୀଜୀଙ୍କ ପାଖରେ ପହଞ୍ଚିଲେ। ବାପୁଜୀଙ୍କ ସହିତ ଭାରତର ଅନେକ ଅଂଚଳ ସେ ବୁଲିଛନ୍ତି। ବମ୍ବେର ବ୍ୟବସାୟୀ ମହଲରେ ସେ ବେଶ ପରିଚିତ ହୋଇ ପାରିଥିଲେ। ସେମାନଙ୍କ ଠାରୁ ଚାନ୍ଦା ସଂଗ୍ରହ କରି ସେ ଚମ୍ପାପୁର ଠାରେ ଗୋଟିଏ କୋଠା, ଛୋଟ ଡାକ୍ତରଖାନା ଟିଏ ଓ ଗୋଟିଏ ଲାଇବ୍ରେରୀ କରିଥିଲେ। ଏହାର ନାମ ରଖିଥିଲେ "ଗାନ୍ଧୀ ସେବାଶ୍ରମ" ଆଜି ସେହି ଆଶ୍ରମ ସ୍ଥାନରେ ଗୋଟିଏ ହାଇସ୍କୁଲ ଗଢି ଉଠିଛି।

୨୨ ତରିଖ ଦିନ ଚମ୍ପାପୁର ଆଶ୍ରମରେ ଗୋଟିଏ ବଡ ସଭା ହେଲା। ଗୋବିନ୍ଦଜୀଙ୍କ ତାଙ୍କ ସହିତ ଥିବା ସଂପର୍କ ବିଷୟରେ କହି ସାରି ବାପୁଜୀ କହିଲେ- ଏଠାରେ ଗୋଟିଏ ଡାକ୍ତରଖାନା ଖୋଲାଯାଇଛି ଓ ବହୁତ ଔଷଧ ବଣ୍ଟା ହେଉଛି। ଆଶ୍ରମ ସହିତ ଡାକ୍ତଖାନାକୁ କାହିଁକି ଯୋଡି ଦିଆଯାଇଛି ତାହା ମୁଁ ସହଜରେ ବୁଝିପାରୁ ନାହିଁ। ଏଭଳି ଔଷଧ ବାଣ୍ଟିବାର ଯେ କିଛି ଆବଶ୍ୟକତା ଅଛି ତାହା ମୋତେ ଜଣା ପଡୁ ନାହିଁ। ରୋଗ ନିବାରଣ ପାଇଁ ସବୁବେଳେ ଔଷଧ ଉପରେ ନିର୍ଭର କରିବା ଠିକ ନୁହେଁ। ଅନେକ ରୋଗ ଆମରି ଭୁଲରୁ ହୁଏ। ଗୁଡାଏ ଖାଇଦେଲେ ବା ଯାହା ନ ଖାଇବା କଥା ତାହା ଖାଇଲେ ରୋଗ ହୁଏ। ଏଥିପାଇଁ ଔଷଧ ବଦଳରେ ଆତ୍ମ ସଂଯମ ଲୋଡା। ସେଥିପାଇଁ ଲୋକେ ଯେପରି ପରିଷ୍କାର ପରିଚ୍ଛନ୍ନ ରହିବେ ଓ ରୋଗରେ ନ ପଡିବେ ତାହା ସେମାନଙ୍କୁ ଶିକ୍ଷାଦେବା ଦରକାର। ଆଶ୍ରମର ଏହା ହିଁ ହେଉଛି ପ୍ରକୃତ କାର୍ଯ୍ୟ। ଖାଲି ଔଷଧ ବାଣ୍ଟି ଦେଲେ ଏହା ହୋଇ ପାରିବ ନାହିଁ। ମୁଁ ଜାଣୁଛି ଔଷଧ ବାଣ୍ଟି ଦେବାଠାରୁ ଏ କାମ କଷ୍ଟ। ଔଷଧ ନ ଦେଇ ଏଭଳି ଶିକ୍ଷା ଦେଲେ ଆପଣମାନଙ୍କୁ ମଧ୍ୟ ଭଲ ଲାଗିବ ନାହିଁ, କାରଣ ସମାଜରେଆଳସ୍ୟ ଘର କରିଗଲାଣି।

ତାପରେ ଆରମ୍ଭ ହେଲା ଦ୍ୱିତୀୟ ପର୍ଯ୍ୟାୟର ପଦଯାତ୍ରା। ୨୨ ତାରିଖ ଉପରବେଳା ଯଶରାଜପୁର ବାଟ ଦେଇ ବାପୁଜୀ ଭେଡାରେ ଯାଇ ପହଁଚିଲେ। ମିସ ଆଗାଥା ହରିସନ କିଛି ବାଟ ଖାଲି ଗୋଡରେ ଗଲା ପରେ ଦେଖାଗଲା ଯେ ତାଙ୍କ ନରମ ଗୋଡରେ ଚମଡା ଫାଟି ରକ୍ତ ବାହାରୁଛି। ସେ କନା ଗୁଡେଇ ପୁଣି ଜୋତା ପିନ୍ଧିଲେ। ଭେଡା ସଭାରେ ଭେଡା, ରାମକୃଷ୍ଣପୁର, ମାଳ ଓ ସାଲେପୁର ଗାଁମାନଙ୍କ ତରଫରୁ ଅଭିନନ୍ଦନର ପତ୍ର ଓ ୩୧ ଟଙ୍କା ପାଞ୍ଚ ଅଣା ଭେଟି ଦିଆ ଯାଇଥିଲା। କେତେ ଜଣ ମାଆ ଭଉଣୀ ଅଳଙ୍କାର ମଧ୍ୟ ଦେଇଥିଲେ। ଅଭିନନ୍ଦନର ଉତ୍ତର ଦେଇ ବାପୁଜୀ କହିଲେ-'ଦିନକୁ ଦିନ ଏ ଯାତ୍ରାରେ ମୋର ଶ୍ରଦ୍ଧା ବଢୁଛି, କାରଣ ଏଥିରେ ମୋତେ ଯେଉଁ ଶାନ୍ତି ମିଳୁଛି,ରେଳ ମଟରରେ ସେ ଶାନ୍ତି ମିଳନ୍ତା ନାହିଁ।'



ଅସ୍ପୃଶ୍ୟତା ରୂପକ ବିଷ ସଂପର୍କରେ ଲୋକଙ୍କୁ ବୁଝାଇବାକୁ ଯାଇ ବାପୁଜୀ କହିଲେ- ସନାତନୀ ଭାଇମାନେ କୁହନ୍ତି ଅନାଦି କାଳରୁ ଅସ୍ପୃଶ୍ୟତା ହିନ୍ଦୁ ସମାଜରେ ରହିଛି ବୋଲି ଶାସ୍ତ୍ରରେ ଲେଖା ଅଛି। କିନ୍ତୁ ଶାସ୍ତ୍ରରେ ଏହାର ପ୍ରମାଣ କିଛି ନାହିଁ। ମୁ ଅବଶ୍ୟ ଏକଥା ମାନିବି ଯୋ ଶାସ୍ତ୍ରରେ ଏଭଳି ଅନକେ କଥା ଅଛି ଯାହାକି ବୁଦ୍ଧିର ଅଗମ୍ୟ। ସେ ସବୁକୁ ଶ୍ରଦ୍ଧାରେ ମାନିବାକୁ ହୁଏ। ସେଗୁଡିକୁ ବୁଦ୍ଧିର ଅଗମ୍ୟ ବୋଲି ନ କହି ବୁଦ୍ଧିର ଅତୀତ ବୋଲି କହିବାକୁ ହେବ। ମୁଁ ସନାତନୀ ଭାଇଙ୍କୁ ପ୍ରାର୍ଥନା କରୁଛି ଯେ ସେମାନେ ଏ ସହଜ କଥାଟିକୁ ବୁଝନ୍ତୁ, ଯଦି ଆପଣମାନେ ପ୍ରକୃତରେ ହିନ୍ଦୁ ଧର୍ମକୁ ରକ୍ଷା କରିବାକୁ ଚାହାନ୍ତି ଅସ୍ପୃଶ୍ୟତା କଥା ଭୁଲି ଯାଆନ୍ତୁ। ଏହାପରେ କଟକ ଜିଲ୍ଲା କେନ୍ଦ୍ରାପଡା ଜିଲ୍ଲା ପାର କରି ଇନ୍ଦୁପୁର ଠାରୁ ଗାନ୍ଧୀଜୀ ବରୀ ଅଂଚଳରେ ପ୍ରବେଶ କଲେ। ବ୍ରାହ୍ମଣୀ ନଦୀ ପାର ହୋଇ କାଇପଡାକୁ ଉଠିଲା ବେଳେ ବନ୍ଧ ଉପରେ ପାଞ୍ଚ ହଜାର ଲୋକ। କଲ୍ୟାଣପୁର ଗାଁ ଟି ପଦଯାତ୍ରା ବାଟରେ ପଡୁ ନଥିଲା। ଚମ୍ପାପୁରକୁ ଯାଇ କାଇପଡାଠାରେ ଅଭିନନ୍ଦନ ଦେବେ ବୋଲି ସେମାନେ ଅନୁମତି ଆଣିଥିଲେ। ବାଟରେ ଦଶ ମିନିଟ ସମୟ ଦେବେ ବୋଲି ବାପୁଜୀ ରାଜି ହୋଇଥିଲେ। କଲ୍ୟାଣପୁରରୁ ପାଞ୍ଚଶହ ଭଦ୍ର ମହିଳା ଚାରି ମାଇଲ ବାଟ ଆସି କାଇପଡାଠାରେ ଅପେକ୍ଷା କରିଥିଲେ। ମହିଳାମାନେ ଏଭଳି ସଂଗଠିତ ଭାବରେ ଏତେ ସଂଖ୍ୟାରେ ଆସିଥିବା ଦେଖି ସମସ୍ତେ ଖୁସି ହୋଇ ଯାଇଥିଲେ। କଲ୍ୟାଣପୁର ବାସୀଙ୍କ ଅଭିନନ୍ଦନରେ ଅସ୍ପୃଶ୍ୟତା କେତେ ପ୍ରକାର ଓ କି ପ୍ରକାର ତାର ସୁନ୍ଦର ବର୍ଣ୍ଣନା ଥିଲା। ସେ ସବୁ ଶୁଣି ବାପୁଜୀ କେବଳ ଆଶ୍ଚର୍ଯ୍ୟ ହେଲେ ନାହିଁ, ଦୁଃଖିତ ମଧ୍ୟ ହେଲେ। 'ଆଦର୍ଶ ଅଭିନନ୍ଦନ' ବୋଲି ସେଇଟିକୁ 'ହରିଜନ' କାଗଜରେ ଛାପି ଦେଇଥିଲେ। ଅଭିନନ୍ଦନର ଉତ୍ତର ଦେଇ ଗାନ୍ଧୀଜୀ କହିଲେ ଆପଣମାନଙ୍କ ତରଫରୁ ଦିଆ ଯାଇଥିବା ମାନପତ୍ର ମୁଁ ଆମୂଳଚୂଳ ପଢିଛି। ଏଭଳି ଅଭିନନ୍ଦନ ପାଇଁ ଧନ୍ୟବାଦ ଜଣାଉଛି। ସେଥିରେ ଲେଖାଅଛି, ଅସ୍ପୃଶ୍ୟତା ବହୁ ପ୍ରକାରର। ଅସ୍ପୃଶ୍ୟତାର ବର୍ଣ୍ଣନା ଏଥିରେ ଖୁବ ଭଲ ଭାବରେ ହୋଇଛି। ସେଥିରୁ ମୋତେ ସୂଚନା ମିଳିଲା, ଆମେ କି ଅନ୍ଧାରରେ ପଡିଛୁ। ଧୋବାଙ୍କ ବିଷୟରେ ଯାହା ବର୍ଣ୍ଣନା ଅଛି ତାହା ପଢି ମୋର ବଡ ଦୁଃଖ ହେଲା। ଧୋବା ଛୁଆଁ ଲୁଗାକୁ ଛୁଇଁଲେ ବି ମଣିଷ ବିଗିଡି ଯିବ? ଏହାଠାରୁ ବଳି ଭ୍ରମ ଧାରଣା ଆଉ କଣ ଥାଇ ପାରେ?

ଅନ୍ୟାସପୁରଠାରେ ତିନି ହଜାର ଲୋକଙ୍କର ଗୋଟିଏ ସଭା ହୋଇଥିଲା। ଲବଣ ସତ୍ୟାଗ୍ରହ ବେଳେ ବରୀ ଅଂଚଳର ଅନେକ କର୍ମୀ ଜେଲ ଯାଇଥରଲେ। ଅନ୍ୟାସପୁରରୁ ବାଗଦା ଗଲାବେଳେ ଅରଙ୍ଗାବାଦ ପଡେ। ସେ ଗାଁ ଟି ଅତି ସୁନ୍ଦର ଭାବରେ ସଜା ହୋଇଥିଲା। ପ୍ରତି ଦଶ ହାତରେ ଜାତୀୟ ପତାକା। ଗାଁର ଦୁଇ କଡରେ ମହିଳାମାନେ ଠିଆ ହୋଇ ହୁଳହୁଳି ପକାଉଥାନ୍ତି। ବାଗଦା ଗ୍ରାମର ମେଲଣ ପଡିଆରେ ଚାରି ହଜାର ଲୋକଙ୍କର ଏକ ସଭାରେ ଅଭିନନ୍ଦନ ପତ୍ର ଓ ଶହେ ଆଠ ଟଙ୍କା ତିନି ଅଣାର ଗୋଟିଏ ଥଳି ଭେଟି ଦିଆଗଲା। ବାପୁଜୀ ଲୋକଙ୍କ କହିଲେ ହିନ୍ଦୁ ଧର୍ମକୁ ଗୋଟିଏ ରୋଗ ଖାଉଛି। ସେ ହେଉଛି ଅସ୍ପୃଶ୍ୟତା ରୋଗ। ଆମେ ପୁରାଣରେ ପଢିଥିଲୁ ଯେ ରାକ୍ଷସମାନେ ଲୋକଙ୍କୁ ଖାଇ ଯାଉଥିଲେ। ଆଜି ଅସ୍ପୃଶ୍ୟତା ରୂପୀ ରାକ୍ଷସ ହିନ୍ଦୁ ସମାଜକୁ ଖାଇ ଯାଉଛି। ଏ ବ୍ୟାପକ ବ୍ୟାଧିକୁ ଦୂର କରିବା ଆମର ପ୍ରଥମ କର୍ତ୍ତବ୍ୟ ହୋଇଗଲାଣି।

ପଦଯାତ୍ରା ବେଳେ ଓଡିଆ ଭାଷା ଶିଖିବା ପାଇଁ ବାପୁଜୀ ଇଚ୍ଛା ପ୍ରକାଶ କଲେ। ଓଡିଆ ଭାଷା ତ ସେ ପ୍ରାୟ ବୁଝି ଯାଇଥିଲେ। ତେଣୁ ଅକ୍ଷର ଚିହ୍ନି ଓଡିଆପଢିବାକୁ ମନ ବଳାଇଲେ।

ଜୁନ ମାସ ଆସିବା ସଙ୍ଗେ ସଙ୍ଗେ ବର୍ଷା ଆସିଗଲା। ବରୀରୁ ସାହସପୁର ଗଲା ବେଳକୁ କଳା ମେଘ ଉଠାଇ ପବନ ହେଲା। ଧୂଳିରେ ସମସ୍ତେ ପୋତି ହୋଇ ପଡୁଥାନ୍ତି। ବାଟରେ ନେଉଳା ଗାଁ ତୋଟାରେ ଦୁଇ ହଜାର ଲୋକ ଅପେକ୍ଷା କରି ରହିଥିଲେ। ସେମାନଙ୍କୁ ଦି ପଦ କହି ଦେଇ ସାହସପୁର ଠାରେ ପହଞ୍ଚିଲା ବେଳକୁ ବଡ କ୍ଲାନ୍ତ ହୋଇ ପଡିଲେଣି। କ୍ଲାନ୍ତି ଯୋଗୁ ବେଶି କିଛୀ କହି ପାରିଲେ ନାହିଁ। ଅସ୍ପୃଶ୍ୟତାର କିଭଳି ଜନ୍ମ ହେଲା ସେ କଥା ବର୍ଣ୍ଣନା କରି କହିଲେ- ଏ ଅଛୁଆଁ ଭୂତକୁ ଅତି ଶୀଘ୍ର ଦୂର କର।

ହରିଜନମାନେ ଦଳଦଳ ହୋଇ କୀର୍ତ୍ତନ କରି ବାପୁଜୀଙ୍କୁ କବୀରପୁରକୁ ପାଛୋଟି ନେଲେ। ପୁରୁଷୋତ୍ତମପୁରରେ ସଭା ଓ ଥଳି ଭେଟି ସରିଲା। ହରିଜନ ବସ୍ତି ବୁଲିବାକୁ ଯାଇ ଦେଖିଲେ ଯେ ଘରଦ୍ୱାର ବେଶ ସଫା ସୁତୁରା ଅଛି। ଖୁସି ହୋଇ ଫେରି ଆସିଲେ। ଆଚାର୍ଯ୍ୟ ହରିହର ଦାସ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗ୍ ଦେଇ କାରାବରଣ କରିଥିଲେ। ଜେଲରୁ ଖଲାସ ହୋଇ ଏକାଠି ଆସି ବାପୁଜୀଙ୍କ ସହିତ ଯୋଗ ଦେଲେ। ବୁଢାଘାଟରେ କର୍ମୀମାନଙ୍କର କଠିନ ପରୀକ୍ଷାର ବେଳ ଆସିଗଲା। ଏମିତିକା ସ୍ଥାନରେ ରହିବାର ବ୍ୟବସ୍ଥା ହୋଇଥିଲା ଯେ ଆଖପାଖରେ କେଉଁଠି ହେଲେ ଗାଁ ଗଣ୍ଡା ନାହିଁ। ଯୋଡିଏ ବଖରା ଦୋକାନ ଘର ଥାଏ। ସେ ଘରେ ଡାଲି, ଚାଉଳ, ଜଳଖିଆ ପ୍ରଭୃତି ରହିଥାଏ। ସବା ଶେଷ କରି ଫେରିଲା ବେଳକୁ କଳା ମେଘ ଉଠେଇ ଆସିଲା। ସମସ୍ତେ ଭାବିଥିଲେ ଯେ ଖରାଦିନିଆ ଧୂଳିଆ ପବନଟା ହୋଇ ମେଘଟା ଉଡିଯିବ, କିନ୍ତୁ ଟିକିଏ ଟିକିଏ ବର୍ଷା ହେଲା। କଅଣ କରାଯିବ? ଏ ଅପନ୍ତରା ଜାଗାରେ ବାପୁଙ୍କୁ ନେଇ କେଉଁଠି ରଖିବେ? ଯଦି ବଡ ଅସରାଏ ବର୍ଷା ହୋଇଯାଏ ସେ ବରଡା ଝଲରା ଘରେ ପାଣି ପଡିଲା। ବାପୁଜୀ ରାତିଟା କଟେଇ ଦେବେ ବୋଲି ଯେଉଁ ତାଳ ବରଡା ବନ୍ଧା ଘରଟି ହୋଇଥାଏ, ସେହି ଘରେ ଖଣ୍ଡିଏ ଖଟ ପଡିଥାଏ। ସେଇଠି ବୁଢାଙ୍କୁ ବସାଇ ଦିଆଗଲା। ମୀରାବେନ୍, ରମାଦେବୀ ଓ ସାତ ଆଠ ଜଣ ଭଉଣୀ ବାପୁଙ୍କ ପାଖରେ ଗୁଞ୍ଜିଗାଞ୍ଜି ହୋଇ ବସିଗଲେ। ତିନି ଚାରିଟା ବରଡା ଟେକି ବର୍ଷା ପାଣି ଯେମିତି ନ ପଡିବ ତାର ବ୍ୟବସ୍ଥା କରାଯାଇଥାଏ। ମେଘର କିନ୍ତୁ ଆହୁରି ମଜା ଦେଖିବାକୁ ଥିଲା। କ୍ରମେ ବଡ ବଡ ଟୋପା ପଡିଲା। ବେଶି ବରଷା। କଣ ହେବ? ଓର ଘରେ ଯାଇ ଦେଖିଲା ବେଳକୁ ଡାଲି ଚାଉଳ ଇତ୍ୟାଦି ରହିଛି – ଗୋଡ ବୁଲେଇବାକୁ ରାହା ନାହିଁ। କୌଣସି ମତେ ସ୍ଥାନ କରି କେତେ ଜଣ କର୍ମୀ ବାପୁଙ୍କ ପାଖକୁ ଆସି କହିଲେ-'ସେଇ ଘରକୁ ଚାଲନ୍ତୁ।' ତାରି ଭିତରେ ଆପଣ ରାତିଟା କୌଣସି ମତେ କଟାଇ ଦିଅନ୍ତୁ। ଅନ୍ୟମାନଙ୍କ କଥା ଦେଖାଯିବ। ଗାନ୍ଧୀଜୀ ଉତ୍ତର ଦେଲେ ତା ହୋଇ ପାରିବ ନାହିଁ – ଏ ଭଉଣୀ ଗୁଡିକ ରହିବେ କେଉଁଠି? ମାରି ସାଙ୍ଗରେ ଚାଲନ୍ତୁ। ଇଚ୍ଛା ନ ଥିଲେ ବି ମୀରାବେନ, ରମାଦେବୀ ପ୍ରଭୃତି ଗଲେ। ସମସ୍ତଙ୍କ ଖବର ବୁଝିସାରି ଶେଷରେ ଯାଇ ନିଜେ ସେଠି ରହିଲେ। ନିଜର ସାଥୀ, ସହକର୍ମୀଙ୍କ ପ୍ରତି କି ଦରଦ!

ଅନ୍ୟମାନେ କୌଣସି ମତେ ରାତିକ କଟଇଲେ। ଅନେକତ ପୂରା ତିନ୍ତିଲେ। ରାତିରେ ବାପୁଜୀ ଦୁଇଥର ଉଠି ଦେଖିଲେ କର୍ମୀମାନେ କିଭଳି ଅବସ୍ଥାରେ ଅଛନ୍ତି। କଟକ ଜିଲ୍ଲା ଗସ୍ତ ଶେଷ ହୋଇ ଆସୁଛି। ବାପୁଜୀଙ୍କୁ ଦେଖିବେ ବୋଲି ଦିନକ ଆଗରୁ ଯାଜପୁର ସହର ଭିତରେ ଦୂର ଗାଁର ଲୋକେ ଆସି ରହି ଯାଇଛନ୍ତି। ବାଟରୁ ପାଛୋଟି ଆଣିବା ପାଇଁ ବହୁତ ଲୋକ ଯାଇଥିଲେ। ବୈତରଣୀ ବାଲିରେ ସଭା ହେବ। ମାଇଲକରୁ ବେଶି ବାଟରୁ ଚାରି ହଜାର ଲୋକ ଶୋଭାଯାତ୍ରା କରି ପାଛୋଟି ଆଣିଲେ। ମୁସଲମାନ ଭାଇମାନେ ପୁଷ୍ପ ବୃଷ୍ଟି କରୁଥାନ୍ତି।

ସଭାରେ ଆଠ ଦଶ ହଜାରରୁ କମ ଲୋକ ନ ଥାନ୍ତି। ଗୋଟିଏ ରୁପା ଖୋଳରେ ପାଞ୍ଚ ଶହ ସତୁରୀ ଟଙ୍କା ଦିଆଗଲା। ଯାଜପୁରର ଜଣେ ପ୍ରସିଦ୍ଧ କାରିଗର ଧନେଶ୍ୱର ମହାରଣା ଚନ୍ଦନ କାଠର ଗୋଟିଏ ବାକ୍ସ ଉପରେ ନାନା ପ୍ରକାର କାରିଗରୀ ଫୁଟାଇଥାନ୍ତି। ସେହି ବାକ୍ସ ଭିତରେ ତାଳ ପତ୍ରରେ ଲେଖା ଅଭିନନ୍ଦନ ପତ୍ରଟି ଦିଆଗଲା। ଏଇଟି ଗୋଟିଏ ତୀର୍ଥକ୍ଷେତ୍ର। ଭାରତର ଚାରିଆଡୁ ଏଠିକି ଯାତ୍ରୀ ଆସନ୍ତି ବୋଲି ଆଗରୁ ବାପୁଜୀଙ୍କୁ କୁହାଯାଇଥାଏ।

ଅସ୍ପୃଶ୍ୟତା କଳଙ୍କ ଦୂର କରିବା ପାଇଁ ସବୁଠାରୁ ବଳି ଆବେଗମୟ ନିବେଦନ ଏହି ବିରଜା କ୍ଷେତ୍ରରେ ହିଁ ସେ କରିଥିଲେ। ହିନ୍ଦୁ ସମାଜକୁ ସବୁଠାରୁ ବଳି କଡା ସତର୍କବାଣୀ ଏଇଠି ଶୁଣାଇଥିଲେ। ପଦଯାତ୍ରାର ଏଇଠି ଶେଷ ହୋଇ ଯାଉଥାଏ ବୋଲି କହିଲେ ଚଳେ। ବାପୁଜୀ କହିଲେ-

ଖୁବ ସୁନ୍ଦର ଚନ୍ଦନ କାଠ ବାକ୍ସ ଭିତରେ ତାଳପତ୍ରରେ ଲେଖି ଆପଣମାନେ ଅଭିନନ୍ଦନ ଦେଇଛନ୍ତି। ବର୍ତ୍ତମାନ ପାଞ୍ଚଶହ ସତୁରୀ ଟଙ୍କା ଦେଇଛନ୍ତି, ପରେ ତିରିଶ ଟଙ୍କା ଦେବେ ବୋଲି ଲେଖିଛନ୍ତି। ସେଥିପାଇଁ ମୁଁ କୃତଜ୍ଞ। ମାନପତ୍ରରେ ମୋତେ ସ୍ମରଣ କରାଇ ଦିଆଯାଇଛି ଯେ ଏହା ଏକ ତୀର୍ଥ କ୍ଷେତ୍ର। ତାହା ସଙ୍ଗେ ସଙ୍ଗେ ଆପଣମାନେ ଯଦି କହି ପାରିଥାନ୍ତେ ଯେ ଏଠାକାର ସବୁ ମନ୍ଦିର ହରିଜନମାନଙ୍କ ପାଇଁ ଖୋଲି ଯାଇଛି। ତେବେ କେତେ ଆନନ୍ଦର କଥା ନ ହୋଇଥାନ୍ତା? ମୁଁ ବହୁତ ଥର କହିଛି ଯେ ଯେଉଁ ମନ୍ଦିର ଭିତରକୁ ହରିଜନମାନଙ୍କୁ ପ୍ରବେଶ କରିବାକୁ ଦିଆଯାଏ ନାହିଁ ,ସେଠାରେ ମୂର୍ତ୍ତି ଥିଲେ ବି ଭଗବାନଙ୍କ ପ୍ରତିଷ୍ଠା ସେ ମୂର୍ତ୍ତିରେ ନାହିଁ। ଭଗବାନଙ୍କୁ ଆମେ ପତିତପାବନ, ଦରିଦ୍ରନାରାୟଣ, ଦୟାନିଧି ଓ କରୁଣାସାଗର ଆଦି କହୁ। ତାଙ୍କର ଏଭଳି ହଜାର ନାମରୁ ଆମେ ସିଦ୍‌ଧାନ୍ତ କରୁଛୁ ଯେ ଭଗବାନ କୌଣସି ସଂପ୍ରଦାୟର ବା ଜାତିର ବା ବ୍ରାହ୍ମଣ କ୍ଷତ୍ରୀୟଙ୍କର ନୁହନ୍ତି। ଶାସ୍ତ୍ରରେ ଯଦି କିଛି ସତ୍ୟ ଅଛି ତେବେ ଯେଉଁ ମନ୍ଦିରରେ ହରିଜନମାନେ ପଶିପାରିବେ ନାହିଁ, ସେ ମନ୍ଦିରରେ ଭଗବାନ ନାହାନ୍ତି- ପାଷାଣ ଅଛି। ଏକଥାଟି ସାମାନ୍ୟ ବୁଦ୍ଧିଥିବା ଲୋକ ମଧ୍ୟ ବୁଝି ପାରିବ। ଏଇ କଥା ଯଦି ଆମେ ନ ବୁଝୁ ଓ ମନରେ ଉଚ୍ଚ ନୀଚ ଭାବ ରଖି ହରିଜନମାନଙ୍କୁ ଦୂର ଦୂର କରୁ ହିନ୍ଦୁ ଧର୍ମ କଦାପି ରହି ପାରିବ ନାହିଁ। ଯାଜପୁରରେ ୩ ଥର ସଭା କରିବାକୁପଡିଲା। ଶେଷ ସଭାରେ ବହୁତ ଲୋକ ଯୋଗ ଦେଇଥିଲେ। ଚନ୍ଦନକାଠର ଖୋଳକୁ ବାପୁ ନିଜେ ନିଲାମ କରି ଚାରିଶହ ଟଙ୍କା ପାଇଲେ। ତାହା ସ୍ୱରାଜ୍ୟ ପାଣ୍ଠିରେ ଦାଖଲ କଲେ। ଏହା ପରେ ଯାଜପୁରରୁ ବୈତରଣୀ ନଦୀ ପାଇ ହୋଇ ଭଦ୍ରକ ଜିଲ୍ଲାର ମଞ୍ଜୁରି ଠାରେ ଗାନ୍ଧୀଜୀ ଜୁନ୩ ତାରିଖରେ ପହଞ୍ଚିଲେ।

ସଭାପତି ଉତ୍କଳ ସର୍ବୋଦୟ ମଣ୍ଡଳ
୯୯୩୭୮୬୩୫୨୮

ଆଞ୍ଚଳିକ ମୁକ୍ତ

ମଙ୍ଗଳବାର,୩୦,ସେପ୍ଟେମ୍ବର,୨୦୨୫ Tuesday,30 September 2025, Bhubaneswar





## ଚୀନର ପୂର୍ବତନ କୃଷି ମନ୍ତ୍ରୀଙ୍କୁ ମୃତ୍ୟୁ ଦଣ୍ଡାଦେଶ



**ନୂଆଦିଲ୍ଲୀ,(ଏଜେନ୍ସି):** ଲାଞ୍ଚ ନେବା ମାମଲାରେ ଚୀନର ପୂର୍ବତନ କୃଷି ମନ୍ତ୍ରୀ ତାଙ୍ଗ ରେନଜିୟାନଙ୍କୁ ରବିବାର ମୃତ୍ୟୁଦଣ୍ଡାଦେଶ ହୋଇଛି । ସେ ପ୍ରାୟ ୩୩୭ କୋଟି ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା । ଦୁର୍ନୀତି ମାମଲାରେ ପୂର୍ବରୁ ହୋଥିଲେ ସସ୍ପେଣ୍ଡ ହୋଇଥିଲେତାଙ୍ଗ ଗ୍ରାମାଞ୍ଚଳ ମାମଲା ସମ୍ପର୍କିତ ବିଭାଗ ଦାୟିତ୍ୱରେ ମଧ୍ୟ ଥିଲେ । ଚାଙ୍ଗଚୁନର ଜନ ଅଦାଲତ ତାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ ହେଁ ୨ ବର୍ଷର ସର୍ତ୍ତମୂଳକ ଆଶ୍ୱସ୍ତି ଦେଇଛନ୍ତି । ଅର୍ଥାତ ୨ ବର୍ଷ ଭିତରେ ଯଦି ସେ କୌଣସି ଦୁର୍ନୀତି କିମ୍ବା ଅପରାଧିକ କାର୍ଯ୍ୟରେ ସମ୍ପୃକ୍ତ ନ ରୁହନ୍ତି ତେବେ ମୃତ୍ୟୁଦଣ୍ଡକୁ କୋହଳ କରାଯାଇ ଆଜୀବନ କାରାଦଣ୍ଡରେ ପରିଣତ କରାଯିବ। ତାଙ୍ଗ୍ ଅପରାଧ ସ୍ୱୀକାର କରିଥିବାରୁ ଏବଂ ବେଆଇନ ଭାବେ ଅର୍ଜନ କରିଥିବା ଧନକୁ ଫେରାଇ ଦେଇଥିବାରୁ ଅଦାଲତ ତାଙ୍କୁ ଏହି ଆଶ୍ୱସ୍ତି ଦେଇଛନ୍ତି । ତେବେ ତାଙ୍କୁ ଆଜୀବନ ରାଜନୈତିକ ଅଧିକାରରୁ ବଞ୍ଚିତ ରଖାଯିବ ଏବଂ ତାଙ୍କର ସମସ୍ତ ବ୍ୟକ୍ତିଗତ ସମ୍ପତ୍ତିକୁ ଜବତ କରାଯିବ ବୋଲି କୋର୍ଟ ଆଦେଶ ଦେଇଛନ୍ତି । ବେଆଇନ ଭାବେ ଅର୍ଜିତ ଅର୍ଥକୁ ଜାତୀୟ ରାଜକୋଷରେ ଜମା କରାଇବେ । ସୂଚନା ଅନୁସାରେ, ତାଙ୍ଗ୍ ୨୦୦୭ରୁ ୨୦୨୪ ମଧ୍ୟରେ କେନ୍ଦ୍ର ଏବଂ ସ୍ଥାନୀୟ ସ୍ତରରେ ନିଜ ବିଭିନ୍ନ ପଦବୀର ଦୁରୁପଯୋଗ କରି ବ୍ୟବସାୟିକ, ଠିକା କାମ ଏବଂ ନିଯୁକ୍ତି ପ୍ରକ୍ରିୟା ଆଦି ମାମଲାରେ ଲାଞ୍ଚ ନେଇ ଅନ୍ୟମାନଙ୍କୁ ଲାଭ ଦେଇଥିବା ଅଭିଯୋଗ ରହିଥିଲା । ଲାଞ୍ଚ ବାବଦରେ ସେ ଅର୍ଥ ଏବଂ ମୂଲ୍ୟବାନ ଜିନିଷ ନେଇଥିଲେ ।

## ଅଡୁଆରେ ବ୍ରିଟେନ୍ ସରକାର

**ଲଣ୍ଡନ,(ଏଜେନ୍ସି):** ଅନେକ ଦେଶ ଏବଂ ଧର୍ମରେ ସମ୍ପର୍କୀୟ ଭାଇ, ମାମୁଁ, ମାମୁଁଙ୍କ ପୁଅ ଝିଅ ମାଉସୀଙ୍କ ସନ୍ତାନଙ୍କ ସହିତ ବିବାହକୁ ଅନୁମତି ଦିଆଯାଇଛି । ସେହି ସମୟରେ, ଅନେକ ଅଧ୍ୟୟନରେ ସମ୍ପର୍କୀୟ ଭାଇ ଭଉଣୀଙ୍କୁ ବିବାହ କରିବାରେ ସମସ୍ୟା ଏବଂ ପରବର୍ତ୍ତୀ ସମୟରେ ଜନ୍ମିତ ପିଲାଙ୍କର ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ଉପରେ ଆଲୋକପାତ କରାଯାଇଛି । ଏହି ସମୟରେ, ବ୍ରିଟିଶ୍ ସରକାର ସମ୍ପର୍କୀୟ ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ବିବାହକୁ ଲାଭଦାୟକ ଘୋଷଣା କରି ଅଡୁଆରେ ପଡ଼ିଛନ୍ତି। ବ୍ରିଟେନର ଜାତୀୟ ସ୍ୱାସ୍ଥ୍ୟ ସେବା (ଏନଏଚଏସ) ସମ୍ପର୍କୀୟ ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ବିବାହକୁ ପ୍ରୋତ୍ସାହିତ କରିଛନ୍ତି । ଏନଏଚଏସ ବିଳମ୍ବରେ ସନ୍ତାନ ଜନ୍ମ କରିବା, ଗର୍ଭାବସ୍ଥାରେ ଧୂମପାନ ଏବଂ ମଦ୍ୟପାନ କରିବା ଭଳି ଅଭ୍ୟାସ ସହିତ ଜେନେଟିକ୍ ବିପଦକୁ ତୁଳନା କରିଛି । ତେବେ ଏହା ଦେଶରେ ବିବାଦ ସୃଷ୍ଟି କରିଛି । ଅନେକ ଏହାକୁ ସମାଲୋଚନା କରିଛନ୍ତି । ବ୍ରିଟେନରେ, ୧୬ଶ ଶତାବ୍ଦୀରୁ ସମ୍ପର୍କୀୟ ବିବାହ ଆଇନଗତ । ହେନରୀ ଅଷ୍ଟମ ଆନ୍ ବୋଲେନଙ୍କ ସମ୍ପର୍କୀୟ ଭଉଣୀ କ୍ୟାଥରିନ ହାୱାର୍ଡଙ୍କୁ ବିବାହ କରିବା ପାଇଁ ସମ୍ପର୍କୀୟ ନିୟମ ପରିବର୍ତ୍ତନ କରିଥିଲେ । ବର୍ତ୍ତମାନର ଆଇନ ଏକ ପିତାମାତାଙ୍କ ଠାରୁ ଜନ୍ମିତ ଭାଇଭଉଣୀଙ୍କ ମଧ୍ୟରେ ବିବାହକୁ ନିଷିଦ୍ଧ କରେ, କିନ୍ତୁ ସମ୍ପର୍କୀୟ ଭାଇଭଉଣୀଙ୍କ ମଧ୍ୟରେ ବିବାହକୁ ନିଷିଦ୍ଧ କରେ ନାହିଁ । କଞ୍ଜରଭେଟିଭ ସାଂସଦ ରିଚାର୍ଡ ହୋଲ୍ଡେନ ଏପରି ବିବାହକୁ ନିଷିଦ୍ଧ କରିବା ପାଇଁ ଏକ ବିଲ୍ ଆଗତ କରିଛନ୍ତି । ସେ ଯୁକ୍ତି ଦେଇଛନ୍ତି ଯେ, ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରେ । ଏହି ବିଲ୍ ଗତ ସପ୍ତାହରେ ସଂସଦକୁ ଫେରି ଆସିଥିଲା ଏବଂ ଆସନ୍ତା ବର୍ଷ ଦ୍ୱିତୀୟ ବିତର୍କ ପାଇଁ ସ୍ଥିର କରାଯାଇଛି ।

## ପାକିସ୍ତାନୀ ଗୁପ୍ତଚର ଗିରଫ

**ନୂଆଦିଲ୍ଲୀ,(ଏଜେନ୍ସି):** ହରିୟାଣାର ପଲୱାଲରେ ପାକିସ୍ତାନ ପାଇଁ ଗୁପ୍ତଚର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ସେ ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସର ଜଣେ କର୍ମଚାରୀଙ୍କୁ ଭାରତୀୟ ସାମରିକ କାର୍ଯ୍ୟକଳାପ ସମ୍ବନ୍ଧୀୟ ସୂଚନା ପଠାଇଥିବା ଅଭିଯୋଗ ହୋଇଛି। ପୋଲିସ କହିଛି ଯେ, ଅଭିଯୁକ୍ତ ତୌଫିକ୍ ତିନି ବର୍ଷ ପୂର୍ବେ ପାକିସ୍ତାନ ଗସ୍ତ କରିଥିଲା ଏବଂ ପାକିସ୍ତାନକୁ ଏହି ସୂଚନା ପଠାଇବା ପାଇଁ ହ୍ୱାଟସଆପ୍ ବ୍ୟବହାର କରୁଥିଲା । ତାଙ୍କ ଫୋନରୁ ଅନେକ ପାକିସ୍ତାନୀ ଫୋନ୍ ନମ୍ବର ମଧ୍ୟ ଉଦ୍ଧାର କରାଯାଇଛି। ଏହା ପୂର୍ବରୁ, ନୁହ ଜିଲ୍ଲାରୁ ମଧ୍ୟ ପୋଲିସ ପାକିସ୍ତାନ ପାଇଁ ଗୁପ୍ତଚର କରୁଥିବା ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହା ବ୍ୟତୀତ ହିସାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ସିଆଇଏ ପୋଲିସ ଅନୁଯାୟୀ, ପଲୱାଲର ଆଲିମେଭ ଗ୍ରାମର ବାସିନ୍ଦା ୩୫ ବର୍ଷୀୟ ତୌଫିକ୍ ୨୦୨୨ରେ ସମ୍ପର୍କୀୟମାନଙ୍କୁ ଭେଟିବା ପାଇଁ ପାକିସ୍ତାନ ଯାଇଥିଲେ । ସେଠାରେ ସେ ସେତେବେଳେ ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସରେ ନିଯୁକ୍ତ ଜଣେ କର୍ମଚାରୀଙ୍କୁ ଭେଟିଥିଲେ । ଭାରତ ଫେରିବା ପରେ, ତୌଫିକ୍ ମଧ୍ୟ ତାଙ୍କୁ ଦିଲ୍ଲୀରେ ଭେଟିଥିଲେ । ତଦନ୍ତକାରୀ ସଂସ୍ଥା ଗୁଡ଼ିକ ଅନୁଯାୟୀ, ତୌଫିକ୍ ପାକିସ୍ତାନ ଦୂତାବାସରେ ନିଯୁକ୍ତ ସେହି କର୍ମଚାରୀଙ୍କୁ ହ୍ୱାଟ୍ସଆପ୍ ମାଧ୍ୟମରେ ଜଣେ ବିଏସଏଫ କର୍ମଚାରୀଙ୍କ ବିଷୟରେ ସୂଚନା ଦେବା ଆରମ୍ଭ କରିଥିଲେ । ସେ ହ୍ୱାଟ୍ସଆପ ମାଧ୍ୟମରେ ପଲୱାଲର କିଛି ଲୋକଙ୍କ ବିଷୟରେ ମଧ୍ୟ ସୂଚନା ପଠାଇଥିଲେ ।



# ଏସିଆରେ ହେବ ଭାରତର ରାଜ୍ !

**ନୂଆଦିଲ୍ଲୀ,(ଏଜେନ୍ସି):** ଆମେରିକା ସହ କାରବାର ନେଇ ଆଲେଚନା ଚାଲିଛି । ଏହା ଭିତରେ ଭାରତ ଜେଟ୍ ଇଞ୍ଜିନ ତିଆରି କରୁଥିବା ଆମେରିକୀୟ କମ୍ପାନୀ ଜେନେରାଲ ଇଲେକ୍ଟ୍ରିକ୍(ଜିଇ)ସହ 113 F404-IN20 ଫାଇଟର ଜେଟ୍ ଇଞ୍ଜିନ ପାଇଁ ପ୍ରାୟ ୧ ଆରବ ଆମେରିକୀୟ ଡଲାରର ଏକ ଗୁରୁତ୍ୱପୂର୍ଣ୍ଣ ଡିଲ୍କୁ ଅନ୍ତିମ ରୂପ ଦେବାକୁ ଯାଉଛି । ନ୍ୟୁଜ ଏଜେନ୍ସି ଏଏନଆଇ ସହ କଥା ହୋଇ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍ (ହାଲ)ର ଅଧ୍ୟକ୍ଷ ଓ ପ୍ରବନ୍ଧ ନିର୍ଦ୍ଦେଶକ ଡକ୍ଟର ଡିକେ ସୁନିଲ କହିଛନ୍ତି, ଚୁକ୍ତି ଉପରେ ଚଳିତ ବର୍ଷ ଅକ୍ଟୋବର ପର୍ଯ୍ୟନ୍ତ ସାକ୍ଷର ହେବାର ଆଶା କରାଯାଉଛି ଓ ଆଲୋଚନା ଅନ୍ତିମ ପର୍ଯ୍ୟାୟରେ ରହିଛି । ୧୧୩ GE-404 ଇଞ୍ଜିନ ସହ ଡିଲ୍ ବିଷୟରେ ହାଲ୍ ମୁଖ୍ୟ ଏଏନଆଇକୁ କହିଛନ୍ତି, ଆମକୁ ଆଶା ରହିଛି ଅକ୍ଟୋବରରେ ଏହା ଉପରେ ଦସ୍ତଖତ ହୋଇପାରେ । ଏହି ଡିଲ୍ ୧ ବିଲିୟନ ଡଲାରରରୁ ଅଧିକ ହେବୟ ଡିଲ୍ ଉପରେ ଆଲୋଚନା ସମ୍ପୂର୍ଣ୍ଣ ହୋଇସାରିଛି । ଏହାର ମୂଲ୍ୟ ମଧ୍ୟ ଧାର୍ଯ୍ୟ ହୋଇସାରିଛି । ଆମେ ଏବେ ଡିଲ୍ କଥାକୁ ବୁଝୁଛୁ ଓ ସାକ୍ଷର କରିବାକୁ ଯାଉଛୁ । ମେନ୍ ଡିଲ୍ ଉପରେ ଦସ୍ତଖତ ହୋଇସାରିଛି । ଅକ୍ଟୋବରରେ ଆମେ ଜିଇ ସହ ୧୧୩ ଇଞ୍ଜିନ ପାଇଁ ଡିଲ୍ ଉପରେ ସାକ୍ଷର କରିବୁୟ''ହାଲ୍'ର ଜେନେରାଲ ଇଲେକ୍ଟ୍ରିକ୍ ସହିତ ୧୧୩ ଇଞ୍ଜିନ ପାଇଁ ଆଲୋଚନା ଶେଷ ହୋଇଛି । ଡିଲ୍ ଉପରେ ସାକ୍ଷରର ଆଲୋଚନା ଚାଲିଛି । ଏହି ଅର୍ଡରରେ ୬୮ ସିଙ୍ଗିଲ ସିଟ୍ ଯୁଦ୍ଧ ବତମାନ ଓ ୨୯ ଦୁଇଟି ସିଟ୍ ଥିବା ଟ୍ରେନର ବିମାନ ରହିଛି, ଯାହାର ଡେଲିଭରି ୨୦୨୭-୨୮ ରେ ଆରମ୍ଭ ହେବ । ଏହି ଡେଲିଭରି ଆଗାମୀ ୬ ବର୍ଷରେ ପୁରା ହେବ । ଏଚ୍ଏଏଲର ଲକ୍ଷ୍ୟ ଅକ୍ଟୋବର ପର୍ଯ୍ୟନ୍ତ ପ୍ରଥମ ବିମାନ ତିଆରି କରିବା । ଡକ୍ଟର ସୁନୀଲଙ୍କ ଅନୁସାରେ, ଏପର୍ଯ୍ୟନ୍ତ ତିନୋଟି ବିମାନ ପ୍ରସ୍ତୁତ ରହିଛି । ଆମକୁ ଅନ୍ତିମ ପରୀକ୍ଷଣ କରିବାର ଅଛି । ଆଶା ରହିଛି ପରୀକ୍ଷଣ ଅକ୍ଟୋବର ପର୍ଯ୍ୟନ୍ତ ଶେଷ ହୋଇଯିବ । ମୋତେ ଲାଗୁଛି ଆମେ ଅକ୍ଟୋବର ପର୍ଯ୍ୟନ୍ତ ଡେଲିଭରି କରିପାରିବୁ । 'ଦ ଇକୋନୋମିକ୍ସ ଟାଇମ୍ସ' ର ରିପୋର୍ଟ ଅନୁସାରେ, ଆଇଏଏଫ୍ ପାଇଁ ୯୭ ଖଉଇ ଗଳ୧ଇ ବିମାନ କିଣିବା ପାଇଁ ଗକ୍ଟଉ ଦ୍ୱାରା HAL ସହ ଡିଲ୍ ଉପରେ ସାକ୍ଷର କରିବା ସମ୍ପର୍କରେ ଡିକେ ସୁନିଶ କହିଛନ୍ତି ଆର୍ଥିକ ବର୍ଷ ୨୦୩୨-୩୩ ପର୍ଯ୍ୟନ୍ତ ଆମେ ସବୁ ୧୮୦ ବିମାନକୁ ପୁରା କରିପାରିବ । ଏହି ଲକ୍ଷ୍ୟ ଯେ, F404-IN20 ଇଞ୍ଜିନ ଭାରତର ସ୍ୱଦେଶୀ ଲାଇଟ୍ କମ୍ବାଟ ଏୟାରକ୍ରାଫ୍ଟ (ଏଲ୍ସିଏ) ତେଜସ୍ ଗଳ୧ଇ କୁ ଶକ୍ତି ପ୍ରଦାନ କରିବ । HAL ଭାରତୀୟ ବାୟୁସେନା ଦ୍ୱାରା ଅର୍ଡର କରାଯାଇଥିବା ପ୍ରାରମ୍ଭିକ ୮୩ ତେଜସ୍ ଜେଟ୍ ପାଇଁ ୯୯ ଇଞ୍ଜିନ ଡିଲ୍ ପୂର୍ବରୁ ହାସଲ କରିସାରିଛି ।



# ଭାରତରୁ ଭୁଟାନକୁ ଚାଲିବ ଟ୍ରେନ

**ନୂଆଦିଲ୍ଲୀ,(ଏଜେନ୍ସି):** ଭାରତ ଏବଂ ଭୁଟାନ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ, ସୋମବାର ସରକାର ୪,୦୩୩ କୋଟି 'ଟଙ୍କା ମୂଲ୍ୟର ଦୁଇଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ କେବଳ ଦୁଇ ଦେଶ ମଧ୍ୟରେ ସଂଯୋଗକୁ ବୃଦ୍ଧି କରିବ ନାହିଁ ବରଂ ବାଣିଜ୍ୟ, ପର୍ଯ୍ୟଟନ ଏବଂ ଲୋକ-ଲୋକଙ୍କ ମଧ୍ୟରେ ଗତିକୁ ମଧ୍ୟ ସୁଗମ କରିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆପଣ ଏବେ ଟ୍ରେନ୍ ଯୋଗେ ସିଧାସଳଖ



ଭୁଟାନ ଯାତ୍ରା କରିପାରିବେ । ପୂର୍ବରୁ ପଶ୍ଚିମବଙ୍ଗର ହାସିମାରାକୁ ଯାଉଥିବା ଏହି ଟ୍ରେନ୍ ଏବେ ସିଧାସଳଖ ଭୁଟାନର ଗେଲେଫୁକୁ ଚାଲିବ । ପ୍ରଥମ ପ୍ରକଳ୍ପ ହେଉଛି ଆସାମର କୋକରାଝାରରୁ ଭୁଟାନର ଗେଲେଫୁ ପର୍ଯ୍ୟନ୍ତ ଏକ ରେଳ ଲାଇନ ନିର୍ମାଣ କରିବା । ଏହି ୬୯ କିଲୋମିଟର ଲାଇନ ପାଇଁ ୩,୪୫୬ କୋଟି ଟଙ୍କା ଖର୍ଚ୍ଚ ହେବ । ଦ୍ୱିତୀୟ ପ୍ରକଳ୍ପ ପଶ୍ଚିମବଙ୍ଗର ବନରହାଟକୁ ଭୁଟାନର ସାମସେ ସହିତ ସଂଯୋଗ କରିବ । ଏହା ୨୦ କିଲୋମିଟର ଲମ୍ବା ଏବଂ ଏଥିରେ ୫୭୭ କୋଟି ଟଙ୍କା ଖର୍ଚ୍ଚ ହେବୟଭାରତ ଏବଂ ଭୁଟାନ ମଧ୍ୟରେ ନୂତନ ରେଳ ଲାଇନ ପ୍ରକଳ୍ପ ବିଷୟରେ ବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ଭାବରେ ଦ୍ୱିପାକ୍ଷିକ ଚୁକ୍ତି (ଏମ୍ଓୟୁ) ଆଧାରରେ କରାଯାଉଛି ଏବଂ ଏଥିରେ କୌଣସି ତୃତୀୟ ଦେଶର ହସ୍ତକ୍ଷେପ ନାହିଁ ।

# ଦଳ ପାଇଁ ଆସୁଥିବା ପାଣ୍ଠିକୁ ନେଇ ପ୍ରଶାନ୍ତ କିଶୋର ଦେଲେ ହିସାବ

**ନୂଆଦିଲ୍ଲୀ,(ଏଜେନ୍ସି):** ବିହାରରେ ବଢୁଥିବା ରାଜନୈତିକ ପାରା ଭିତରେ ପ୍ରଶାନ୍ତ କିଶୋର ନିଜ ଦଳ ଜନସୁରାଜ ପାର୍ଟିର ଫଣ୍ଡିଂକୁ ନେଇ ଉଠିଥିବା ଅଭିଯୋଗ ଉପରେ ଜବାବ ଦେଇ ଛନ୍ତି । ପାଟନାରେ ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରଶାନ୍ତ କିଶୋର ସବୁ ପ୍ରଶ୍ନର ଉତ୍ତର ରଖିଛନ୍ତି । ନିଜ ଦଳର ଫଣ୍ଡିଂ ସୋର୍ସ ବିଷୟରେ କହିବା ସହିତ ପ୍ରତିଟି ଖର୍ଚ୍ଚର ହିସାବ ମଧ୍ୟ ଦେଇଛନ୍ତି । ପ୍ରଶାନ୍ତ କିଶୋର କହିଛନ୍ତି, ଲୋକ ପଚାରୁଛନ୍ତି ପ୍ରଶାନ୍ତ କିଶୋରଙ୍କ ପାଖରେ ପଇସା କେମିତି ଆସୁଛି ? ବିହାରର ସବୁ ନେତାଙ୍କୁ ପିକେ ଚୋର ଲାଗୁଛି । ତେଣୁ ଜନସୁରାଜ ପାର୍ଟିକୁ କେମିତି ଟଙ୍କା ଆସିଛି ସେ ବିଷୟରେ ପୂରା ସୂଚନା ଦେଇଛନ୍ତି ପ୍ରଶାନ୍ତ । ସେ କହିଛନ୍ତି ରାଜନୈତିକ ରଣନୀତିକାର ଭାବେ ସେ ଯାହା ବି ପରାମର୍ଶ ଦେଉଛନ୍ତି, ସେଥିରେ ସେ ଫିସ୍ ନିଅନ୍ତି । ଏହାସହ ସେ ଲୋକଙ୍କଠାରୁ ମଧ୍ୟ କିଛି ପଇସା ପାଇଛନ୍ତି । ସୂଚନା ଦେଇ କହିଛନ୍ତି, ଗତ ୨୦୨୧ରୁ ୨୦୨୩ ଭିତରେ ୨୪୧ କୋଟି ଟଙ୍କା ସେ କେବଳ ଫିସ୍ ଆକାରରେ ପାଇଛନ୍ତି । ଯାହା ଉପରେ ସରକାର ୧୮ ଜିଏସଟି ମଧ୍ୟ ନେଇଛନ୍ତି । ଏହାସହ ସେ ୨୦ କୋଟି ଟଙ୍କା ଇନକମ୍ ଟ୍ୟାକ୍ସ ମଧ୍ୟ ଦେଇଛନ୍ତି । ତେବେ



ଫିସ୍ ବାବଦରେ ତାଙ୍କୁ ଯାହା ବି ଟଙ୍କା ମିଳେ, ସେଥିରୁ ନିଜ ଖର୍ଚ୍ଚ କାଟି ଦେଇ ସେ ସବୁଟଙ୍କା ଦଳକୁ ଦାନ କରିଦେଇଛନ୍ତି ବୋଲି କହିଛନ୍ତି ପ୍ରଶାନ୍ତ କିଶୋର । ସେ ତାଙ୍କ ନିଜ ଆକାଉଣ୍ଟରୁ ପ୍ରାୟ ୯୮ କୋଟି ଟଙ୍କା ଦଳକୁ ଦାନ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ପ୍ରଶାନ୍ତ କିଶୋର ।

### ବରେଲି ହିଂସା ପରେ ବଡ଼ କାର୍ଯ୍ୟାନୁଷ୍ଠାନ

# ମୌଲାନା ତୌକିର ରଜାଙ୍କ କାର୍ଯ୍ୟାଳୟ ସିଲ୍

**ବରେଲି,(ଏଜେନ୍ସି):** ବରେଲିରେ ଶୁକ୍ରବାର ପ୍ରାର୍ଥନା ପରେ 'ଆଇ ଲଭ୍ ମହମ୍ମଦ' ଅଭିଯାନକୁ ସମର୍ଥନ କରି ବିକ୍ଷୋଭକାରୀ ଓ ପୁଲିସ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇଥିଲା । ହିଂସାତ୍ମକ ସଂଘର୍ଷର ମାଷ୍ଟରମାଇଣ୍ଡ ଅଭିଯୋଗରେ ସ୍ଥାନୀୟ ମୌଲାନା ତଥା ଇତ୍ତେହାଦ୍-ଏ-ମିଲ୍ଲତ ପରିଷଦର ମୁଖ୍ୟ ତୌକିର ରଜା ଖାନଙ୍କୁ ପୁଲିସ ଗିରଫ କରିଥିଲା । ଏବେ ତାଙ୍କ ବିରୋଧରେ ଆଉ ଏକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବରେଲି ନଗର ନିଗମ ମୌଲାନା ତୌକିର ରଜାଙ୍କ ସଂଗଠନ, ଇତ୍ତେହାଦ-ଏ-ମିଲ୍ଲତ ପରିଷଦ (ଆଇଏମସି)ର କାର୍ଯ୍ୟାଳୟକୁ ସିଲ୍ କରିଛି । ଏହି କାର୍ଯ୍ୟାନୁଷ୍ଠାନ ବରେଲିରେ ନିଆଯାଇଛି । ଆଇଏମସି କାର୍ଯ୍ୟାଳୟ ଏକ ସପିଂ କମ୍ପ୍ଲେକ୍ସ ଭିତରେ ଥିଲା । ଏହି ସପିଂ କମ୍ପ୍ଲେକ୍ସକୁ ଏକ ଡ୍ରେନ୍ ଉପରେ ବେଆଇନ ଭାବରେ ନିର୍ମାଣ କରାଯାଇଥିବା ଚିହ୍ନଟ କରିଥିଲା ମ୍ୟୁନିସିପାଲ କର୍ପୋରେସନ । ଡ୍ରେନ୍ ଉପରେ ଜବରଦଖଲ କରି ନିର୍ମିତ ହୋଇଥିବା ଏହି ବେଆଇନ ନିର୍ମାଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମ୍ୟୁନିସିପାଲ କର୍ପୋରେସନ ଏହି ପଦକ୍ଷେପ ନେଇଛି । ତେବେ ହିଂସାତ୍ମକ ସଂଘର୍ଷର ମାଷ୍ଟରମାଇଣ୍ଡ ଅଭିଯୋଗରେ ଶନିବାର ଏକ ସ୍ଥାନୀୟ କୋର୍ଟ ରଜା ଓ ସାତ ଜଣଙ୍କୁ ୧୪ ଦିନିଆ ନ୍ୟାୟିକ ହେପାଜତକୁ ପଠାଇଥିଲେ । ଜିଲ୍ଲା ମାଜିଷ୍ଟ୍ରେଟ୍ ଅବିନାଶ ସିଂହ ଓ ବରିଷ୍ଠ ପୁଲିସ ଅଧୀକ୍ଷକ ଅନୁରାଗ ଆର୍ଯ୍ୟ ଶନିବାର ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଗିରଫଦାରୀ ଘୋଷଣା କରିଥିଲେ । ଶୁକ୍ରବାର ପ୍ରାର୍ଥନା ପରେ କୋତୱାଲି ଅଞ୍ଚଳର ଏକ ମସଜିଦ ବାହାରେ 'ଆଇ ଲଭ୍ ମହମ୍ମଦ' ପୋଷ୍ଟର ଧରି ଏକ ବିଶାଳ ଜନତା ପୁଲିସ ସହ ସଂଘର୍ଷ କରିଥିଲେ । ରଜା ଶୁକ୍ରବାର ହିଂସା ସୃଷ୍ଟି କରିବା ପାଇଁ ଉତ୍ତେଜନାମୂଳକ ଭାଷଣ ଦେଇଥିବା ଅଭିଯୋଗ ହୋଇଛି । ରଜାଙ୍କ ଉତ୍ତେଜକ ଭାଷଣ ପରେ ଯୁବକମାନଙ୍କର ଏକ ଭିଡ଼ ରାସ୍ତାକୁ ଓହ୍ଲାଇଥିଲା, ଯାହା ଖଲିଲ ତିରାହାଠାରୁ ଇସଲାମିଆ ଗ୍ରାଉଣ୍ଡ ପର୍ଯ୍ୟନ୍ତ ଅରାଜକତା ପରିବେଶ ସୃଷ୍ଟି କରିଥିଲା । ଗିରଫ ହୋଇଥିବା ଅନ୍ୟ ସାତ ଜଣ ହେଲେ ସରଫରାଜ, ମନିଫୁଦ୍ଦିନ, ଅଜିମ ଅହମଦ, ମହମ୍ମଦ ସରିଫ, ମହମ୍ମଦ ଆମିର, ରେହାନ ଓ ମହମ୍ମଦ ସରଫରାଜ ।



# ଯୁଦ୍ଧବିରତି ଆଲୋଚନା ପାଇଁ ହ୍ୱାଇଟ୍ ହାଉସ୍ ଗସ୍ତରେ ନେତାନ୍ୟାହୁ

**ନୂଆଦିଲ୍ଲୀ,(ଏଜେନ୍ସି):** ଇସ୍ରାଏଲ-ହମାସ ଯୁଦ୍ଧରେ ମୃତ୍ୟୁସଂଖ୍ୟା ୬୬ ହଜାର ଟପିଛି । ଏନେଇ ରବିବାର ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି । ଦିନକ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଗାଜା ସହରରେ ଇସ୍ରାଏଲର ଆକ୍ରମଣକୁ ବନ୍ଦ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଆଲୋଚନା ପାଇଁ ହ୍ୱାଇଟ୍ ହାଉସ ଯାଇଛନ୍ତି । ଇସ୍ରାଏଲ ଅଧିକୃତ ୱେଷ୍ଟ ବ୍ୟାଙ୍କରେ ହିଂସା ବୃଦ୍ଧି ପାଇଛି, ଯାହା ଗାଜା ଏବଂ ପୂର୍ବ ଜେରୁଜେଲମ୍ ସହିତ ୧୯୬୭ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଇସ୍ରାଏଲ ଦ୍ୱାରା କବଜା କରାଯାଇଥିଲା ଏବଂ ପାଲେଷ୍ଟାଇନୀମାନେ ଭବିଷ୍ୟତରେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଚାହୁଁଛନ୍ତି । ଯୁଦ୍ଧ ସମାପ୍ତ କରିବା ପାଇଁ ନେତାନ୍ୟାହୁଙ୍କ ଉପରେ ଅନ୍ତର୍ଜାତୀୟ ଚାପ ପଡ଼ିଛି ୟ ସୋମବାର ହ୍ୱାଇଟ୍ ହାଉସ୍ ବୈଠକରେ, ଟ୍ରମ୍ପ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ନୂତନ ପ୍ରସ୍ତାବ ଆଣିବେ ବୋଲି ଆଶା କରାଯାଉଛି । ୭ ଅକ୍ଟୋବର, ୨୦୨୩ରେ ହମାସ ନେତୃତ୍ୱାଧୀନ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଯୁଦ୍ଧ ଆରମ୍ଭ ହୋଇଥିଲା । ୪୮ ଜଣ ବନ୍ଧକ ଏବେ ବି ଗାଜାରେ ବନ୍ଦୀ ଅବସ୍ଥାରେ ଅଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ୨୦ ଜଣ ଜୀବିତ ଥିବା ଇସ୍ରାଏଲ କହୁଛି । କତାରର ଦୋହାରେ ଇସ୍ରାଏଲର ଆକ୍ରମଣ ପରଠାରୁ ଯୁଦ୍ଧବିରତି ଆଲୋଚନା ସ୍ଥଗିତ ରହିଛି । ଟ୍ରମ୍ପ ତୁରନ୍ତ ଯୁଦ୍ଧବିରତି ପାଇଁ ଏକ ୨୧-ସୂତ୍ରୀ ପ୍ରସ୍ତାବ ଦେଇଛନ୍ତି । ଏ ବିଷୟରେ ସୂଚନା ଦେଇଥିବା ଆରବ ଅଧିକାରୀଙ୍କ ଅନୁସାରେ, ପ୍ରସ୍ତାବରେ ୪୮ ଘଣ୍ଟା ମଧ୍ୟରେ ସମସ୍ତ ବନ୍ଧକଙ୍କୁ ମୁକ୍ତ କରିବା ଏବଂ ପାଲେଷ୍ଟାଇନୀ ଏନକ୍ଲେଭରୁ ଇସ୍ରାଏଲୀ ସେନାକୁ ଧୀରେ ଧୀରେ ପ୍ରତ୍ୟାହାର କରିବା ଅନ୍ତର୍ଭୁକ୍ତ ହେବ । ଟ୍ରମ୍ପ ଜାତିସଂଘ ସାଧାରଣ ପରିଷଦର ଅବସରରେ ନ୍ୟୁୟର୍କରେ ଆରବ ନେତାମାନଙ୍କ ସହ ଏହି ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ । ହମାସର ଜଣେ ଅଧିକାରୀ କହିଛନ୍ତି ଯେ, ଏହି ଯୋଜନା ବିଷୟରେ ସୂଚନା ଦିଆଯାଇଥିଲା କିନ୍ତୁ, ଏପର୍ଯ୍ୟନ୍ତ ଇଜିପ୍ଟ ଏବଂ କତାର ମଧ୍ୟସ୍ଥତାଙ୍କଠାରୁ କୌଣସି ସରକାରୀ ପ୍ରସ୍ତାବ ପାଇନାହିଁ । ଅଧିକାରୀଙ୍କ ଅନୁଯାୟୀ, ଇସ୍ରାଏଲରେ ଆମେରିକାର ରାଷ୍ଟ୍ରଦୂତ ମାଇକ୍ ହୁକାବି କାଇରୋ ଗସ୍ତ କରି ଯୁଦ୍ଧବିରତି ଏବଂ ଇସ୍ରାଏଲ ସହିତ ମିଶରର ବିଗିଡ଼ିଯାଇଥିବା ସମ୍ପର୍କ ବିଷୟରେ ଆଲୋଚନା କରିବା ପାଇଁ ଇଜିପ୍ଟର ଅଧିକାରୀଙ୍କ ସହ ସାକ୍ଷାତ କରିବେ । ଇସ୍ରାଏଲରେ ଥିବା ଆମେରିକୀୟ ଦୂତାବାସ କହିଛି ଯେ, ହୁକାବି ଆଞ୍ଚଳିକ ଅଂଶୀଦାରମାନଙ୍କ ମଧ୍ୟରେ ନିୟମିତ କୂଟନୈତିକ ପରାମର୍ଶର ଅଂଶ ଭାବରେ କାଇରୋ ଯାତ୍ରା କରିବେ । ଇସ୍ରାଏଲ ସିନାଇ ଉପଦ୍ୱୀପରେ ମିଶରର ସାମରିକ ଶକ୍ତି ବୃଦ୍ଧି ଉପରେ ମଧ୍ୟ ଚିନ୍ତା ପ୍ରକାଶ କରିଛି, ଯାହା ଇସ୍ରାଏଲ ଓ ମିଶର ଉଭୟ ଦେଶ ମଧ୍ୟରେ ୧୯୭୯ ମସିହାରେ ହୋଇଥିବା ଶାନ୍ତି ଚୁକ୍ତିର ଉଲ୍ଲଂଘନ ।



# ଏଆଇ ଖାଇଯିବ ୪୦% ନିଯୁକ୍ତି

**ନୂଆଦିଲ୍ଲୀ,(ଏଜେନ୍ସି):** ମଣିଷଙ୍କ ତୁଳନାରେ କୃତ୍ରିମ ବୁଦ୍ଧିମତା (ଏଆଇ) ବେଶ ବିଚକ୍ଷଣତା ଦେଖାଉଛି । ନିକଟ ଭବିଷ୍ୟତରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରାୟ ୪୦% ନିଯୁକ୍ତି ଖାଇଯିବ ବୋଲି ଓପନ ଏଆଇର ସିଇଓ ସାମ୍ ଅଲ୍ଟମ୍ୟାନ ଚେତାବନୀ ଦେଇଛନ୍ତି । ଏଆଇର କ୍ଷମତା ଦ୍ରୁତ ଭାବେ ବଢୁଛି । ଲେଖିବା, ସମରି ପ୍ରସ୍ତୁତି, ବୃହତ ପରିମାଣର ଡାଟାକୁ ତର୍ଜମା କରିବା, ସାଧାରଣ ସ୍ତରୀୟ ନିଷ୍ପତ୍ତି ଭଳି କ୍ଷେତ୍ରରେ ଏବେ ଏଆଇ ବେଶ ଭଲ କାମ କରୁଛି । ଏଆଇ ଆଗାମୀ ଦିନରେ ଏ କ୍ଷେତ୍ରରେ ନିଯୁକ୍ତି ଗୁଡ଼ିକ ପ୍ରଭାବିତ କରିବ । ବାରମ୍ବାର ସମାନ ଢଙ୍ଗରେ କରାଯାଉଥିବା କାମ,ଆଗତ, ଆନୁମାନିକ କାର୍ଯ୍ୟ ଭଳି ଦିଗ ଉପରେ ଏଆଇ ବେଶି ପ୍ରଭାବ ପକାଇବ । ଏଆଇ ସିଷ୍ଟମ ପ୍ୟାଟର୍ଣ୍ଣକୁ ଠିକ୍ କରିବା, ଶ୍ରେଣୀଭୁକ୍ତ କରିବା ଏବଂ ମଣିଷଙ୍କ ତୁଳନାରେ ଠିକ୍ ଠାକ୍ ନିଷ୍ପତ୍ତି ବି ନେଲାଣି । କମ୍ପାନି ଗୁଡ଼ିକ ଏଆଇ ଗ୍ରହଣ କରିବା ସହ ବେଶି ଶ୍ରମିକ ରଖିବାକୁ ଏତେଟା ପସନ୍ଦ କରୁନାହାନ୍ତି । ଖର୍ଚ୍ଚ କାଟ କରିବା ଲାଗି ଏଭଳି କରୁଛନ୍ତି କମ୍ପାନୀ । ଫଳରେ ଆର୍ଥିକ ଦୃଷ୍ଟିକୋଣରୁ ଏବେ ଏଆଇ ଆକର୍ଷଣ ପାଲଟିଛି । ଏବେ ସେବା, କଣ୍ଟେଣ୍ଟ ଜେନେରେସନ, ଆଇନଗତ ଡ୍ରାଫ୍ଟି, କୋଡିଂ ସହାୟତା ଭଳି କ୍ଷେତ୍ର ଗୁଡ଼ିକରେ ଏଆଇ ବହୁଳ ଭାବେ ଗ୍ରହଣଯୋଗ୍ୟ ହେଉଛି । ଶ୍ରମ କୈନ୍ଦ୍ରିକ ଶିଳ୍ପରେ ଏହାର ବ୍ୟବହାର ଆଗାମୀ ଦିନରେ ତୀବ୍ର ହେବାକୁ ଯାଉଛି । ଏଭଳି ସ୍ଥିତିରେ ଅଲ୍ଟମ୍ୟାନ କହିଛନ୍ତି, ଏଆଇ ଶକ୍ତିଶାଳୀ ହେଉଥିବାରୁ ପ୍ରତି କ୍ଷେତ୍ରରେ ଏହା ନିଯୁକ୍ତିକୁ କ୍ଷତି ପହଞ୍ଚାଇବ । ଯଦି ନିଯୁକ୍ତି ପ୍ରଭାବିତ ବର୍ଗରେ ଆସୁଛି ତେବେ ସେହି କ୍ଷେତ୍ର ଗୁଡ଼ିକର ଚିନ୍ତା ବେଶି ବିବ । ଏବେ ଏଆଇ ଏଣ୍ଟ୍ରି ସ୍ତରୀୟ ବା ଜୁନିୟର ଲେବଲ ନିଯୁକ୍ତି ଗୁଡ଼ିକୁ କ୍ଷତି ପହଞ୍ଚାଇଲାଣି । ଆଗାମୀ ଦିନରେ ବେଶି ନିଯୁକ୍ତି ପ୍ରଭାବିତ ହେବାର ଆଶଙ୍କା ରହିଛି । ଜାତିସଂଘ ଏବଂ ଆଇଏମ୍ଏଫ୍ ଭଳି ଏଜେନ୍ସି ଗୁଡ଼ିକ ମଧ୍ୟ ନିଯୁକ୍ତି ପ୍ରଭାବିତ ହେବା ନେଇ ପୂର୍ବରୁ ଆଶଙ୍କା କରିଥିଲେ । ଏଆଇ ଯୋଗୁ ନୂଆ ସୁଯୋଗ ସୃଷ୍ଟି ହେବ ।

# ବିଜେପି-ଯୋଗୀ-ମୋଦୀଙ୍କୁ ନେଇ କିଛି କହିବି ନାହିଁ

**ଗାଜିଆବାଦ,(ଏଜେନ୍ସି):** ଗାଜିଆବାଦର ଦାସନା ଅଞ୍ଚଳର ଜଗଦମ୍ବା ମହାକାଳୀ ମନ୍ଦିରର ମହନ୍ତ ହେଉଛନ୍ତି ଯତି ନରସିଂହାନନ୍ଦ ଗିରି । ପ୍ରାୟତଃ ନିଜ ବକ୍ତବ୍ୟ ପାଇଁ ସେ ବିବାଦରେ ଫସି ରହିଥାନ୍ତି । ଗତ ବର୍ଷ, ସେ ପେଗମ୍ବର ମହମ୍ମଦଙ୍କ ବିଷୟରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଯାହା ଫଳରେ ମୁସଲିମ୍ ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ବ୍ୟାପକ ଉତ୍ତେଜନା ସୃଷ୍ଟି ହୋଇଥିଲା । ପୁଲିସ ଦୃଢ଼ ପଦକ୍ଷେପ ନେବା ପରେ, ସେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ବିଜେପି ବିଷୟରେ ମଧ୍ୟ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଯତି ନରସିଂହାନନ୍ଦ ଗିରି ଏବେ ଭବିଷ୍ୟତରେ କେବେ ବି ବିଜେପି, ମୁଖ୍ୟମନ୍ତ୍ରୀ ଯୋଗୀ କିମ୍ବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଷୟରେ କିଛି ନ କହିବାକୁ ଶପଥ ନେଇଛନ୍ତି । କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ ରବିବାର ରାତିରେ ଦାସନାର ଜଗଦମ୍ବା ମହାକାଳୀ ମନ୍ଦିର ପରିଦର୍ଶନ କରିଥିଲେ । ଗସ୍ତ ସମୟରେ, ସେ ମନ୍ଦିରର ମହନ୍ତ ଯତି ନରସିଂହାନନ୍ଦ ଗିରିଙ୍କ ସହିତ କଥାବାର୍ତ୍ତା କରିଥିଲେ । କଥାବାର୍ତ୍ତା ପରେ



ନରସିଂହାନନ୍ଦ ଗିରି କ୍ୟାମେରା ସମ୍ମୁଖରେ କହିଥିଲେ, ଗିରିରାଜ ସିଂହଙ୍କୁ ସାକ୍ଷୀ ରଖି ମୁଁ ଶପଥ ଗ୍ରହଣ କରୁଛି ଯେ, ଆଜିଠାରୁ ମୁଁ ବିଜେପି କିମ୍ବା ଏହାର ବରିଷ୍ଠ ନେତାମାନଙ୍କ ବିରୋଧରେ କିଛି କହିବି ନାହିଁ । ଗିରିରାଜ ସିଂହ ମୋତେ ଫୋନ୍ କରି ଗାଳି ଦେଇଥିଲେ, କହିଥିଲେ ଯେ, ତୁମ ଯୋଗୁ ଆମେ ଦେବୀ ମା'ଙ୍କୁ ଦର୍ଶନ ମଧ୍ୟ କରିପାରୁନାହୁଁ । ତେଣୁ, ମୁଁ ଶପଥ କରୁଛି, ଭବିଷ୍ୟତରେ ମୁଁ ଏପରି କିଛି କହିବି ନାହିଁ । ଚଳିତ ବର୍ଷ ମାର୍ଚ୍ଚ ମାସରେ, ଯତି ନରସିଂହାନନ୍ଦ ଗିରି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିଷୟରେ ଏକ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଗାଜିଆବାଦର ଲୋନି ଅଞ୍ଚଳରେ ଏକ କଳସ ଯାତ୍ରା ସମୟରେ ବିଧାୟକ ନନ୍ଦ କିଶୋର ଗୁର୍ଜରଙ୍କର ପୁଲିସ ଅଧିକାରୀଙ୍କ ସହ ବିବାଦ ହୋଇଥିଲା । ବିବାଦକୁ ଯତି ନରସିଂହାନନ୍ଦ ଡ଼େଇଁପଡ଼ି କହିଥିଲେ, ଯେଉଁ ପୁଲିସ ଆଜି ଜଣେ ବିଧାୟକଙ୍କ ସହିତ ଏପରି ବ୍ୟବହାର କରୁଛନ୍ତି, ସେମାନେ କାଲି ମୁଖ୍ୟମନ୍ତ୍ରୀ ଯୋଗୀଙ୍କ ସହିତ ମଧ୍ୟ ସେହିପରି କରିବେ । ଯୋଗୀ ସବୁଦିନ ପାଇଁ ମୁଖ୍ୟମନ୍ତ୍ରୀ ରହିବେ ନାହିଁ । ସେହି ଦିନ ଯୋଗୀ ଆଦିତ୍ୟନାଥଙ୍କ ସହିତ କେହି ଠିଆ ହେବେ ନାହିଁ, କାରଣ ମୁଖ୍ୟମନ୍ତ୍ରୀ ଯୋଗୀ ଆମ ସମସ୍ତଙ୍କୁ ହତ୍ୟା କରିଥିବେ । ମୁଖ୍ୟମନ୍ତ୍ରୀ ଯୋଗୀଙ୍କ କାର୍ଯ୍ୟକାଳରେ, ପୁଲିସ ଦୁର୍ନୀତିଗ୍ରସ୍ତ ହୋଇଛି । ପୁଲିସ ଅଧିକାରୀମାନେ ହିନ୍ଦୁମାନଙ୍କ ଉପରେ କରିଥିବା ଅତ୍ୟାଚାର ଅନ୍ୟ କୌଣସି ସରକାରଙ୍କ ଅମଳରେ ଘଟି ନଥିଲା । ଯତି ନରସିଂହାନନ୍ଦ ଗିରି ବିଜେପିରେ ମହିଳାମାନଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ତାଙ୍କ ମନ୍ତବ୍ୟର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଯାହା ଫଳରେ ବିଜେପି ନେତାମାନେ ତାଙ୍କ ବିରୋଧରେ ଏଫଆଇଆର ଦାବି କରିଥିଲେ ।

# 'ଏବେ ବନ୍ଧୁକର ଭାଷାରେ ଜବାବ୍ ଦେବୁ'

### ପଡ଼ୋଶୀ ଦେଶକୁ ପାକିସ୍ତାନର ଧମକ

**ନୂଆଦିଲ୍ଲୀ,(ଏଜେନ୍ସି):** ତାଲିବାନକୁ ପାକିସ୍ତାନର ଧମକ । କହିଛି ଯଦି ସୀମାରେ ଆତଙ୍କବାଦ କାର୍ଯ୍ୟକଳାପକୁ ରୋକିବାରେ ବିଫଳ ହୁଏ, ତେବେ ଇସଲାମାବାଦ ବନ୍ଧୁକର ଭାଷାରେ ଜବାବ୍ ଦେବ । 'ଇସଲାମାବାଦରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପାକ୍ ଗୃହରାଷ୍ଟ୍ରମନ୍ତ୍ରୀ ତଲାଲ ଚୌଧୁରୀ ଏଭଳି କହିଛନ୍ତି । ସେ କହିଛନ୍ତି, ଦେଶରେ ଅଶାନ୍ତ ସ୍ଥାନରେ ଚାଲିଥିବା ଅପରେସନରେ ସ୍ଥିରତା ଓ ନିବେଶ ପାଇଁ ଅନୁକୂଳ ସ୍ଥିତି ତିଆରି ଜାରି ରହିବ । ଗୃହରାଷ୍ଟ୍ରମନ୍ତ୍ରୀ ଦାବି କରିଛନ୍ତି, ନିକଟରେ ଆକ୍ରମଣରେ ପ୍ରାୟ ୮୦% ଆତଙ୍କବାଦୀ ଅଫଗାନ ନାଗରିକ ଥିଲେ । ସେ କହିଛନ୍ତି, ଅନୁପ୍ରବେଶ ରୋକିବା ପାଇଁ କଡ଼ା ସୀମା ନିୟନ୍ତ୍ରଣ ଉପାୟ ଉପରେ ବିଚାର କରାଯାଉଛି । ତଲାଲ ଚୌଧୁରୀ କହିଛନ୍ତି, ପାକିସ୍ତାନ ସବୁ ସୁରକ୍ଷା ବିପଦକୁ ଶେଷ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି । ସେ ବିକାଶ ପାଇଁ ସ୍ଥିରତା ଓ ସୁରକ୍ଷାକୁ ଜରୁରୀ ସର୍ତ୍ତ କହିଛନ୍ତିୟ ସେ କହିଛନ୍ତି, ଯେଉଁ ଲୋକ କେବଳ ବନ୍ଧୁକର ଭାଷା ବୁଝନ୍ତି, ତାଙ୍କ ସହ ସେଭଳି କରାଯିବ । ଖେବର ପୁଖତୁନଖ୍ୱା ଓ ଜନଜାତୀୟ ଜିଲ୍ଲାରେ ନିକଟ କିଛି ମାସରେ ହିଂସା ବୃଦ୍ଧି ଦେଖିବାକୁ ମିଳିଛି । ଏଠାରେ ସୈନିକ, ପୋଲିସ କର୍ମଚାରୀ ଓ ନାଗରିକଙ୍କ ହତ୍ୟା ଏବଂ ବୋମା ବିସ୍ଫୋରଣ ଘଟଣା ପ୍ରାୟ ସବୁ ସପ୍ତାହରେ ସାମନାକୁ ଆସୁଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଜାତିସଂଘର ମହାସଭାରେ ନିଜ ସମ୍ବୋଧନରେ ଏହି ପ୍ରସଙ୍ଗ ଉଠାଇଥିଲା । ସେ କହିଥିଲେ, ପାକିସ୍ତାନକୁ ବାହାରୁ ପ୍ରାୟୋଜିତ ଆତଙ୍କବାଦର ସାମନା କରିବାକୁ ପଡୁଛି, ଯାହାକି ରାଷ୍ଟ୍ରୀୟ ସୁରକ୍ଷା ଉପରେ ଗମ୍ଭୀର ପ୍ରଭାବ ପକାଉଛି । ସେ ବିଶ୍ୱ ସମୁଦାୟକୁ ଏଭଳି ବିପଦରେ ସହଯୋଗ କରିବାକୁ ନିବେଦନ କରିଛନ୍ତି । ବିଶେଷଜ୍ଞଙ୍କ ମତରେ ପାକିସ୍ତାନର କଡ଼ା ଆଭିମୁଖ୍ୟ ସୀମ ପାର ଉଗ୍ରବାଦ ଓ କାବୁଲର ଉପଯୁକ୍ତ ପ୍ରତିକ୍ରିୟାକୁ ଦର୍ଶାଉଛି । ଯଦି ସହଯୋଗ ନମିଳେ, ତେବେ ହିଂସା ଆହୁରି ବଢିପାରେ ।



# ନୋଏଡାରେ ଆୟୋଜିତ ହେବ ବିଶାଳ ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ପଂଚତନ୍ତ୍ର ମହୋତ୍ସବ

ଭୁବନେଶ୍ୱର,୨୯।୯ (ନି.ପ୍ର) : ଆସନ୍ତା ଡିସେମ୍ବର ମାସରେ ନୋଏଡାର ସେକ୍ଟର ୨୧ଏସ୍ଥିତ ରାମଲୀଳା ମଇଦାନଠାରେ ଆନ୍ତର୍ଜାତୀୟ ଶ୍ରୀ ଜଗନ୍ନାଥ ପଂଚତନ୍ତ୍ର ମହୋତ୍ସବ ଆୟୋଜିତ ହେବ। ସାମୁଦାୟିକ ବିକାଶ ସମିତି ଅଧିନରେ ଡିସେମ୍ବର ୩ରୁ ୭ ତାରିଖ ୨୦୨୫ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ୫ ଦିନିଆ ମହୋତ୍ସବ ଭାରତ ଓ ୩୦ରୁ ଅଧିକ ଦେଶରୁ ଭକ୍ତ, ସାଧୁସନ୍ଥ ଓ ସାଂସ୍କୃତିକ ପ୍ରତିନିଧିମାନଙ୍କୁ ଏକାଠି କରିବ। ସମିତିର ଅଧକ୍ଷ ଡଃ ମନୋରଞ୍ଜନ ମହାନ୍ତିଙ୍କ କହିବା ଅନୁସାରେ, ଏହି ମହୋତ୍ସବ କେବଳ ଏକ ଆଧାତ୍ମିକ ଉତ୍ସବ ହେବ ନାହିଁ ବରଂ ସମଗ୍ର ବିଶ୍ୱରେ ଜଗନ୍ନାଥ ସଂସ୍କୃତିର ମହତ୍ୱକୁ ଉପସ୍ଥାପନ କରିବା ପାଇଁ ଏକ ମଂଚ ହେବ। ୩୦ରୁ ୩୫ଟି ଦେଶର ଭକ୍ତ ଓ ପ୍ରତିନିଧିଙ୍କ ସମେତ ବିଶ୍ୱବ୍ୟାପୀ ୧୦୦୦ରୁ ଅଧିକ ଜଗନ୍ନାଥ ମନ୍ଦିରର ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ସମିତି ପକ୍ଷରୁ ଉଲ୍ଲେଖ କରାଯାଇଛି ଯେ, ସାମୂହିକ ପ୍ରୟାସ ମାଧ୍ୟମରେ ମହୋତ୍ସବ ପାଇଁ ପ୍ରସ୍ତୁତି କରାଯାଉଛି। ପ୍ରମୋଦ ଭାଲ୍,



ନିତ୍ୟାନନ୍ଦ ରାଉତ, ଗୁରୁଜୀ ଗୌତମ ରିଷି ଓ ଆଚାର୍ଯ୍ୟ ଶୈଳେଶ ତିୱାରୀ ଆୟୋଜନର ଦାୟିତ୍ୱ ନେଇଥିବା ବେଳେ ସ୍ୱାମୀ ଦେବାନନ୍ଦ ସରସ୍ୱତୀ, ଧନେଶ୍ୱର ନାୟକ, ସନ୍ତୋଷ ରାଉତ, ଅକ୍ଷୟ ସାମଲ, ଜି.ପି ସାମନ୍ତ, ଆଲୋକ ପାଢୀ, ବିମଳ ବାରିକ, ପ୍ରିତମ ନାୟକ, ରାମକ୍ରିଷ୍ଣ ସାହୁ, ଜିତେନ୍ଦ୍ର ମୁଖୀ, ରଞ୍ଜନ ଦାଦା ଓ ସଞ୍ଜୟ ମିଶ୍ର ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି। ଏହାବ୍ୟତୀତ ଦିଲ୍ଲୀ-ଏନସିଆର ଅଂଚଳରେ ଥିବା ଜଗନ୍ନାଥ ମନ୍ଦିରଗୁଡିକ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। ୨୭ଟି ମନ୍ଦିରର ପ୍ରତିନିଧିଙ୍କ ସହ ଶ୍ରୀ ରବି ପ୍ରଧାନ ଏଥିରେ ଅଂଶଗ୍ରହଣ କରିବେ। ସେହିପରି ଅଯୋଧ୍ୟା, ଓଡିଶା ଏବଂ ଭାରତ ଓ ବିଦେଶର ଅନ୍ୟାନ୍ୟ ପ୍ରମୁଖ ଧାର୍ମିକ କେନ୍ଦ୍ରଗୁଡିକର ସାଧୁ ସନ୍ଥମାନେ ମହୋତ୍ସବରେ ଯୋଗ ଦେବେ ବୋଲି ସମିତି ପକ୍ଷରୁ ନିଶ୍ଚିତ କରାଯାଇଛି।

ଏହି ମହୋତ୍ସବ ପ୍ରତିଦିନ ସକାଳ ୮ଟାରୁ ରାତି ୧୦ଟା ୩୦ ପର୍ଯ୍ୟନ୍ତ ପରିଚାଳିତ ହେବ ଯେଉଁଥିରେ ମଙ୍ଗଳ ଆଳତୀ, ବାଳ ଧୂପ, ଯଜ୍ଞ, ଭକ୍ତିପୂର୍ଣ୍ଣ ପ୍ରବଚନ ଓ ଭଜନ ଆଦି ସାମିଲ ରହିଛି। ସନ୍ଧ୍ୟା ସମୟରେ ଓଡିଶୀ, କଥକ, ଗୋଟିପୁଅ ଓ ମାହାରୀ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଏଠାରେ ଭକ୍ତମାନେ ମହାପ୍ରଭୁ ଜଗନ୍ନାଥଙ୍କର ୨୪ଟି ରୂପ ଦେଖିପାରିବା ସହିତ ପ୍ରତିଦିନ ସ୍କନ୍ଦ ପୁରାଣ ଉପରେ ପ୍ରବଚନ ଶୁଣିପାରିବେ। ଏହାବ୍ୟତୀତ ୧୦୦ରୁ ଅଧିକ ଯଜ୍ଞସ୍ଥଳୀରେ ପ୍ରାୟ ୪୦୦ ଜଣ ଅଂଶଗ୍ରହଣକାରୀ ଏକକାଳୀନ ପୂଜାର୍ଚ୍ଚନା କରିବେ। ଏଠାରେ ପିଲାମାନଙ୍କ ମନୋରଞ୍ଜନ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ଓଡିଶାର ୩୦ଟି ଜିଲ୍ଲାରୁ ପାରମ୍ପରିକ ନିରାମିଷ ଖାଦ୍ୟ ଉପଲବ୍ଧ କରୁଥିବା ଫୁଡ୍ ଷ୍ଟଲ ରହିବ। ମହୋତ୍ସବ ସମ୍ପର୍କରେ ସମସ୍ତ ବିବରଣୀ ଅଫିସିଆଲ ୱେବସାଇଟ svsamiti.com ରେ ଉପଲବ୍ଧ ରହିଛି। ଅନ୍‌ଲାଇନ ଯଜ୍ଞ ପାଇଁ ସିଟ୍ ବୁକିଙ୍ଗ ଓ ମେମ୍ବରସିପ ପାସ୍ ମଧ୍ୟ ଏହି ୱେବ୍‌ସାଇଟରେ ଉପଲବ୍ଧ ଅଛି।

# ହର୍ବାଲାଇଫ୍ ଇଣ୍ଡିଆ ପକ୍ଷରୁ ଲିଫ୍‌ଟଅଫ୍ ଶୂନ ଚିନିଯୁକ୍ତ ଇଫରଭେସେଂଟ ପାନୀୟର ବଜାର ପ୍ରବେଶ

ଭୁବନେଶ୍ୱର,୨୯।୯ (ନି.ପ୍ର) : ହର୍ବାଲାଇଫ୍ ଇଣ୍ଡିଆ, ଏକ ପ୍ରମୁଖ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କମ୍ପାନୀ, ଗୋଷ୍ଠୀ ଏବଂ ପ୍ଲାଟଫର୍ମ, ଲିଫ୍‌ଟଅଫ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି। ଏହା ଏକ ସତେଜ ଇଫରଭେସେଂଟ ପାନୀୟ ଯାହା ଶକ୍ତିପ୍ରଦାନକାରୀ ଏବଂ ସତେଜତା ଅନୁଭବ କରିବାରେ ସାହାଯ୍ୟ କରିବ। ଏଥିରେ ପାଇଁ କ୍ୟାଫିନ୍ ରହିଛି। ତରଭୁଜ ସ୍ୱାଦ ଏବଂ ଶୂନ ଆଡେଡ୍ ଚିନି ସହିତ ଉପଲବ୍ଧ, ଲିଫ୍‌ଟଅଫ୍ ଏକ ସକ୍ରିୟ ଏବଂ ସନ୍ତୁଳିତ ଜୀବନଶୈଳୀ ଖୋଜୁଥିବା ଗ୍ରାହକମାନଙ୍କ ପାଇଁ ଏକ ବିକଳ୍ପ ଭାବରେ ପ୍ରସ୍ତୁତ କରାଯାଇଛି। ହର୍ବାଲାଇଫ୍ ଏପରି ଏକ ସମୟରେ ଏହାର ବଜାର ପ୍ରବେଶ କରିଛି ଯେତେବେଳେ ଭାରତୀୟ ଗ୍ରାହକମାନେ ସକ୍ରିୟ ଜୀବନଶୈଳୀକୁ ସମର୍ଥନ




କରୁଥିବା ଅନ-ଦି-ଗୋ ପୁଷ୍ଟିସାର ଫର୍ମାଟ୍ ଖୋଜୁଛନ୍ତି। ଏହି ପରିଚୟ ସହିତ, ହର୍ବାଲାଇଫ୍ ଭାରତର ନ୍ୟୁଟ୍ରାସ୍ୟୁଟିକାଲ୍ ପାନୀୟ ବଜାର ମଧ୍ୟରେ ନିଜର ପାଦଚିହ୍ନ ବିସ୍ତାର କରିଛି। ଏହି ଅବସରରେ ହର୍ବାଲାଇଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଜୟ ଖାନ୍ନା କହିଲେ, ଏହି ଲଂଚ୍ ଗ୍ରାହକଙ୍କ ପାଇଁ ଅଭିନବ ପୁଷ୍ଟିକର ସମାଧାନର ଉପଲବ୍ଧତା ବୃଦ୍ଧି କରିବା ପ୍ରତି ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଆମର ପ୍ରୟାସ ସର୍ବଦା ବିକଶିତ ଜୀବନଶୈଳୀର ଆବଶ୍ୟକତାକୁ ପୂରଣ କରିବା ଏବଂ ଲୋକଙ୍କୁ ସୁସ୍ଥ ଏବଂ ସକ୍ରିୟ ଜୀବନଯାପନ ପାଇଁ ସଶକ୍ତ କରୁଥିବା ଉତ୍ପାଦ ପ୍ରଦାନ କରିବା। ଲିଫ୍‌ଟଅଫ୍ ହେଉଛି ଏକ ବିଜ୍ଞାନ-ସମର୍ଥିତ ଫର୍ମୁଲେସନ୍ ଯାହା ଶକ୍ତି ପ୍ରଦାନକାରୀ ଏବଂ ସତେଜତା ଅନୁଭବ କରିବାର ଏକ ସୁବିଧାଜନକ ଉପାୟ ପ୍ରଦାନ କରେ। ହର୍ବାଲାଇଫ୍‌ର ପୁଷ୍ଟିକର-ଆଧାରିତ ଉତ୍ପାଦର ପୋର୍ଟଫୋଲିଓର ଅଂଶ ଭାବରେ ଏହା ଆଜିର ଭାରତୀୟ ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିବ।

# ଓପୋ ଇଣ୍ଡିଆର ଗ୍ରାଣ୍ଡ ଫେଷ୍ଟିଭ ସେଲ୍

ଭୁବନେଶ୍ୱର,୨୯।୯ (ନି.ପ୍ର) : ଉତ୍ସବର ଆନନ୍ଦକୁ ଦୃଷ୍ଟିରେ ରଖି, ଓପୋ ଇଣ୍ଡିଆ ଭାରତର ଗ୍ରାହକମାନଙ୍କ ପାଇଁ ଏହାର ସବୁଠାରୁ ବଡ଼ ଉତ୍ସବ ସେଲ୍- 'ପେ ୦, ୱରି ୦, ୱିନ ଟ.୧୦ ଲକ୍ଷ ୩୯ର ଘୋଷଣା କରିଛି। ୧୯ ସେପ୍ଟେମ୍ବରରୁ ୩୧ ଅକ୍ଟୋବର ପର୍ଯ୍ୟନ୍ତ, ଗ୍ରାହକମାନେ ରିଟେଲ ଷ୍ଟୋର, ଓପୋ ଇ-ଷ୍ଟୋର, ଫ୍ଲିପକାର୍ଟ ଏବଂ ଆମାଜନରେ ନୂତନତମ ଲଂଚ ଯଥା ଏଫ୩୧ ସିରିଜ୍ ଏବଂ ଏଫ୧୪ ସିରିଜ୍ ସମେତ ଓପୋ ଡିଭାଇସ୍ ଉପରେ ଆକର୍ଷଣୀୟ ଅଫର୍‌ର ଲାଭ ଉଠାଇପାରିବେ। ଓପୋ ଫେଷ୍ଟିଭ ସେଲ କ୍ରେତାମାନଙ୍କୁ ଜିରୋ ଡାଉନ ପେମେଂଟ, ସୁଧମୁକ୍ତ ଇଏମଆଇ, ତୁରନ୍ତ କ୍ୟାସବ୍ୟାକ୍, ଆକର୍ଷଣୀୟ ଏକ୍ସଚେଞ୍ଜ ସ୍କିମ୍ ଏବଂ ଟ.୧୦ ଲକ୍ଷ କିମ୍ବା ଟ.୧ ଲକ୍ଷ ନଗଦ ପୁରସ୍କାର ସହିତ ନୂତନତମ ଓପୋ ଡିଭାଇସ୍ ଜିତିବାର ସୁଯୋଗ ପ୍ରଦାନ କରୁଛି। ଏଫ ସିରିଜରେ




ଜିରୋ ଡାଉନ ପେମେଂଟ ଏବଂ ସୁଧମୁକ୍ତ ଇଏମଆଇ ସହିତ ଶ୍ରେଷ୍ଠ ଡିଲ ଉପଲବ୍ଧ ରହିଛି । 'ମାଇଁ ଓପୋ ଏକ୍ସକ୍ଲୁସିଭ୍ ଦିୱାଲି ରାଫେଲ୍&#୩୯;ରେ ଗ୍ରାହକମାନେ ଟ.୧୦ ଲକ୍ଷ କିମ୍ବା ଟ.୧ ଲକ୍ଷର ନଗଦ ପୁରସ୍କାର କିମ୍ବା ଓପୋ ଡିଭାଇସ (ଏଫ୩୧ ପ୍ରୋ, ଫାଇଣ୍ଡ ଏକ୍ସ୮, ରେନୋ୧୪, ଏନକୋ ବଡ୍ସ୩ ପ୍ରୋ) ଜିତିବାର ସୁଯୋଗ ପାଇବେ। ଫ୍ଲିପକାର୍ଟ ବିଗ ବିଲିୟନ ଡେ ଏକ୍ସକ୍ଲୁସିଭରେ କେ ସିରିଜ, ଏନକୋ ବଡସ୩ ପ୍ରୋ ଏବଂ ପ୍ୟାଡ ଏସଇ(୨ ସେପ୍ଟେମ୍ବର- ୨ ଅକ୍ଟୋବର ୨୦୨୫ ) ଉପରେ ଆକର୍ଷଣୀୟ ଡିଲ ପାଇପାରିବେ ।

# ଜାୱା ୟେଜଦି 'କ୍ଲାସିକ୍ ଲିଜେଣ୍ଡ୍ସ' ମଡେଲ ବର୍ତ୍ତମାନ ପୂର୍ବ ଅପେକ୍ଷା କମ୍ ମୂଲ୍ୟରେ

ଭୁବନେଶ୍ୱର,୨୯।୯ (ନି.ପ୍ର) : ୟେଜଦି ମୋଟରସାଇକେଲ ଅଧୀନରେ ଚାଲିଥିବା 'କ୍ଲାସିକ୍ ଲିଜେଣ୍ଡ୍ସ' ବ୍ରାଣ୍ଡ ତାଙ୍କର ଲୋକପ୍ରିୟ 'କ୍ଲାସିକ୍' ମଡେଲ ପାଇଁ ନୂତନ ମୂଲ୍ୟ ଘୋଷଣା କରିଛି। ଜାୱା ୪୨ର ପୂର୍ବ ମୂଲ୍ୟ ୧୭୨, ୯୪୨ ରହିଥିବା ବେଳେ ବର୍ତ୍ତମାନ ଏହାର ମୂଲ୍ୟରେ ହ୍ରାସ ୧୫୯, ୪୩୧ ହୋଇଯାଇଛି । ସେହିଭଳି ଜାୱା ୩୫୦ର ପୂର୍ବ ମୂଲ୍ୟ ୧୯୮,୯୫୦ ରହିଥିବା ବେଳେ ବର୍ତ୍ତମାନ ଏହାର ମୂଲ୍ୟରେ ହ୍ରାସ ୧୮୩,୪୦୭ ରହିଛି । ୪୨ ବବର ମୂଲ୍ୟ ୨୦୯,୫୦୦ରୁ ହ୍ରାସ ଘଟି ୧୯୩,୧୩୩ ରହିଛି । ଜାୱା ୪୨ ର ପୂର୍ବ ମୂଲ୍ୟ ୨୧୦,୧୪୨ ରହିଥିବାବେଳେ ଏହାର ମୂଲ୍ୟରେ ହ୍ରାସ ଘଟି ୧୯୩,୭୨୫ ରହିଛି ଏବଂ ଜାୱା ପେରକର ପୂର୍ବ ମୂଲ୍ୟ ୨୧୬,୭୦୫ ରହିଥିବାବେଳେ ବର୍ତ୍ତମାନ ଏହାର ନୂଆ ମୂଲ୍ୟ ୧୯୯, ୭୭୫ ରହିଛି। ନୂତନ ମୂଲ୍ୟରେ ଏହି ମଡେଲ ବଜାରରେ




ଉପଲବ୍ଧ ହେବା ସହ, ଗ୍ରାହକମାନେ ବର୍ତ୍ତମାନ ଅଧିକ ଆକର୍ଷଣୀୟ ଦରରେ ଏହାକୁ କ୍ରୟ କରିପାରିବେ । ସେମାନଙ୍କ ମଧ୍ୟରୁ ଅଧିକାଂଶ, ଆଡଭେଂଚର, ରୋଡଷ୍ଟର, ବବର, ସ୍କ୍ରାମ୍ବଲର ପର୍ଯ୍ୟନ୍ତ, ବର୍ତ୍ତମାନ ୨ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟରେ ଉପଲବ୍ଧ। ଜିଏସଟି ୨.୦ ସଂସ୍କାର ସହିତ, ଜାୱା ଏବଂ ୟେଜଦି ଲୋକଙ୍କ ପ୍ରଦର୍ଶନ କ୍ଲାସିକ୍ ଭାବରେ ପୁନର୍ବାର ଜନ୍ମ ନେଉଛନ୍ତି, ପୁଣି ଥରେ ଭାରତର ମୋଟରସାଇକେଲିଂ ସଂସ୍କୃତିକୁ ନେତୃତ୍ୱ ଦେବାକୁ ପ୍ରସ୍ତୁତ।

ଏହି ପରିପ୍ରେକ୍ଷୀରେ ଜାୱା ୟେଜଦୀ ମୋଟରସାଇକେଲର କୋ-ଫାଉଣ୍ଡର, ଅନୁପମ ଥରେଜା କହିଛନ୍ତିଯେ 'ସରକାରଙ୍କ ସାହସିକ ଏବଂ ସମୟୋଚିତ ଜିଏସଟି ସଂସ୍କାର ୨-ଷ୍ଟ୍ରୋକ୍ ରୁ ୪-ଷ୍ଟ୍ରୋକ୍ ଇଞ୍ଜିନକୁ ଐତିହାସିକ ପରିବର୍ତ୍ତନକୁ ପ୍ରତିଫଳିତ କରି ବୃହତ ହିତ ପାଇଁ ଏକ ଉଲ୍ଲେଖନୀୟ ପରିବର୍ତନ ଆଣିବ।

# ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସାମିଲ ହେଲେ ସାରା ଓଡ଼ିଶାର ଜିଓ କର୍ମଚାରୀ




ଭୁବନେଶ୍ୱର,୨୯।୯ (ନି.ପ୍ର) : ସାରା ଓଡ଼ିଶାରେ ରିଲାଏନ୍ସ ଜିଓ କର୍ମଚାରୀମାନେ ଶନିବାର ସକାଳୁ ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଗତ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସାମିଲ ହୋଇଥିଲେ। ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନରେ ରାଜଧାନୀ ଭୁବନେଶ୍ୱର ସମେତ ଓଡ଼ିଶାର ପ୍ରମୁଖ ସହରଗୁଡିକ ସାମିଲ ରହିଥିଲା ଏବଂ ସାରା ରାଜ୍ୟରେ ରିଲାଏନ୍ସ ଜିଓ ଅଫିସଗୁଡିକର କର୍ମଚାରୀମାନଙ୍କ ଏହି ଅଭିଯାନରେ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା।

କର୍ମଚାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଲକ୍ଷ୍ୟ ରହିଥିଲା। ସମଗ୍ର ଓଡ଼ିଶାରେ ଜିଓ କର୍ମଚାରୀମାନେ ଅଫିସ ପରିସର, ନିକଟବର୍ତ୍ତୀ ଅଞ୍ଚଳ ଏବଂ ଜନବହୁଳ ସ୍ଥାନଗୁଡ଼ିକରେ ସଫେଇ କରି ଏହି ଅଭିଯାନରେ ସାମିଲ ହୋଇଥିଲେ ଏବଂ ସ୍ୱଚ୍ଛତା ବଜାୟ ରଖିବାର ବାର୍ତ୍ତା ମଧ୍ୟ ଦେଇଥିଲେ। ସେମାନେ ଲୋକମାନଙ୍କୁ ସେମାନଙ୍କ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଏକ ନିୟମିତ ଅଭ୍ୟାସରେ ପରିଣତ କରିବାକୁ ପ୍ରବର୍ତ୍ତାଇଥିଲେ। ସାରା ଦେଶରେ ମଧ୍ୟ, ରିଲାଏନ୍ସ ଜିଓ କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟମାନେ ବିଭିନ୍ନ ସହରରେ ଅନୁଷ୍ଠିତ ହୋଇଥିବା ଏହି ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିଥିଲେ।

# ୟୁକୋ ବ୍ୟାଙ୍କର ପାଟଣାଗଡ଼ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୯ (ନି.ପ୍ର) : ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ପକ୍ଷରୁ ପାଟଣାଗଡ଼ଠାରେ ଏକ ନୂତନ ଶାଖା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଶାଖାଟି ୟୁକୋ ବ୍ୟାଙ୍କର ରାଜ୍ୟର ୨୮୩ତମ ଶାଖା ହୋଇଥିବା ବେଳେ ସମ୍ବଲପୁର ଅଞ୍ଚଳର ୭୧ତମ ଶାଖା ଏବଂ



ବଲାଙ୍ଗୀର ଜିଲ୍ଲାର ୫ମ ଶାଖା ଅଟେ। ଏହି ଶାଖା ଉଦ୍‌ଘାଟନ ଅବସରରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ୟୁକୋ ବ୍ୟାଙ୍କର ମହାପ୍ରବନ୍ଧକ ଗୌତମ ପାତ୍ର ଏବଂ ସମ୍ବଲପୁର ଅଞ୍ଚଳ କାର୍ଯ୍ୟାଳୟର ଅଞ୍ଚଳ ପ୍ରମୁଖ ଗୌରବ ଚାଟାର୍ଜି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୟୁକୋ ବ୍ୟାଙ୍କର କର୍ମଚାରୀ ଓ ଗ୍ରାହକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

# ସୋଆ ଏସ୍‌ପିଏସ୍‌ର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ସ୍ୱତନ୍ତ୍ର ସେବା ଶିବିର ଆୟୋଜିତ

ଭୁବନେଶ୍ୱର, ୨୯/୦୯ (ନି.ପ୍ର) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନସେସ୍ (ଏସ୍‌ପିଏସ୍)ର ଏନ୍.ଏସ୍.ଏସ୍ ଶାଖା ପକ୍ଷରୁ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଭଗବତୀପୁର ଗ୍ରାମରେ ଚଳିତ ମାସ ୧୭ରୁ ୨୩ ତାରିଖ ସାତ ଦିନ ଧରି ସ୍ୱତନ୍ତ୍ର ସେବା ଶିବିର ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ହୋଇଯାଇଛି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ



ସୋଆ ଏନଏସ୍‌ଏସ୍ ଶାଖାର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ, ସରପଂଚ ଲକ୍ଷ୍ମୀପ୍ରିୟା ସାହୁ, ଭାବଗ୍ରାହୀ ସାହୁ, ୱାର୍ଡମେମ୍ବର ବିଭୀଷଣ ନାୟକ, ଅଙ୍ଗନବାଡୀ କର୍ମୀ ମୌସୁମୀ ପରିଡା ଏବଂ କାର୍ଯ୍ୟକ୍ରମ ଅଧିକାରୀ ସହ-ପ୍ରାଧ୍ୟାପକ ଡକ୍ଟର ରାକେଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ମାଧ୍ୟମରେ ଫାର୍ମାସୀ ବିଭାଗର ସ୍ୱେଚ୍ଛାସେବୀମାନେ ଗ୍ରାମବାସୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବିଷୟରେ ସଚେତନତା ପ୍ରଦାନ କରିଥିବାବେଳେ ଏହି ଗ୍ରାମର ସମସ୍ତ ମହିଳା ଓ ନାବାଳିକାମାନଙ୍କୁ ସ୍ୱଚ୍ଛତା, ମାସିକ ଋତୁସ୍ରାବ, ନାରୀମାନଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର ସଚେତନତା ଓ ନିୟମ ସଂପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ "ମା ପାଇଁ ଗଛଟିଏ" ସହ ମୌଳିକ ଆଇନ ସହାୟତାର ବିଭିନ୍ନ ଦିଗ ବିଷୟରେ ଶିବିର ଓ ପଦଯାତ୍ରା ଆଦି ଆୟୋଜନ କରାଯାଇଥିଲା। ଏହି ସାତଦିନିଆ ଶିବିରରେ ଗ୍ରାମୀଣ ପରିବେଶରେ ସରକାରଙ୍କ ଦ୍ୱାରା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ବିଷୟରେ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନେବାର ଲକ୍ଷ୍ୟ ନିଆଯାଇଥିଲା।

# ଦୁର୍ଗା ପୂଜା ପାଇଁ ଭି-ଗାର୍ଡର ମେଗା ଅଫର

କଟକ,୨୯।୯ (ନି.ପ୍ର) : ଦୁର୍ଗା ପୂଜା ଅବସରରେ ଭି-ଗାର୍ଡ ପକ୍ଷରୁ ଆଣାଯାଇଛି ମେଗା ଅଫର। ସମସ୍ତ ପ୍ରୋଡକ୍ଟରେ ମିଳୁଛି ୫୦% ପର୍ଯ୍ୟନ୍ତ ରିହାତି । ପ୍ରତି ୫,୦୦୦




ଟଙ୍କା କ୍ରୟରେ ମିଳିବ ଗିଫ୍ଟ କୁପନ୍ ଏବଂ କୁପନ୍ ସହିତ ସ୍କ୍ରାଚ୍ କରି ଆକର୍ଷଣୀୟ ପୁରସ୍କାର ଜିତିବା ର ସୁଯୋଗ ମଧ୍ୟ ଅଛି । ଏଥିପାଇଁ ରହିଛି (ରଙ୍ଗ-ମଷବଭଶର ଢଲଲରକ୍ସ) ଏକ୍ସଚେଞ୍ଜ ଅଫର, ଯେଉଁଥିରେ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରିବା ର ସୁଯୋଗ ମଧ୍ୟ ରହିଛି । କଟକ କେଉଟା ସାହି, ଚୌଧୁରୀ ବଜାର ଠାରେ ଥିବା ଭି-ଗାର୍ଡ ଏକ୍ସକ୍ଲୁସିଭ୍ ଷ୍ଟୋର – ଶ୍ରୀ ସାଇ ଇଲେକ୍ଟ୍ରିକାଲ୍ସ ରେ ଉପଲବ୍ଧ ହେଉଛି – ଫ୍ୟାନ୍, ଗିଜ୍ର, ବ୍ୟାଟେରି, ଇନଭର୍ଟ, ଗ୍ୟାସ୍ ଚୁଲ୍, କିଚେନ୍ ଚିମନି, ଇନ୍ଡକ୍ସନ୍ ଏବଂ ମିକ୍ସର୍ ଗ୍ରାଇଣ୍ଡର୍ ଭଳି ବିଭିନ୍ନ ଗୁଣସ୍ତରୀୟ ପ୍ରଡକ୍ଟ । ଏହି ମେଗା ଅଫର ର ଫାଇଦା ଗ୍ରାହକ ୨୪ ସେପଟ୍ମେର ରୁ ୧୦ ଅକ୍ଟୋବର ମଧ୍ୟରେ ନେଇପାରିବେ । ଏ ସମସ୍ତ ସୂଚନା ଦେଇଛନ୍ତି ଶ୍ରୀ ସାଇ ଇଲେକ୍ଟ୍ରିକାଲ୍ସ ର ମୁଖ୍ୟ ସୋହନ ଅଗ୍ରୱାଲ ।

# ମୋଦୀ ଅରଣ୍ୟ ବାଟିକାରେ ବୃକ୍ଷ ରୋପଣ କଲେ ସାଂସଦ ପ୍ରଦୀପ ପାଣିଗ୍ରାହୀ

ବାଲିଅନ୍ତା,୨୯।୯ (ନି.ପ୍ର) : ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ ଅଧୀନସ୍ଥ ସୁଦର୍ଶନ ଦାରୁ ପୀଠରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀ ନାମରେ ନାମିତ 'ମୋଦି ଅରଣ୍ୟ ବାଟିକା' ରେ ରବିବାର ଦିନ ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସାମାଜିକ ଓ ପରିବେଶଭିତିକ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ଦୀନବନ୍ଧୁ ଭୋଇଙ୍କ ନେତୃତ୍ୱରେ କିଛି ଫଳ ଗଛ ରୋପଣ କରାଯାଇଥିଲା । ମୋଦୀଜୀଙ୍କ ୭୫ତମ ଜନ୍ମଦିନ ଅବସରରେ ନୂତନ ଭାବରେ ସୃଷ୍ଟି କରାଯାଇଥିବା ବାଟିକାରେ ୪୦ ପ୍ରକାରର ଫଳ ଗଛ ସହିତ ଔଷଧ ବୃକ୍ଷ ରୋପଣ କରାଯାଇ ଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର



ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ବରିଷ୍ଠ ହୋମିଓପାଥି ପକ୍ଷାଘାତ ଚିକିତ୍ସକ ନେତ୍ରାନନ୍ଦ ଭୋଇ, ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର , ଯୁବସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି ପ୍ରିୟବ୍ରତ ପାତ୍ର ଓ ଉମାକାନ୍ତ ବେହେରାଙ୍କ ସହିତ ଅଞ୍ଚଳବାସୀ ଯୋଗଦେଇ ବୃକ୍ଷରୋପଣ କରାଯାଇଥିଲା । ସାଂସଦ ପ୍ରଥମେ ହୀରାପୁର ମହାମାୟା ଚଉଷଠି ତନ୍ତ୍ରପୀଠ ରେ ମାଙ୍କୁ ଦର୍ଶନ କରିବା ସହିତ ପୂଜା ଅର୍ଚ୍ଚନା କରିଥିଲେ । ପରେ ଜସୁଆପୁର୍ ନୃସିଂହ ନାଥ ମନ୍ଦିର ଦର୍ଶନ କରି ଶେଷରେ ସୁଦର୍ଶନ ଦାରୁ ଠାକୁର ମନ୍ଦିର ପରିଭ୍ରମଣ କରି ବୃକ୍ଷ ରୋପଣ କରିଥିଲେ ।

## AFFIDAVIT

By virtue of an affidavit , Dtd. 26.09.2025 Sworn before Executive Magistrate, Barbil, Dist. Keonjhar, I, Ronak Parween (23), D/O- Sadik Khan, At- Upar Basti, Barbil, Po/PS. Barbil, Dist. Keonjhar, Odisha, do here by solemnly affirm and declare as follows. That I am the deponent of this affidavit. That as per Aadhaar No.3312 8850 0962, my father's actual and good name is Sadik Khan and as per Aadhaar Card No. 8838 1806 2832, my mother's actual and goodname is Sufia Khatun. That in the School Certificate as issued by the issuing authority of HSC, vide Sl No. 1501190743, my father's name is written as Ahmed Sadik, instead of actual name Sadik Khan and my mother's name has been written as Suphia Khatoon belongs to one and same person to the name of my mother, and both the names Sadik Khan & Ahmed Sadik belongs to one and same person to the name of my father, That by virtue of this affidavit from to-day onwards, my actual and good name will be treated as Ronak Parween, name of mother Sufia Khatun, name of father Sadik Khan for all purpose. That I swear this affidavit to produce before the concerned authority as and when required for necessary action. That the facts stated above are true to the best of my knowledge and belief.

***Deponent***

# ବିଭିନ୍ନ ପୂଜା ମଣ୍ଡପ ବୁଲି ମାଙ୍କୁ ଦର୍ଶନ କଲେ : ମନ୍ତ୍ରୀ ଓ ବିଧାୟକ



ବ୍ରହ୍ମପୁର:-(ଗଞ୍ଜାମ ଜିଲ୍ଲା ପ୍ରତିନିଧି): ବ୍ରହ୍ମପୁରର ସର୍ବ ପୁରାତନ ଗୋସାଇଁନୂଆଗାଁ ର ଅଧିଷ୍ଠାତ୍ରୀ ଦେବୀ ମାଁ କାଲୁଆଙ୍କୁ ଦର୍ଶନ କରିବା ପାଇଁ ଓଡ଼ିଶା ସରକାରଙ୍କ ମାନ୍ୟବର ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅସ୍ଥାୟୀ ମଣ୍ଡପରେ ପହଞ୍ଚି ମାଁ କାଲୁଆଙ୍କ ଆଶିର୍ବାଦ ନେବା ସହ ଜଗତର କଲ୍ୟାଣ ପାଇଁ କାମନା କରିଛନ୍ତି। କାଲୁଆ ପୁଜା କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ପାଛୋଟି ନେବା ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏହାପରେ ବ୍ରହ୍ମପୁର ର ବିଭିନ୍ନ ଦୁର୍ଗା ପୂଜା ମଣ୍ଡପ ବୁଲି ମା ଦୁର୍ଗାଙ୍କ ଦର୍ଶନ କରିଥିଲେ । ପ୍ରଥମେ ବିଜିପୁର ସ୍ଥିତ ଦୁର୍ଗା ପୂଜା ମଣ୍ଡପ ଦର୍ଶନ ସାରି ,ମାନ୍ୟବର ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର,ବିଜେପିର ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ଙ୍କ ସହ ଗାନ୍ଧୀନଗର ସ୍ଥିତ ଦୁର୍ଗା ପୂଜା ଟାଟାବେଞ୍ଜି ସ୍ଥିତ ଦୁର୍ଗା ପୂଜା ମେଢ଼ ଦର୍ଶନ କରି ମାଁ ଦୂର୍ଗାଙ୍କ ଆଶିଷ ଭିକ୍ଷା ଲାଭ କରିଥିଲେ । ଶେଷରେ କମାପଲ୍ଲୀ ଦୁର୍ଗା ପୂଜା ମଣ୍ଡପ କୁ ଯାଇ ଦର୍ଶନ କରିଥିଲେ । ସାଥିରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସୁନିଲ କୁମାର ସାହୁ,ଜିଲ୍ଲା ଉପସଭାପତି ଗଙ୍ଗାଧର ଶତପଥୀ,ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର,ଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ଜିଲ୍ଲା ପରିଷଦମାନଙ୍କ ସମୀକ୍ଷା ବୈଠକ

ଅନୁଗୋଳ,୨୯।୯(ନି.ପ୍ର.): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ନିର୍ଦ୍ଦେଶକ୍ରମେ ଚାରି ଗୋଟି ଜିଲ୍ଲା ଯଥା କଟକ, ଢେଙ୍କାନାଳ, ଦେବଗଡ, ଅନୁଗୋଳର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମାନଙ୍କର ଏକ ସମୀକ୍ଷା ବୈଠକ, ଅନୁଗୋଳ ଜିଲ୍ଲା ପ୍ରଦକ୍ଷଣ ଗୃହ (ସର୍କିଟ ହାଉସ) ସମ୍ମିଳନୀ କକ୍ଷରେ ଗିରିଶ ଏସ .ଏନ, ଆୟୁକ୍ତ ତଥା ଶାସନ ସଚ଼ିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ସମୀକ୍ଷା ବୈଠକରେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ, ପଞ୍ଚାୟତିରାଜ ଯୋଗଦେଇ ବିଭିନ୍ନ ଯୋଜନା ଗୁଡିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ ଥିବା ମନରେଗା, ଗ୍ରାମୀଣ ଗୃହ ନିର୍ମାଣ, ବିକଶିତ ଗାଁ ଓ ବିକଶିତ ଓଡିଶା ଇତ୍ୟାଦି ଯୋଜନାର ସମୀକ୍ଷା କରାଯାଇଥିଲା ।



ଏହି ସମୀକ୍ଷା ବୈଠକରେ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ପ୍ରଧାନ ମନ୍ତ୍ରୀ ଗ୍ରାମୀଣ ଅବାସ ଯୋଜନା ଏବଂ ଅନ୍ତୋଦୟ ଗୃହ ଯୋଜନା ଅଗ୍ରଗତି ଉପରେ ଆଲୋଚ଼ନା କରି ଅସମ୍ପୂର୍ଣ୍ଣ ଗୃହ ଗୁଡିକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ମନରେଗା ଯୋଜନାରେ ମାସିକ ଶ୍ରମ ଅଟକଳର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଆୟୁକ୍ତ ତଥା ଶାସନ ସଚ଼ିବ ନିର୍ଦ୍ଦେଶ ଦେଇଥିଲେ। ବିକଶିତ ଗାଁ ଓ ବିକଶିତ ଓଡିଶା ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଗୁଡିକର ଅଗ୍ରଗତି ଉପରେ ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ସମୀକ୍ଷା କରି ୨୦୨୪-୨୫ ଆର୍ଥିକ ବର୍ଷରେ ଆରମ୍ଭ ନହୋଇ ପଡିରହିଥିବା ପ୍ରକଳ୍ପ ସବୁକୁ ଯଥା ଶୀଘ୍ର ଆରମ୍ଭ କରି ନଭେମ୍ବର ୨୦୨୫ ସୁଦ୍ଧା ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ, ଅନୁଗୋଳ ଅବଦଲ ମୁହମଦ ଅଖତର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହାନ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ ଉପରୋକ୍ତ ଚ଼ାରି ଗୋଟି ଜିଲ୍ଲାର ବିଭିନ୍ନ ଯୋଜନା ଅନ୍ତର୍ଗତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।




# ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନର ଶୁଭାରମ୍ଭ

ବ୍ରହ୍ମପୁର,୨୯।୦୯(ଗଞ୍ଜାମ ଜିଲ୍ଲା ପ୍ରତିନିଧି )ବ୍ରହ୍ମପୁର ସ୍ଥିତ ଖୋଡାସିଙ୍ଗି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରେ ନଗର ସ୍ତରୀୟ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ଅନ୍ତର୍ଗତ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଶିବିର କାର୍ଯ୍ୟକ୍ରମର ଶୁଭାରମ୍ଭ ସଂଘମିତ୍ରା ଦଳେଇ ମେୟର ବ୍ରହ୍ମପୁର ମହାନଗର ନିଗମ ଙ୍କ କରକମଳରେ ଓ ଇଂ. ଇ.ଗିବେକ ରେଡ଼ି ଉପମେୟର ଙ୍କ ଉପସ୍ଥିତିରେ ହୋଇଯାଇଅଛି । ଏହି ଅବସରରେ ଉପସ୍ଥିତ ଥିବା ଅତିଥି, ଡ଼ା. ଶରତ କୁମାର ସାମଲ ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସିଡିଏମ ଏନ୍ୟୁଏଚ୍ଏମ, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ, ଖୋଡାସିଙ୍ଗି, ସମସ୍ତ ବିଶେଷଜ୍ଞ ଚିକିତ୍ସା ଅଧିକାରୀ, ପିଏଚଏମ, ସିଡିଏମଓ ଓ ଚିକିତ୍ସା କେନ୍ଦ୍ର ର ସମସ୍ତ କର୍ମକର୍ତ୍ତା, ମହିଳା ଆରୋଗ୍ୟ ସମିତି ର ସଦସ୍ୟା ବୃନ୍ଦ ଓ ସେବା ପ୍ରାପ୍ତ ଓ ପାଇବାକୁ ଥିବା ମହିଳା ହିତାଧିକାରୀ ଆଦି ଉପସ୍ଥିତ ଥିଲେ ।ସାରା ଭାରତ ବର୍ଷରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏହି 'ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଗତ ୧୭ ରିଖ ଠାରୁ ଆରମ୍ଭ ହୋଇଯାଇଅଛି ଯାହାକି ଆସନ୍ତା ମାସ ତଥା ୦୨.୧୦.୨୦୨୫ ରିଖ ଯାଏଁ ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ପାଳନ କରାଯିବ । ଏହି ଅବସର ରେ ଭାରତ ର ସମସ୍ତ ମହିଳା ମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ବିଶେଷଜ୍ଞ ସେବା ମାଧ୍ୟମରେ ବିଭିନ୍ନ ପ୍ରକାର ର ସ୍ୱାସ୍ଥ୍ୟ ସେବା ଯଥା; ଅଣସଂକ୍ରାମକ ରୋଗ ଯେପରିକି ମଧୁମେହ, ଉଚ୍ଚ ରକ୍ତଚାପ, ଗର୍ଭାଶୟ କର୍କଟ, ସ୍ତନ କର୍କଟ, ମୁଖ କର୍କଟ, ଯକ୍ଷ୍ମା ରୋଗ, ରକ୍ତ ହୀନତା, ରକ୍ତ ଶିଙ୍କୁଳି ଜନିତ ରୋଗ ଆଦିର ଚିହ୍ନିତିକରଣ, ଗର୍ଭଜନିତ ସେବା ଓ ବୟସ ମୁତାବକ ଟୀକାକରଣ ଭଳି ସ୍ୱାସ୍ଥ୍ୟ ସେବା ଯୋଗେଇ ଦେବାର ଲକ୍ଷ ରକ୍ଷା ଯାଇଛି। ଏହି ଅବସର ରେ ମୁଖ୍ୟ ଅତିଥି ଶ୍ରୀମତୀ ସଂଘମିତ୍ରା ଦଳେଇ, ମହିଳା ମାଙ୍କୁ ଉତ୍ସାହିତ କରିବା ସହ ନିଜ ପାଇଁ କିଛି ସମୟ ବାହାର କରି ନିଜ ଶରୀର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଅହ୍ୱାନ ଦେଇଥିଲେ । ସେହି ପରି ଅନ୍ୟ ସମସ୍ତ ଅତିଥିମାନେ ମହିଳା ମାନଙ୍କର ଉତ୍ସର୍ଗୀକୃତ ମନୋଭାବ କୁ ପ୍ରସଂଶା କରିବା ସହ ସମସ୍ତେ ସରକାର ଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମ ରେ ବିପୁଳ ମାତ୍ରାରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ଟି କୁ ସଫଳ ମଣ୍ଡିତ୍ୟ କରିବାକୁ ପ୍ରବର୍ତ୍ତାଇ ଥିଲେ। ଏହି ଅବସରରେ ଅତିରିକ୍ତ ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡ଼ା. ଶରତ କୁମାର ସାମଲ, ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷାର ଗୁରୁତ୍ୱକୁ ଆଲୋଚନା କରିବା ସହ ଆଗାମୀ ଦିନ ମାନଙ୍କ ରେ କେଉଁ କେଉଁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଏହିଭଳି ସ୍ୱାସ୍ଥ୍ୟ ସେବା ର ଯୋଜନା ଅଛି ତାହା କହିଥିଲେ।






## ଅକ୍ଟୋବର ଓ ନଭେମ୍ବର ମାସ ନିମନ୍ତେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

ଯାଜପୁର: ୨୯।୦୯: ଚଳିତ ବର୍ଷ ୨୦୨୫ ଅକ୍ଟୋବର ଓ ନଭେମ୍ବର ମାସରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲଙ୍କ ଜିଲ୍ଲାସ୍ତରୀୟ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଜନ ସାଧାରଣଙ୍କର ବିଭିନ୍ନ ଆପତି ଅଭିଯୋଗ ଗୁଡିକୁ ଜିଲ୍ଲାର ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ଆରକ୍ଷୀ ଅଧିକ୍ଷକ ମିଳିତ ଭାବେ ଅଭିଯୋଗ ଗୁଡିକର ତତ୍କାଳ ସମାଧାନ କରିବେ । ଚଳିତ ଅକ୍ଟୋବର ମାସରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଗୁଡିକର କାର୍ଯ୍ୟସୂଚୀ ଅନୁଯାୟୀ ତା ୦୬।୧୦।୨୦୨୫ ରିଖ (ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ଯାଜପୁର ରେ, ତା ୧୩।୧୦।୨୦୨୫ ରିଖ (ସୋମବାର) କେ.ଏନ୍.ଡି.ଏ ସମ୍ମିଳନୀ କକ୍ଷ, କଳିଙ୍ଗନଗର ରେ ତା ୨୦।୧୦।୨୦୨୫ ରିଖ (ସୋମବାର) ଦଶରଥପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୨୭।୧୦।୨୦୨୫ ରିଖ (ସୋମବାର) ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ, ସେହିପରି ଆଗାମୀ ନଭେମ୍ବର ମାସ ତା ୦୩.୧୧.୨୦୨୫ ରିଖ(ସୋମବାର) ଜିଲ୍ଲା ପରିଷଦ ସମ୍ମିଳନୀ ଗୃହ, ଯାଜପୁର, ତା ୧୦.୧୧.୨୦୨୫ ରିଖ(ସୋମବାର) ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ, ତା ୧୭.୧୧.୨୦୨୫ ରିଖ(ସୋମବାର) ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ତା ୨୪.୧୧.୨୦୨୫ ରିଖ (ସୋମବାର) ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ପୂର୍ବାହ୍ନ ଘ. ୧୦.୦୦ ଟିକା ସମୟରୁ ଅପରାହ୍ନ ଘ ୦୨.୦୦ ଟିକା ସମୟ ପର୍ଯ୍ୟନ୍ତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏଣୁ ଦଶରଥପୁର ବ୍ଲକ, ଦାନଗଦି ବ୍ଲକ, ସୁକିନ୍ଦା ବ୍ଲକ, ଧର୍ମଶାଳା ବ୍ଲକ, ରସୁଲପୁର ବ୍ଲକ ଏବଂ ଜିଲ୍ଲାର ଜନସାଧାରଣଙ୍କ କୌଣସି ଆପତି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କର ଆପତି ଅଭିଯୋଗ ଗୁଡିକର ସମାଧାନ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଗଲା।







Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut**

ସଂପାଦକ: ଶରତ ରାଉତ